ବର୍ଷ-୨୪, ସଂଖ୍ୟା-୧୬୭
ଭୁବନେଶ୍ୱର
୧୭ ଜୁଲାଇ, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 167
Bhubaneswar
17 July, 2024, Wednesday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ୧୮ରେ ପୁଣି ଖୋଲିବ ରତ୍ନଭଣ୍ଡାର



## ସକାଳ ୯ଟା୫୧ ରୁ ୧୨ ଟା ୧୫ ପର୍ଯ୍ୟନ୍ତ ଶୁଭ ମୁହୂର୍ତ୍ତ
## ସ୍ଥାନାନ୍ତରଣ ପ୍ରକ୍ରିୟାର ହେବ ଭିଡିଓଗ୍ରାଫି
## ଗୁରୁବାର ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବେଶ ବାରଣ

ପୁରୀ,୧୬।୭(ମହାଭାରତ): ରାଜ୍ୟ ସରକାରଙ୍କ ଜାରି ମାର୍ଗଦର୍ଶିକା ଅନୁସାରେ ଗଠିତ ୧୧ ଜଣିଆ କମିଟିର ଏକ ଜରୁରୀ ବୈଠକ ଆଜି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମସ୍ତ କମିଟି ସଦସ୍ୟ ଉପସ୍ଥିତ ରହି ବିସ୍ତୃତ ଆଲୋଚନା କରିଥିଲେ।

ଆସନ୍ତା ୧୮ ତାରିଖରେ ପୁଣି ଖୋଲାଯିବ ରତ୍ନଭଣ୍ଡାର। ରତ୍ନଭଣ୍ଡାର ସଂପର୍କିତ ଜରୁରୀ ବୈଠକ ପରେ ରତ୍ନଭଣ୍ଡାର ତଦାରଖ କମିଟି ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରତ୍ନଭଣ୍ଡାର ଆସନ୍ତା ଗୁରୁବାର ଖୋଲାଯିବ। ରତ୍ନ ଭଣ୍ଡାର ଖୋଲିବା ନେଇ ଶୁଭ ମୂହର୍ତ୍ତ ବାହାରିଛି। ଗୁରୁବାର ସକାଳ ୯ଟା ୫୧ରୁ ୧୨ଟା ୧୫ ପର୍ଯ୍ୟନ୍ତ ଶୁଭ ମୂହର୍ତ୍ତ ରହିଛି। ଏହି ସମୟ ମଧ୍ୟରେ ଭିତର ରତ୍ନ ଭଣ୍ଡାର ତାଲାକୁ ଖୋଲାଯିବ। ଏହି ସମୟରେ ନୀତିକାନ୍ତିରେ ଯେପରି କୌଣସି ବାଧା ସୃଷ୍ଟି ନ ହେବ ତା' ଉପରେ ଦୃଷ୍ଟି ଦିଆଯିବ।

ଜଷ୍ଟିସ ବିଶ୍ୱନାଥ ରଥ କହିଛନ୍ତି, ଭିତର ଭଣ୍ଡାର ତାଲା ଖୋଲି ଭିତରକୁ ଯିବୁ। ସେଠାରେ ଥିବା ଜିନିଷ ପତ୍ର ଗୁଡ଼ିକୁ ଆଖିରେ ଦେଖିବୁ। ଏହାପରେ ଅଳଙ୍କାର ଗୁଡ଼ିକ ଯତ୍ନ ସହକାରେ ନୂତନ ଆଲମିରାକୁ ଓ ସିନ୍ଦୁକକୁ ସ୍ଥାନାନ୍ତରଣ କରିବୁ। ସମସ୍ତ ସ୍ଥାନାନ୍ତରଣ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ। ରତ୍ନ ଭଣ୍ଡାରରେ ଆଲମିରା ଓ ସିନ୍ଦୁକ ଗୁଡ଼ିକ ଚଟିପଟେ କାନ୍ଥକୁ ଲାଗି ରହିଛି। ଭିତର ରତ୍ନ ଭଣ୍ଡାରରେ କାନ୍ଥ ଦେଖାଯାଉ ନାହିଁ। ଆଲମିରା ଓ ସିନ୍ଦୁକରେ କ'ଣ ରହିଛି, ତା' ତଳେ କ'ଣ ରହିଛି ଆମେ ଦେଖିନାହୁଁ।

ରତ୍ନ ଭଣ୍ଡାର ଖୋଲାଯିବା ବେଳେ ମନ୍ଦିରରେ ଭକ୍ତଙ୍କ ପ୍ରବେଶ ବାରଣ କରାଯିବ। ଉକ୍ତ ସମୟରେ କେବଳ ଅଧିକୃତ ସେବାୟତ ଓ ରତ୍ନ ଭଣ୍ଡାର ଭିତରକୁ ଯିବାକୁ ଅନୁମତି ପାଇଥିବା ବ୍ୟକ୍ତିବିଶେଷ ହିଁ ଭିତରକୁ ଯାଇପାରିବେ ବୋଲି କହିଛନ୍ତି ଜଷ୍ଟିସ ବିଶ୍ୱନାଥ ରଥ। ସଂପୂର୍ଣ୍ଣ କାର୍ଯ୍ୟ ସରିବା ପରେ ସେଠାରେ ଉପସ୍ଥିତ ଏଏସଆଇ ଏକ୍ସପର୍ଟ ରତ୍ନ ଭଣ୍ଡାର ଅନୁଧ୍ୟାନ କରିବେ। ପରେ ତାଲା ସିଲ୍ କରାଯିବ। ତାଲାକୁ ଜଉମୁଦ ସିଲ୍ କରାଯାଇ ଚାବି ଟ୍ରେଜେରୀରେ ରଖାଯିବ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ସମୟ ଅଭାବରୁ ୧୪ ତାରିଖରୁ ଭିତର ରତ୍ନଭଣ୍ଡାର ସିନ୍ଦୁକ, ଆଲମାରୀ ଖୋଲିନଥିଲୁ। ଆଉଦିନେ ଖୋଲିବାକୁ ନିଷ୍ପତ୍ତି ନେଇ ନୂଆ ତାଲା ପକାଇ ସିଲ୍ କରାଯାଇଥିଲା। ୩ଟି ତାଲା ଭଙ୍ଗାଯାଇଥିଲେ ବି ୨ଟି ନୂଆ। ତାଲା ପକାଇବା ସମ୍ଭବ ହେଲା। ୨ଟି ନୂଆ। ତାଲାର ଚାବି ଓ ଭଙ୍ଗାଯାଇଥିବା ତାଲା ଟ୍ରେଜେରୀ ଜିମା ଦିଆଯାଇଛି।

ଆସନ୍ତା ଗୁରୁବାର ଦିନ ଟ୍ରେଜେରୀରୁ ନୂଆ ତାଲାର ଚାବି ଆଣି ଖୋଲାଯିବ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପ୍ରଥମେ ରତ୍ନଭଣ୍ଡାରରେ ଥିବା ଗହଣାଗୁଡ଼ିକୁ ଅସ୍ଥାୟୀ ରତ୍ନଭଣ୍ଡାର 'ଖଟଶେଯ ଘର'କୁ ସ୍ଥାନାନ୍ତରଣ କରାଯିବ। ମାର୍ଗ ଦର୍ଶିକା ଅନୁସାରେ ଅସ୍ଥାୟୀ ରତ୍ନଭଣ୍ଡାରରେ ସିସିଟିଭି କ୍ୟାମେରା ଓ ଲାଇଟ ଲାଗିବ। ସମସ୍ତ ଗହଣା ଅସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତରଣ ପରେ ମୂଳ ରତ୍ନଭଣ୍ଡାର ମରାମତି ହେବ। ଏଏସଆଇ ଦ୍ୱାରା ମରାମତି କାର୍ଯ୍ୟ ସରିବା ପରେ ଗଣତି, ମଣତି ହେବୟ ପ୍ରତି ଆଲମିରାର ଭିଡିଓଗ୍ରାଫି କରାଯାଇଛି। ଗତ ୧୪ ତାରିଖରେ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ନେତୃତ୍ୱରେ ୧୧ ଜଣିଆ ଉଚ୍ଚସ୍ତରୀୟ କମିଟି, ରତ୍ନଭଣ୍ଡାର ଭିତରକୁ ଯାଇ ଅନୁଧ୍ୟାନ କରିଥିଲେ। ବାହାର ଭଣ୍ଡାର ତାଲା ଚାବିରେ ଖୋଲିଥିବାବେଳେ ଭିତର ଭଣ୍ଡାର ତାଲା ଭଙ୍ଗା ଯାଇଥିଲା। ଉକ୍ତ ଦିନ ବାହାର ଭଣ୍ଡାର ରତ୍ନ ଅଳଙ୍କାର ସବୁ ସ୍ଥାନାନ୍ତର ହୋଇଥିବା ବେଳେ ଭିତର ଭଣ୍ଡାର ସିନ୍ଦୁକ ଓ ଆଲମାରୀରେ ଥିବା ଅଳଙ୍କାର ସବୁର ସ୍ଥାନାନ୍ତର ରଥଯାତ୍ରା ପରେ ହେବ ବୋଲି ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସନ ସୂଚନା ଦେଇଥିଲେ। ତେଣୁ ସୁନାବେଶ ସରିବା ପରେ ଗୁରୁବାର ପୁଣି ଥରେ ରତ୍ନ ଭଣ୍ଡାର ଖୋଲିବ ବୋଲି ଆଜି ସ୍ପଷ୍ଟ କରିଛି ରତ୍ନ ଭଣ୍ଡାର ଯାଞ୍ଚ କମିଟି।

## ୨୧ରୁ ମାଟ୍ରିକ୍ ସପ୍ଲିମେଣ୍ଟାରୀ

କଟକ,୧୬।୭(ମହାଭାରତ): ଜୁଲାଇ ୨୧ରୁ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ବୋର୍ଡ ୱେବସାଇଟରେ ଆଡମିଟ୍ କାର୍ଡ ଉପଲବ୍ଧ କରାଯାଇଛି। ଆଜି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରେସ୍ ରିଲିଜ୍ ଜରିଆରେ ଏହି ସୂଚନା ଦିଆଯାଇଛି। ଛାତ୍ରଛାତ୍ରୀମାନେ www.bseodisha.ac.inକୁ ଯାଇ ସେମାନଙ୍କ ଆଡମିଟ୍ କାର୍ଡ ଡାଉନ୍ଲୋଡ୍ କରିପାରିବେ। ଷ୍ଟେଟ ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀମାନେ ମଧ୍ୟ ଏଥିରୁ ସେମାନଙ୍କ ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ।

ଜୁଲାଇ ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ମାଟ୍ରିକ ସପ୍ଲିମେଣ୍ଟାରୀ ଓ ଏସ୍ଓଏସ୍ସି ପରୀକ୍ଷା ଅନୁଷ୍ଠିତ ହେବ। ୯୭୨ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବେ। ସେମାନଙ୍କ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ୮୩ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ସେହିଭଳି ଏସ୍ଓଏସ୍ସି ପରୀକ୍ଷା ପାଇଁ ୧୨୧ଟି କେନ୍ଦ୍ର କରାଯାଇଛି। ଏହି କେନ୍ଦ୍ରଗୁଡ଼ିକରେ ମୋଟ ୨୪ ହଜାର ୫୨୦ ଜଣ ପରୀକ୍ଷା ଦେବେ। ଏହି ପରୀକ୍ଷା ସମ୍ବନ୍ଧରେ କୌଣସି ଦ୍ୱନ୍ଦ୍ୱ ଥିଲେ ବା ଅଧିକ କିଛି ଜାଣିବାର ଥିଲେ ପରୀକ୍ଷାର୍ଥୀମାନେ ୦୭୬୧-୨୪୧୫୩୦୫କୁ ଫୋନ୍ କରିପାରିବେ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ମୋଟ ୫ ଲକ୍ଷ ୪୧ ହଜାର ୬୧ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପାସ୍ କରିଥିଲେ ୫ ଲକ୍ଷ ୩୦ ହଜାର ୧୫୩ ଜଣ। ପୁଅଙ୍କ ଅପେକ୍ଷା ଝିଅଙ୍କ ପାସ୍ ହାର ଅଧିକ ରହିଥିଲା। ଝିଅଙ୍କ ପାସ୍ ହାର ୯୬.୭୩% ରହିଥିବା ବେଳେ ପୁଅଙ୍କ ପାସ୍ ହାର ୯୫.୩୯% ରହିଥିଲା।

# ଆଜି ସୁନାବେଶ

## ନିୟୋଜିତ ହେବେ ୧୯୦ ପ୍ଲାଟୁନ ଫୋର୍ସ



ପୁରୀ,୧୫।୭(ମହାଭାରତ): ଆସନ୍ତାକାଲି ସୁନାବେଶ। ରଥ ଉପରେ ମହଣ ମହଣ ସୁନାରେ ସଜେଇ ହୋଇ ଭକ୍ତ ମାନଙ୍କୁ ଦର୍ଶନ ଦେବେ ଶ୍ରୀଜୀଉ। ଆସନ୍ତାକାଲି ହରିଶୟନ ଏକାଦଶୀ ତିଥି ଥିବାରୁ ରଥ ଉପରେ ମହାପ୍ରଭୁ ଶ୍ରୀ ବଳଭଦ୍ର, ଶ୍ରୀ ଜଗନ୍ନାଥ ଏବଂ ଦେବୀ ସୁଭଦ୍ରାଙ୍କୁ ସୁନାବେଶ କରାଯିବ। ହୀରାନୀଳା ଖଚିତ ବିଭିନ୍ନ ସୁବର୍ଣ୍ଣ ଅଳଙ୍କାରରେ ଆଭୂଷିତ ହେବେ ମହାପ୍ରଭୁ।

ସନ୍ଧ୍ୟା ଆଳତି ପରେ ପ୍ରଭୁଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯିବ। ଏହାପରେ ଦାରୁବ୍ରହ୍ମଙ୍କୁ ସୁନାବେଶ କରାଯିବ। ଅପରାହ୍ଣ ୫ଟାରେ ସୁନାବେଶ ଆରମ୍ଭ ପାଇଁ ସମୟ ନିର୍ଦ୍ଧାରଣ କରାଯାଇଛି। ତେବେ ଦିନ ୨ଟା ସୁଦ୍ଧା ଠାକୁରଙ୍କୁ ସୁନାବେଶ କରାଇବା ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ ଚାଲିଛି। ସୁନାବେଶରେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଛି। ପୂର୍ବଭଳି ମେଡିକାଲ ଛକରୁ ଚାଲି ଚାଲି ଯିବେ ଭକ୍ତ। ଏଥିପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ମେଡିକାଲ ଛକରୁ ଶ୍ରୀମନ୍ଦିର ମଧ୍ୟରେ ବଡଦାଣ୍ଡକୁ ସଂଯୋଗ କରୁଥିବା ରାସ୍ତାକୁ ସିଲ କରାଯାଇଛି। ଆବଶ୍ୟକ ପଡିଲେ ଶ୍ରୀମାର୍ଗକୁ ବ୍ୟବହାର କରାଯିବ। ଅଧିକ ଭିଡ଼ ହେଲେ ଲୋକଙ୍କୁ ବାହାର କରିବା ପାଇଁ ସିଲ ହୋଇଥିବା ରାସ୍ତାକୁ ମଧ୍ୟ ବ୍ୟବହାର କରାଯିବ। ପାଖାପାଖି ୧୯୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏନେଇ ପୁରୀ ଏସପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

# ଦୟା ୱେଷ୍ଟ କେନାଲର ହେବ ପୁନରୁଦ୍ଧାର

## ଭୁବନେଶ୍ୱରର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ଉପରେ ପ୍ରାଥମିକତା

ଭୁବନେଶ୍ୱର, ୧୬।୭ (ମହାଭାରତ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରି ଯୋଜନାଗୁଡ଼ିକୁ ତ୍ୱରାନ୍ୱିତ କରି ସହରଗୁଡ଼ିକରେ ଲୋକଙ୍କ ପାଇଁ ଆଧୁନିକ ସୁବିଧାର ବିକାଶ ପାଇଁ ପରାମର୍ଶ ଦେଇଛନ୍ତି। ବିଭିନ୍ନ ଯୋଜନା ଗୁଡିକର ସୁବିଧା ପାଉଥିବା ହିତାଧିକାରୀ ଚୟନ କ୍ଷେତ୍ରରେ ତଥା କର୍ମସଂସ୍ଥାନ ପ୍ରଦାନ କ୍ଷେତ୍ରରେ ଓଡିଶାର ଯୋଗ୍ୟ ବ୍ୟକ୍ତିମାନଙ୍କୁ ପ୍ରାଥମିକତା ଦେବାକୁ ସେ ପରାମର୍ଶ ଦେଇଛନ୍ତି।




ସହରଗୁଡିକର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ଉପରେ ପ୍ରାଥମିକତା ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହା ଦ୍ୱାରା ସହରର ଗରିବ ଲୋକଙ୍କ ପାଇଁ ଭିତ୍ତିଭୂମି ଓ ଆନୁସଙ୍ଗିକ ସୁବିଧାର ବିକାଶ କରାଯାଇ ପାରିବ। ସେମାନେ ସୁବିଧାରେ ରହି ସହରରେ ସେବା ଯୋଗାଇ ଦେବା ସହ ଜୀବିକ ଅର୍ଜନ ମଧ୍ୟ କରିପାରିବେ। ସେହିପରି ଭୁବନେଶ୍ୱରର ଦୟା ୱେଷ୍ଟ କେନାଲର ସମସ୍ୟା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ୩୪ କି.ମି ଦୀର୍ଘ ଏହି କେନାଲର ୧୬ କି.ମି.ରୁ ଅଧିକ ଅଂଶ ଭୁବନେଶ୍ୱର ସହର ଭିତରେ ରହିଛି। ଏହାର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ଏକ ଉନ୍ନତ ଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଭୁବନେଶ୍ୱର ଓ ତା'ର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ କରିବା ବର୍ତ୍ତମାନ ସମୟର ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସ୍ୱଚ୍ଛତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ସବୁ ସହରରେ ବାୟୋ-ମାଇନିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉ। ସ୍ୱଚ୍ଛତା କ୍ଷେତ୍ରରେ ଭୁବନେଶ୍ୱର ଯେପରି ଦେଶର ଏକ ମଡେଲ୍ ସହର ହୋଇପାରିବ ସେଥିପାଇଁ ଉପଯୁକ୍ତ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଭାଗ ପକ୍ଷରୁ ୧୦୦ ଦିନର ଆକ୍ସନ ପ୍ଲାନ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରାଯାଇଥିଲା। ଏହା ସହିତ ମେଟ୍ରୋ ରେଲ୍ ପ୍ରକଳ୍ପର ଅଗ୍ରଗତି, ଜାଗା ମିଶନ, କ୍ରୁଟ ପରିବହନ ବ୍ୟବସ୍ଥା, ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ, କ୍ରୁଟର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ଏବଂ ଅନ୍ୟ ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ଥିଲେ।

## ଅର୍ଡର ଦେବାର ୪୮ ଘଣ୍ଟା ମଧ୍ୟରେ ଘରେ ପହଞ୍ଚିବ ଗ୍ୟାସ

ଭୁବନେଶ୍ୱର,୧୬।୭(ମହାଭାରତ): ଏଣିକି ଗ୍ୟାସ୍ ଅର୍ଡରର ୪୮ ଘଣ୍ଟା ମଧ୍ୟରେ ଖାଉଟିଙ୍କ ପାଖରେ ପହଞ୍ଚିବ ରନ୍ଧନ ଗ୍ୟାସ ସିଲିଣ୍ଡର। ଧାର୍ଯ୍ୟ ସମୟ ସୀମାରେ ଖାଉଟିଙ୍କ ପାଖରେ ଗ୍ୟାସ ନପହଞ୍ଚିଲେ ବିତରଣକାରୀ ସଂସ୍ଥା ବା ଡିଲରଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ। ପେଟ୍ରୋଲ୍, ଡିଜେଲ୍ ଓ ଏଲ୍ ପିଜି ଡିଲର୍ ସଂଘ ସହ ବୈଠକ ପରେ ଏ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେହିପରି ପେଟ୍ରୋଲ, ଡିଜେଲ୍ ମାନରେ କୌଣସି ସାଲିସ୍ କରାଯିବନି। ନିୟମିତ ଭାବେ ପେଟ୍ରୋଲ ଟାଙ୍କି ମାନଙ୍କରେ ଯାଞ୍ଚ କରାଗଲେ ଯଦି କେହି ଅପମିଶ୍ରଣ କରୁଥିବା ଜଣାପଡ଼ିବ, ତାହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଖାଉଟିଙ୍କୁ ଉତ୍ତମ ସେବା ପ୍ରଦାନକୁ ପ୍ରାଥମିକତା ଦେଇ ଏସବୁ ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

# ସେପ୍ଟେମ୍ବର ୩୦ ସୁଦ୍ଧା ଜାମ୍ମୁ କାଶ୍ମୀରରେ ନିର୍ବାଚନ ଶେଷ କର



ନୂଆଦିଲ୍ଲୀ,୧୬।୭(ମହାଭାରତ): କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ କାଶ୍ମୀରରେ ବିଧାନସଭା ନିର୍ବାଚନ କରିବା ପାଇଁ ନିର୍ବାଚନ ଆୟୋଗ ପ୍ରସ୍ତୁତି ଜୋରଦାର ଆରମ୍ଭ କରିଛି। ନିର୍ବାଚନ ଆୟୋଗ ନିର୍ବାଚନ ପରିଚାଳନା କରିବା ପାଇଁ ସୁରକ୍ଷା ସମେତ ଅନ୍ୟାନ୍ୟ ଦିଗ ଆକଳନ କରିବାରେ ବ୍ୟସ୍ତ ଥିବାବେଳେ ରାଜନୈତିକ ଦଳମାନେ ମଧ୍ୟ ନିଜ ନିଜର ଭୋଟ୍ ଗଣତିରେ ବ୍ୟସ୍ତ ଅଛନ୍ତି। ନିର୍ବାଚନ ଆୟୋଗ ଅଗଷ୍ଟର ପ୍ରଥମ ସପ୍ତାହ କିମ୍ବା ଦ୍ୱିତୀୟ ସପ୍ତାହରେ ନିର୍ବାଚନର ଘୋଷଣା କରିପାରେ।

ନିର୍ବାଚନ ଆୟୋଗର ସୂତ୍ର ଅନୁସାରେ କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ କାଶ୍ମୀରରେ ୩ରୁ ୪ ପର୍ଯ୍ୟାୟରେ ମତଦାନ କରାଯାଇପାରେ। ସେପ୍ଟେମ୍ବରରେ ଭୋଟ୍ ପ୍ରକ୍ରିୟା ଶେଷ ହେବା ପରେ ନିର୍ବାଚନର ଫଳାଫଳ ଚଳିତ ମାସ ଶେଷ ସୁଧା ଘୋଷଣା କରାଯାଇପାରେ। ଜାମ୍ମୁ କାଶ୍ମୀରରେ ନିର୍ବାଚନ ପରିଚାଳନା କରିବାର ସବୁଠାରୁ ବଡ ଚ୍ୟାଲେଞ୍ଜ ହେଉଛି ସେଠାକାର ସୁରକ୍ଷା ବ୍ୟବସ୍ଥା। ଏବେର ସମୟରେ ଜାମ୍ମୁ କାଶ୍ମୀରରେ ଆତଙ୍କବାଦୀ ମାନଙ୍କର କାର୍ଯ୍ୟକଳାପ ସେଠିକାର ପ୍ରଶାସନର ଚିନ୍ତା ବଢାଇଛି। ନିର୍ବାଚନ କାର୍ଯ୍ୟକ୍ରମରେ ଏହାର ପ୍ରଭାବ ଦେଖିବା ପାଇଁ ମିଳିପାରେ। ନିର୍ବାଚନ ଆୟୋଗ ଏହା ମଧ୍ୟ କହିଛନ୍ତି ଯେ, ଜାମ୍ମୁ କାଶ୍ମୀର ପରିସ୍ଥିତିର ସୁରକ୍ଷା ଉପରେ ନଜର ରଖାଯାଉଛି ଏବଂ ନିର୍ବାଚନ ପ୍ରସ୍ତୁତି ଉପରେ ନିର୍ବାଚନ ଆୟୋଗ ନଜର ମଧ୍ୟ ରଖିଛନ୍ତି। ଲୋକସଭା ନିର୍ବାଚନ ପରେ ପରବର୍ତ୍ତିତ ସମୟର ପରିସ୍ଥିତିକୁ ମଧ୍ୟ ନିର୍ବାଚନ ଆୟୋଗ ଆକଳନ କରୁଛନ୍ତି। ନିର୍ବାଚନ ଆୟୋଗଦଳ ଜାମ୍ମୁକାଶ୍ମୀରରେ ବିଧାନସଭା ନିର୍ବାଚନର କାର୍ଯ୍ୟସୂଚୀ ସ୍ଥିର କରିବାରେ ବ୍ୟସ୍ତ ଅଛନ୍ତି। ସୂଚନା ଅନୁସାରେ ଜଣାପଡିଛି ଯେ, ଯଦି ନିର୍ବାଚନ ସମୟରେ ଜାମ୍ମୁ କାଶ୍ମୀରରେ ସବୁ କିଛି ଠିକ ରହେ, ତେବେ ଅଗଷ୍ଟର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ବିଧାନସଭା ନିର୍ବାଚନ ପାଇଁ କାର୍ଯ୍ୟକ୍ରମ ଘୋଷଣା କରାହେବ। ଜାମ୍ମୁ-କାଶ୍ମୀରରେ ଲୋକସଭା ନିର୍ବାଚନରେ ଭୋଟ୍ ପାଇଁ ଲୋକମାନେ ବହୁତ ଉତ୍ସାହ ଥିଲେ। ଶ୍ରୀନଗରରେ ମତଦାନ ଏକ ନୂଆ ରେକର୍ଡ ସୃଷ୍ଟି କରିଥିବାବେଳେ ୟୁନିଅନ୍ ଟେରିଟୋରୀରେ ଅନ୍ୟାନ୍ୟ ଆସନରେ ମଧ୍ୟ ଭୋଟ ଦେବା ନେଇ ଅନେକ ଉତ୍ସାହ ଦେଖିବାକୁ ମିଳିଥିଲା।

ଜାମ୍ମୁ କାଶ୍ମୀରର ସ୍ଥାନୀୟ ଦଳ ଡକ୍ଟର ଫାରୁକ୍ ଅବଦୁଲ୍ଲାଙ୍କ ପାର୍ଟି ନ୍ୟାସନାଲ କନଫରେନ୍ସ ଏବଂ ମେହବୁବ୍ ମୁଫତିଙ୍କ ନେତୃତ୍ୱ ପିଡିପି ଦଳ ସମେତ ଜାମ୍ମୁ କାଶ୍ମୀର ଲୋକାଲ୍ ପାର୍ଟି ମାନେ ନିର୍ବାଚନ ଦାବି କରିଆସୁଛନ୍ତି। ସୁପ୍ରିମକୋର୍ଟ ସେପ୍ଟେମ୍ବର ୩୦ ସୁଧା ନିର୍ବାଚନ ଶେଷ କାରିବା ପାଇଁ ନିର୍ବାଚନ ଆୟୋଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପୁରୀରେ ବିଜେପିର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୧୬।୭(ମହାଭାରତ): ପୁରୀରେ ଆସନ୍ତା ୧୯ ଏବଂ ୨୦ରେ ବିଜେପିର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ଏହାକୁ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା ବୈଠକକୁ ଉଦଘାଟନ କରିବେ। ପୁରୀର ବଳିଆ ପଣ୍ଡା ସ୍ଥିତ ବା ବ୍ଲୁ ଲିଲି ହୋଟେଲ ଠାରେ ଏହି ବୈଠକ ହେବ। ଏନେଇ ସୂଚନା ଦାଇଛନ୍ତି ରାଜ୍ୟ ବିଜେପି ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ।

# ଆତଙ୍କବାଦୀ ହମଲା, ୪ ଯବାନ ସହିଦ

ଶ୍ରୀନଗର,୧୬।୭(ମହାଭାରତ): ଜମ୍ମୁ- କଶ୍ମୀରର ଡୋଡା ଜିଲ୍ଲାରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟରେ ୪ ଯବାନ ଶହୀଦ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ଅଧିକାରୀ ଓ ୩ ଯବାନ ଅଛନ୍ତି। ଆଉ ଜଣେ ଯବାନ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

ଆତଙ୍କବାଦୀ ସଙ୍ଗଠନ କଶ୍ମୀର ଟାଇଗର୍ସ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈସ- ଇ- ମହମ୍ମଦ ସହ ଏହି ସଙ୍ଗଠନର ସମ୍ପର୍କ ଥିବା ଜଣାଯାଇଛି।

ଗତକାଲି ସନ୍ଧ୍ୟାରେ ଡୋଡାର ଦେଶା ଜଙ୍ଗଲରେ କିଛି ଆତଙ୍କୀ ଲୁଚିଥିବା ଖବର ମିଳିଥିଲା। ଏହାପରେ ରାଷ୍ଟ୍ରୟ ରାଇଫଲ୍ସ ଓ ଜମ୍ମୁ କାଶ୍ମୀର ସ୍ପେଶାଲ୍ ଅପରେସନ୍ସ ଟିମ୍ ଅପରେସନ୍ ଆରମ୍ଭ କରିଥିଲେ। କିଛି ସମୟ ପରେ ସେଠାରେ ଲୁଚିକି ଥିବା କିଛି ଆତଙ୍କବାଦୀ ଦୌଡ଼ିବାକୁ ଲାଗିଲେ। ଯବାନମାନେ ସେମାନଙ୍କ ପିଛା କରି ରାତିର ଅନ୍ଧକାରରେ ଘଞ୍ଚ ଜଙ୍ଗଲରେ ପ୍ରବେଶ କରିଥିଲେ। ରାତି ପ୍ରାୟ ୯ଟାରେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିବା ବେଳେ ଗୁଳି ବିନିମୟ ହୋଇଥିଲା। ଆତଙ୍କବାଦୀଙ୍କ ଗୁଳିରେ ଜଣେ ଅଧିକାରୀଙ୍କ ସମେତ ୪ ଜଣ ଗୁରୁତର ହୋଇଥିଲେ ତୁରନ୍ତ ସେମାନଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଆଜି ଭୋରୁ ଅଧିକାରୀଙ୍କ ସମେତ ୪ ଜଣ ଯବାନ ଆଖି ବୁଜି ଦେଇଛନ୍ତି। ଆଉ ଜଣେ ଯବାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ସମଗ୍ର ଅଞ୍ଚଳକୁ ସିଲ୍ କରି ସୁରକ୍ଷାକର୍ମୀମାନେ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଗତ କିଛି ଦିନ ହେଲା ଘାଟିରେ ଆତଙ୍କୀ ନିପାତ ଅଭିଯାନ ବେଳେ ସୁରକ୍ଷାକର୍ମୀ ସହ ଆତଙ୍କବାଦୀଙ୍କର ଗୁଳି ବିନିମୟ ହେଉଛି। ଗତ କିଛି ଦିନ ମଧ୍ୟରେ ଜମ୍ମୁ- କଶ୍ମୀରରେ ଆତଙ୍କବାଦୀ ହମଲା ବଢ଼ିବାରେ ଲାଗିଛି। ଭାରତୀୟ ସେନା ପକ୍ଷରୁ ଗତ ୧୪ ତାରିଖରେ ନିୟନ୍ତ୍ରଣ ରେଖା ନିକଟରେ ଅନୁପ୍ରବେଶ ରୋକିବାକୁ ଯାଇ ୩ ଜଣଙ୍କୁ ଗୁଳି କରି ମାରି ଦେଇଥିଲା। ଗତ ୮ ତାରିଖରେ ଆତଙ୍କବାଦୀମାନେ କଠୁଆଠୁ ୧୨୩ କିମି ଦୂରରେ ଥିବା ମାଚେଡି ଅଞ୍ଚଳରେ ସେନାର ଦୁଇଟି ଟ୍ରକ୍ ଉପରେ ହାମଲା କରିଥିଲେ, ଯେଉଁଥିରେ ୫ ଯବାନ ଶହୀଦ ହୋଇଥିବା ବେଳେ ବେଳେ ୫ ଜଣ ଯବାନ ଆହତ ହୋଇଥିଲେ।



ଆତଙ୍କବାଦୀମାନେ ଗ୍ରେନେଡ ଫିଙ୍ଗିଥିଲେ ଏବଂ ପରେ ଗୁଳି ଚଳାଇବା ଆରମ୍ଭ କରିଥିଲେ। ଏହି ଆକ୍ରମଣ ପରେ ଆତଙ୍କବାଦୀମାନେ ନିକଟସ୍ଥ ଜଙ୍ଗଲକୁ ପଳାଇ ଯାଇଥିବା ଜଣାପଡିଛି। ତେବେ ଆତଙ୍କବାଦୀଙ୍କ ନିକଟରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଥିବା ସୂଚନା ମିଳିଥିଲା। ଜମ୍ମୁ ଅଞ୍ଚଳରେ ଏହା ସପ୍ତମ ଆତଙ୍କବାଦୀ ଆକ୍ରମଣ ଘଟଣା ଜମ୍ମୁ କାଶ୍ମୀରର ଡୋଡା ଜିଲ୍ଲାରେ ଜୁନ୍ ୧୧ ଓ ୧୨ ତାରିଖରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଜୁନ୍ ୧୧ରେ ଛତରଗାଲାର ମିଳିତ ଚେକ୍ପୋଷ୍ଟରେ ଆତଙ୍କବାଦୀଙ୍କ ଆକ୍ରମଣରେ ୬ ଜଣ ସୁରକ୍ଷାକର୍ମୀ ଆହତ ହୋଇଥିବାବେଳେ ଜୁନ୍ ୧୨ ରେ ଗାନ୍ଧୋ ଅଞ୍ଚଳର କୋଟା ଟପ୍ ଠାରେ ହୋଇଥିବା ଏନକାଉଣ୍ଟରରେ ଜଣେ ପୁଲିସ ଆହତ ହୋଇଥିଲେ।

# ୧୦ ଉଚ୍ଚ ବିଦ୍ୟାଳୟ ହେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଭୁବନେଶ୍ୱର,୧୬।୭(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କାର୍ଯ୍ୟକ୍ରମର ସମୀକ୍ଷା କରି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ପିଲାମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି।

ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ହଷ୍ଟେଲ ଗୁଡ଼ିକରେ ପିଲା ମାନଙ୍କ ଖାଦ୍ୟର ମାନ ବୃଦ୍ଧି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ଏହାସହିତ ସ୍ୱାସ୍ଥ୍ୟ, ସୁରକ୍ଷା ଓ ସ୍ୱଚ୍ଛତା ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଦେଇଥିଲେ। ମନ୍ତ୍ରୀ ଓ ସଚିବ ମାନେ ନିୟମିତ ଭାବେ ବିଦ୍ୟାଳୟ ଓ ହଷ୍ଟେଲ ଗୁଡିକ ପରିଦର୍ଶନ କରି ଏହାର ପରିଚାଳନା ପଦ୍ଧତି ଯାଞ୍ଚ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକର ଆଲୋଚନାରୁ ଜଣାଯାଇଥିଲା ଯେ, ରାଜ୍ୟରେ ବିଭାଗ ଅଧିନରେ ଥିବା ୧୪ଟି ହାଇସ୍କୁଲକୁ ହାୟର ସେକେଣ୍ଡାରୀ ସ୍କୁଲରେ ପରିଣତ କରିବା ପାଇଁ ଅନୁମତି ମିଳିଛି ଯ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ କହିଥିଲେ ଯେ ଚଳିତ ବର୍ଷ ଅତି କମ୍ରେ ୧୦ଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯିବା ଆବଶ୍ୟକ। ଆଗକୁ ମଧ୍ୟ, ଉଚ୍ଚକୁକ୍ତ ଡଙ୍କଷ୍ୱ ହାର କମାଇବା ପାଇଁ ଅଧିକ ଉଚ୍ଚ ବିଦ୍ୟାଳୟକୁ ୟୁପି-



ଗ୍ରେଡେସନ୍ କରାଇବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେହିପରି ରାଜ୍ୟର ବିଭିନ୍ନ ପ୍ରାଥମିକ ସ୍କୁଲର ହଷ୍ଟେଲ ଗୁଡିକ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହେଉଛି। ଆଦିବାସୀ ବହୁଳ ଜିଲ୍ଲା ଗୁଡିକରେ ଏହା ବିଶେଷ ଭାବରେ କାର୍ଯ୍ୟକାରୀ ହେଉଛି। ତେବେ ଏହାର ହଷ୍ଟେଲ ଗୁଡିକର ଅବସ୍ଥା ଭଲ ନ ଥିବାରୁ ଏଗୁଡିକର ଉନ୍ନତିକରଣ କରାଯାଇ ନୂଆ ହଷ୍ଟେଲ ନିର୍ମାଣ କରାଯାଉଛି। ଅବିଭକ୍ତ କୋରାପୁଟ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୩୦୧ଟି ହଷ୍ଟେଲର ଉନ୍ନତିକରଣ ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ବୈଠକରେ ସୂଚନା ଦିଅଯାଇଥିଲା।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସବୁ ଆଦିବାସୀ ଅଞ୍ଚଳ ଗୁଡିକରେ ଥିବା ହଷ୍ଟେଲ ଗୁଡିକର ଉନ୍ନତିକରଣର ଆବଶ୍ୟକତା ରହିଛି। ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଆବଶ୍ୟକତା ଅନୁଯାୟୀ କେତେକ ହଷ୍ଟେଲକୁ ୧୦୦ ଆସନ ବିଶିଷ୍ଟ କରିବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏକଲବ୍ୟ ମଡେଲ ସ୍କୁଲ ପ୍ରତିଷ୍ଠା ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଓଡିଶା ପାଇଁ ୧୧୪ଟି ସ୍କୁଲ ପାଇଁ ଅନୁମୋଦନ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୩୨ଟି ସ୍କୁଲ କାର୍ଯ୍ୟକାରୀ କରୁଛି ଏବଂ ଏ ବର୍ଷ ଆଉ ୧୫ଟି ସ୍କୁଲ ଖୋଲିବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ବିଦ୍ୟାଳୟ ପାଇଁ ଯାହାସବୁ ଅନୁମୋଦନ ଆବଶ୍ୟକ, ବିଶେଷ କରି ଜଙ୍ଗଲ ଜମି ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଏହି ସ୍କୁଲ ଗୁଡିକୁ ଶୀଘ୍ର ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଏହାସହିତ ବୈଠକରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସଂପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ପିଲାଙ୍କ ଡ୍ରପ୍ ଆଉଟ୍ ରୋକିବା ପାଇଁ ମାଧୋ ସିଂ ହାତଖର୍ଚ୍ଚ ଯୋଜନା, ଜଙ୍ଗଲ ଜମି ଅଧିକାର ଯୋଜନା, ଅନ୍ୱେଷା, ପି.ଏମ୍ ଜନମନ୍, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା।

ବୈଠକରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅନୁସୂଚିତ ଜନଜାତିଓ ଜାତିଉନ୍ନୟନ ବିଭାଗର ସଚିବ ରୂପାରୋଷନ ସାହୁ ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତଥିଲେ।

## ବେସନ ହାଲୱା

ଆମେ ଘରେ ସାଧାରଣତଃ ଗାଜର ହାଲୱା, ସୁଜି ହାଲୱା ପରି ମିଠା ଖାଦ୍ୟ ମାନ ପ୍ରସ୍ତୁତ କରି ଖାଇଥାଉ । କିନ୍ତୁ ଏଥରର ହୋଲି ଅବସରରେ କିଛି ନୂଆ ମିଠା ପ୍ରସ୍ତୁତ କରି ଖାଆନ୍ତୁ । ବେସନ ପ୍ରସ୍ତୁତ ହାଲୱା ହେଉଛି ଏକ ପାରମ୍ପରିକ ତଥା ସମୃଦ୍ଧ ଖାଇବା । ଏହାକୁ ଆପଣ ଜଳଖିଆ ବା ମିଠା ଦ୍ରବ୍ୟ ହିସାବରେ ବି ଖାଇପାରିବେ । ଏହି ସ୍ୱାଦିଷ୍ଟ ବ୍ୟନ ପ୍ରସ୍ତୁତ ପାଇଁ ଆବଶ୍ୟକ ହେଉଥିବା ସମାଗ୍ରୀ ଜାଣି ରଖନ୍ତୁ ।

ବେସନ- ୧କପ, ଲହୁଣୀ -ଅଧା କପ, ଚିନି-ଏକ କପ, ଗୁଜୁରାତି ପାଉଡର- ୧ଚାମଚ, ପାଣି-୨କପ, କଟା ଯାଇଥିବା କିଛି ବାଦାମ।

**ପ୍ରସ୍ତୁତ ପ୍ରଣାଳୀ :**

ପ୍ରଥମେ ମଧ୍ୟମ ଆଞ୍ଚଳରେ ଏକ ପ୍ୟାନ ବସାନ୍ତୁ । ଏଥିରେ ଚିନି,ଗୁଜୁରାତି ପାଉଡର ସହ ପାଣି ଫୁଟାନ୍ତୁ । ଏବେ ଅନ୍ୟ ଏକ ଫ୍ରାଇଙ୍ଗ ପ୍ୟାନରେ ଲହୁଣୀ ଗରମ କରନ୍ତୁ । ଏବେ ଧୀରେ ଧୀରେ ବେସନ ଦିଅନ୍ତୁ । ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ବେସନକୁ ପ୍ୟାନରେ ଧୀରେ ଧୀରେ ଘାଟନ୍ତୁ । ଏଥିପାଇଁ ନିଶ୍ଚିତ ରୂପେ ୫ରୁ୭ ମିନିଟ ସମୟ ଲାଗିଯିବ। ବେସନ ରଙ୍ଗ ବଦଳି ଗଲେ ଏଥିରୁ ଏକ ନୂଆ ବାସ୍ନା ଆସିବ । ଏବେ ସେଥିରେ ସିରପ ଧୀରେ ଧୀରେ ଢାଳନ୍ତୁ । ଏବେ ଆଞ୍ଚ କମ କରିଦିଅନ୍ତୁ। ଆଉ ୨ରୁ ୩ ମିନିଟ ପାଇଁ ଚୁଲିରେ ବସାନ୍ତୁ । ଦେଖିବେ ଧୀରେ ଧୀରେ ବେସନ ସବୁ ପାଣି ଶୁଖାଇଦେବ। ଏବେ ହାଲୱା ଥଣ୍ଡା କରି କାଜୁ ଓ ବାଦାମ ନେଇ ଗାର୍ନିସିଙ୍ଗ କରନ୍ତୁ।



## ପିଆଜ ଚୋପାକୁ ଫୋପାଡନ୍ତୁ ନାହିଁ, ସ୍ୱାସ୍ଥ୍ୟ ଏବଂ ତ୍ୱଚା ପାଇଁ ଖୁବ୍ ଉପକାରୀ

କିଛି ଲୋକଙ୍କୁ ପିଆଜ ଖାଇବା ଖୁବ୍ ଅଧିକ ସଉକ ରହିଥାଏ, କିନ୍ତୁ ଅଧିକାଂଶ ଲୋକ ପିଆଜ ଚୋପାକୁ ଫୋପାଡି ଦିଅନ୍ତ। କ'ଣ ଜାଣନ୍ତି କି ? ପିଆଜ ଚୋପାର ଖୁବ୍ ଫାଇଦା ରହିଛି। ଏଥିରେ ଥିବା ପୋଷକ ତତ୍ତ୍ୱ ଆମର ସ୍ୱାସ୍ଥ୍ୟ ଏବଂ ତ୍ୱଚାକୁ ସୁନ୍ଦର କରିବାରେ ସହାୟକ ହୋଇଥାଏ। ତେବେ ଆସନ୍ତୁ ଜାଣିବା ପିଆଜ ଚୋପାକୁ କିଭଳି ବ୍ୟବହା କରିବା।



୧- ପିଆଜ ଚୋପାରେ ରୋଗପ୍ରତିରୋଧକ ଶକ୍ତି ବଢିବା ପାଇଁ ବ୍ୟବହାର କରିପାରିବେ। ଏଥିରେ ଆଣ୍ଟି ଅକ୍ସିଡେଣ୍ଟ ରହିଥାଏ, ଯାହାକି ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସହାୟକ। ଏହା ସହିତ ପିଆଜ ରସ୍ ମଧ ଖୁବ୍ ଉପକାରୀ।

୨- ଏକ ଷ୍ଟଡି ଅନୁସାରେ, ପିଆଜ ଚୋପାରେ ପ୍ରଚୁର ପରିମାଣରେ ଫାଇବର ରହିଥାଏ। ଏହା ସହିତ ସେଥିରେ ଫ୍ଲାଭୋନାଏଡ୍, କେରେସୋଟିନ୍ ଓ ଫିନୋଲିକ୍ ଶରୀରରେ କୌଣସି ସ୍ଥାନରେ ଫୁଲା ଓ କ୍ୟାନସର ଭଳି ସମସ୍ୟାରୁ ରକ୍ଷା କରିବାରେ ଭଲ ପ୍ରମାଣିତ ହୋଇଥାଏ।

୩- ଯଦି ପିଆଜ ଚୋପାକୁ ଚା' ସହିତ ଗରମ କରି ପିଆଯାଏ, ତେବେ ବିଭିନ୍ନ ପ୍ରକାର ଗଳା ସମ୍ପର୍କିତ ରୋଗରୁ ମୁକ୍ତି ମିଳିଥାଏ। ଥଣ୍ଡା, କାଶରୁ ମଧ ମୁକ୍ତି ମିଳିଥାଏ ।

୪- କେଶ ଯଦି ବଢୁନି ତେବେ ପିଆଜ ଚୋପାର ରସକୁ ବ୍ୟବହାର କରିପାରିବେ। ଯଦି କେଶ ରୁକ୍ଷା ତେବେ ପାଣିରେ ପିଆଜ ରସ ପକାଇ ଗରମ କରି ନିଅନ୍ତୁ ଓ ସାମ୍ପୋ କରିବା ପରେ ଏହି ପାଣିକୁ କେଶକୁ ଧୂଅନ୍ତୁ।

୫- ଚେହରାରେ କୌଣସି ଦାଗ ଥିଲେ ପିଆଜ ରସକୁ ହଳଦୀ ସହିତ ମିଶାଇ ଲଗାଇ ପାରିବେ। ପିଆଜ ଚୋପର ରସ୍ ଡେଡ୍ ସ୍କିନକୁ ବାହାର କରିବାରେ ସହାୟକ ହୋଇଥାଏ।

## ଅରଖ କରେ ଭଲ କରେ ସୁଗାର୍

ଆଜିର କର୍ମବ୍ୟସ୍ତ ଜୀବନରେ ଯିଏ ହେଲେ ବି ରୋଗରେ ଗ୍ରସ୍ତ ହେଉଛେ । ଏହି ରୋଗଗୁଡିକରୁ ବଞ୍ଚିବାପାଇଁ ଆମେ ନାନା ପ୍ରକାରର ମେଡିସିନ୍ ଖାଇଥାନ୍ତି , ଏହି ରୋଗଗୁଡିକ ମଧ୍ୟରେ କିଛି ଏପରି ରୋଗ ହୋଇଥାଏ, ଯାହା ଚିକିତ୍ସା କରିଲେ



ଠିକ୍ ହୋଇଯାଏ କିନ୍ତୁ କିଛି ରୋଗ ହୋଇଥାଏ , ଯାହାର ଚିକିତ୍ସା ଲଗେଇବା ପରେ ବି ତାହା ମୂଳରୁ ଶେଷ ହୋଇନଥାଏ , ସେମିତି ଯଦି ସୁଗର୍ କଥା କହିବା ତେବେ ଏହି ରୋଗ ଅଧାରୁ ଅଧିକ ଲୋକଙ୍କୁ ଗ୍ରସିତ ହୋଇଛନ୍ତି, ଏହି ରୋଗକୁ ଯେତେ ବି ଚିକିତ୍ସା କରିଲେ ବି ଏହାର ଚିକିତ୍ସା ହୋଇପାରେ ନାହିଁ ଆପଣଙ୍କୁ କହିଦେବୁ କି ସୁଗର୍ ଦ୍ୱାରା ଗ୍ରସିତ ହୋଇଥିବା ଲୋକେ ନାନା ପ୍ରକାରର ଅସୁବିଧା ଭୋଗିଥାନ୍ତି, କହିଦେବୁ କି ସୁଗର୍ ଦ୍ୱାରା ବ୍ୟକ୍ତିର ଶରୀରରୁ ନିର୍ଜଳିତ ହୋଇଯାଇଥାଏ, ଏମିତିରେ ବହୁତ ଶୋଷ ଲାଗିଥାଏ, ଏହା ଛଡା କହିଦେବୁ କି ରକ୍ତରେ ଅତିରିକ୍ତ ସୁଗର୍ ଉପସ୍ଥିତି ହେବା ଦ୍ୱାରା ଏହା ରକ୍ତକୁ ସଫା କରିବାପାଇଁ ଅଧିକା କାମ କରିଥାଏ, ଏହା ମୁତ୍ର ଦାରା ଅତିରିକ୍ତ ସୁଗରକୁ ଶରୀରକୁ ବାହାର କରିଦିଏ, ଏହି କାରଣରୁ ବାରମ୍ବାର ପରିଶ୍ରା ଆସିଥାଏ, ଅଧିକା ଶୋଷ ଲାଗେ, ବାରମ୍ବାର ପରିଶ୍ରା କରିବା ଦ୍ୱାରା ଏହା ଡାଇବେଟିଜ୍ ରୋଗର ଲକ୍ଷଣ ହୋଇପାରେ, ସୁଗର୍ ସମୟରେ ଶରୀରରେ କୋଷିକା ଗୁଡୀକ ଗ୍ଲୁକୋଜ ପହଞ୍ଚିପାରେ ନାହିଁ , ଯାହା ଦ୍ୱାରା ଶରୀର ଦୁର୍ବଳ ଲାଗିଥାଏ , ଓ ଥକାପଣ ଲାଗେ ଓ ଜଲଦି ଭୋକ ବି ଲାଗେ ।

ଆଜି ଆମେ ଏକ ଉପାୟ ନେଇକରି ଆସିଛୁ ଯାହାକୁ ପ୍ରୟୋଗ କଲେ ଆପଣଙ୍କୁ ଏହି ରୋଗରୁ ମୁକ୍ତି ମିଳିପାରିବ, ଏତିକି ନୁହେଁ ଏହା ଦ୍ୱାରା କୌଣସି ସାଇଡ୍ ଇଫେକ୍ଟ ବି ହୁଏ ନାହିଁ, ଏଥିପାଇଁ ଆପଣଙ୍କୁ ଅରଖ ପତ୍ର ଆବଶ୍ୟକତା ପଡିପାରେ ।

ସବୁ ଠାରୁ ପ୍ରଥମେ ଆପଣଙ୍କୁ ଅରଖ ପତ୍ରକୁ ନେଇ ତାହା ଉପରେ ହାଲକା ଡେମ୍ଫକୁ କାଟିଦିଅନ୍ତୁ , ଏବେ ଆପଣ ଅରଖ ପତ୍ରକୁ ନିଜ ପାଦ ତଳେ ବାନ୍ଧିଦିଅନ୍ତୁ , ଅରଖ ପତ୍ର ଆପଣଙ୍କୁ ତଳ ପଟେ ଲାଗିରହିବା ଦରକାର, ଏହାପରେ ଆପଣ ଅରଖ ପତ୍ରକୁ ରାତିରେ ବାନ୍ଧି ଏହି ପ୍ରକାରର ନିଜ ତଳ ପାଦରେ ବାନ୍ଧି କରି ରଖନ୍ତୁ, ଆପଣ ଏହି ଫଟୋରେ ଦେଖିପାରିବେ କି ସକାଳୁ ଏହି ପତ୍ରକୁ ଖୋଲି ଦିଅନ୍ତୁ , ଏହି ପ୍ରକ୍ରିୟାକୁ ଲଗାତାର ୨୦ ଦିନ ଯାଏଁ ଲଗାଇ କାଢିବେ, ଏହା ଦ୍ୱାରା ସୁଗର୍ ପରି ସମସ୍ୟା ଦୂର ହୋଇଯିବ।

## ଶରୀର ପାଇଁ ଉପକାରୀ ଲାଉ ଜୁସ୍

ଲାଉ ସବୁଠାରୁ ପୁଷ୍ଟିକର ପନିପରିବା । କିଛି ଲୋକ ବହୁତ ପସନ୍ଦ କରୁଥିବାବେଳେ କିଛି ଲୋକ ଏହାର ସ୍ୱାଦକୁ ଆଦୌ ପସନ୍ଦ କରନ୍ତି ନାହିଁ। ତଥାପି, ଏହାର ଲାଭ ଅନେକ, ଯାହା ବିଷୟରେ ଜାଣି ଆପଣ ଆଶ୍ଚର୍ଯ୍ୟ ହେବେ। ରକ୍ତରେ ଶର୍କରା ହ୍ରାସ କରିବାରେ ଲାଉ ଅତ୍ୟନ୍ତ ପ୍ରଭାବଶାଳୀ । ଏଥିରେ ପ୍ରଚୁର ଆଣ୍ଟି-ଅକ୍ସିଡାଣ୍ଟ ଥାଏ, ଯାହା ଶରୀରକୁ ସଠିକ୍ ଭାବରେ



କାର୍ଯ୍ୟ କରିବାରେ ସାହାଯ୍ୟ କରିଥାଏ ଏବଂ ରୋଗରୁ ରକ୍ଷା କରିଥାଏ। ତେଣୁ, ଲାଉ ରସ ଖାଇବା ଆପଣଙ୍କ ପାଇଁ ଲାଭଦାୟକ ହୋଇପାରେ । ଓଜନ କମାଇବାରେ ଲାଉ ରସ ସହାୟକ ହୋଇପାରେ । ଏଥିପାଇଁ ଆପଣ ପ୍ରତିଦିନ ୧୦୦ ଗ୍ରାମ ଲାଉ ରସ ପିଇବା ଉଚିତ। ବାସ୍ତବରେ, ଏହାକୁ ପିଇବା ପରେ ପେଟ ଘଣ୍ଟା ଘଣ୍ଟା ପୂର୍ଣ୍ଣ ରହିଥାଏ ଏବଂ ଶୀଘ୍ର ଭୋକ ନଥାଏ, ଯାହା ମେଦବହୁଳତାକୁ ମଧ ହ୍ରାସ କରିଥାଏ । ସକାଳେ ଖାଲି ପେଟରେ ଏହାକୁ ଖାଇବା ଅଧିକ ଲାଭଦାୟକ ଅଟେ । ବାସ୍ତବରେ ଉଚ୍ଚ ରକ୍ତଚାପ ହେଉଛି ହୃଦଘାତ ଭଳି ବିଭିନ୍ନ ପ୍ରକାରର ହୃଦଘାତର କାରଣ। ଉଚ୍ଚ ରକ୍ତଚାପରେ ଲାଉ ରସ ମଧ ଲାଭଦାୟକ ଅଟେ । ଯଦି ଆପଣ ନିୟମିତ ଭାବରେ ଏକ ଗ୍ଲାସ୍ ଲାଉ ରସ ପିଅନ୍ତି, ତେବେ ଏହା ଉଚ୍ଚ ବିପି ସମସ୍ୟାକୁ ବହୁ ପରିମାଣରେ ହ୍ରାସ କରିପାରେ ।

## ଘନ କେଶ ପାଇଁ ଉପକାରୀ ଅଦା

କେଶକୁ ଘନ ଓ ଲମ୍ବା କରିବା ପାଇଁ ଆପଣ ଅନେକ ଉପଚାର କରିଥା'ନ୍ତି। ଅଦା କେଶ ପାଇଁ ଏକ ଆୟୁର୍ବେଦିକ ଉପଚାର ଭାବରେ କାର୍ଯ୍ୟ କରିଥାଏ। ଅଦାରେ ଥିବା ମ୍ୟାଗ୍ନେସିୟମ୍, ପୋଟାଟିୟମ୍, ଫସଫରସ୍ ଓ ଭିଟାମିନ୍ କେଶ ଝଡ଼ିବା ବନ୍ଦ କରିଥାଏ।

ଅଦା ଏକ ନାଚୁରାଲ୍ କଣ୍ଡିସନର୍ ହୋଇଥିବାରୁ ଏହା କେଶର ରୁକ୍ଷପଣ ଦୂର କରି କେଶ ମୂଳରେ ରକ୍ତ ସଞ୍ଚାଳନ ଠିକ୍ ରଖିଥାଏ। ତେବେ ଆସନ୍ତୁ ଜାଣିବା କେଶକୁ ଲମ୍ବା ଓ ମଜବୁତ କରିବା ପାଇଁ ଅଦାକୁ କିପରି ବ୍ୟବହାର କରିବେ।




୧. ବଜାରରେ ମିଳୁଥିବା ଜିଞ୍ଜର୍ ଅଏଲ୍ କେଶରେ ଲଗାନ୍ତୁ। ନଚେତ ନିଜେ ଘରେ ପ୍ରସ୍ତୁତ କରନ୍ତୁ। ଏଥିପାଇଁ ପ୍ରଥମ ଗୋଟିଏ ଚାମଚ ଘିଅରେ ଜୋଜୋବା ଅଏଲ୍, ଅଲିଭ୍ ଅଏଲ୍ ଓ ଅଦା ରସ ମିଶାନ୍ତୁ। ଏହି ମିଶ୍ରଣକୁ ଭଲ ଭାବରେ ମୁଣ୍ଡରେ ମାଲିସ କରନ୍ତୁ। ୩୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ସପ୍ତାହକୁ ଏପରି ଦୁଇ ଥର କରନ୍ତୁ। ଦେଖିବେ କେଶ ମୋଟା ହେବା ସହ ଝଡ଼ିବା ବନ୍ଦ ହେବ।

୨. ଅଦା ଓ ଲେମ୍ବୁରସ ମଧ କେଶ ପାଇଁ ବ୍ୟବହାର କରିପାରିବେ। ୨ ଚାମଚ ଅଦା ରସରେ ୩ ଚାମଚ ରାଶି ତେଲ ଓ ଅଧା ଚାମଚ ଲେମ୍ବୁ ରସ ମିଶାନ୍ତୁ। ଏହି ମିଶ୍ରଣକୁ କେଶ ମୂଳରେ ୧୫ ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ଏହାପରେ ଶାମ୍ପୁ କରିନିଅନ୍ତୁ। ଏହା ଦ୍ୱାରା ରୁପି ଦୂର ହେବ। ସପ୍ତାହକୁ ତିନିଥର ଏହି ମିଶ୍ରଣକୁ ଲଗାଇପାରିବେ।

୩. କେଶ ପତଳା ଥିଲେ ଅଦା ଓ ପିଆଜ ରସ ଲଗାନ୍ତୁ। ପ୍ରଥମେ ୨ ଚାମଚ ଅଦା ରସରେ ୧ ଚାମଚ ପିଆଜ ରସ ମିଶାନ୍ତୁ। ଏହି ରସକୁ କେଶ ମୂଳରେ ୨୦ ମିନିଟ୍ ଲଗାଇ ରଖିବା ପରେ ଧୋଇ ନିଅନ୍ତୁ। ସପ୍ତାହକୁ ଏପରି ଦୁଇରୁ ତିନିଥର କଲେ କେଶ ମୋଟା ହେବ।

## ଆଙ୍ଗୁଠି କଳାପଣ ଦୂର କରିବାକୁ ଆପଣାନ୍ତୁ ଏହି ଟିପ୍ସ



ଆପଣଙ୍କ ଆଙ୍ଗୁଠି ସୁନ୍ଦର ଦେଖାଗଲେ ଆପଣଙ୍କ ହାତ ମଧ ସୁନ୍ଦର ଦେଖାଯାଏ । ଯଦି ଆପଣଙ୍କ ଆଙ୍ଗୁଠି କଳା ଦେଖାଯାଏ ତେବେ ଆପଣ ଯେତେ ମହଙ୍ଗା ଜୁଏଲାରୀ ପିନ୍ଧନ୍ତୁ ନା କାହିଁକି, ସବୁ ଫିକା ଦେଖାଯାଏ । ଆଙ୍ଗୁଠି କଳା ଦେଖାଯିବା ଏକ ସାଧାରଣ ସମସ୍ୟା । ଏପରି କେତେକ ଘରୋଇ ଉପାୟ ରହିଛି, ଯାହାକୁ ବ୍ୟବହାର କରି ଏହି ସମସ୍ୟାରୁ ମୁକ୍ତି ପାଇପାରିବେ ।


ବାଦାମ ତେଲ : ରାତିରେ ଶୋଇବା ପୂର୍ବରୁ କିଛି ବାଦାମ ତେଲକୁ ଗୋଲାପ ଜଳରେ ମିଶାଇ ହାତ ଏବଂ ଆଙ୍ଗୁଠିରେ ମସାଜ କରନ୍ତୁ । ପରେ ଏହାକୁ ଅଳ୍ପ ନଖ ଉଷୁମ ପାଣିରେ ଧୋଇଦିଅନ୍ତୁ । ଏପରି ସପ୍ତାହକୁ ଦୁଇଥର କରନ୍ତୁ ।

ଲେମ୍ବୁ ଏବଂ ମହୁ : ଲେମ୍ବୁ ରସରେ ଅଳ୍ପ ମହୁ ମିଶାଇ ଆଙ୍ଗୁଠିରେ ଲଗାନ୍ତୁ । ଫଳରେ ଆପଣ ଏହି ସମସ୍ୟାରୁ ମୁକ୍ତି ପାଇବେ ।

ବେକିଂ ସୋଡା : ଏକ ଚାମଚ ବେକିଂ ସୋଡାକୁ ଗରମ ପାଣିରେ ମିଶାଇ ଦିଅନ୍ତୁ। ଏବେ ଏହି ପାଣିରେ ୧୫ ମିନିଟ୍ ହାତକୁ ବୁଡାଇ ରଖନ୍ତୁ । ତା' ପରେ ହାତକୁ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ସପ୍ତାହକୁ ୨ କିମ୍ବା ୩ ଥର ଏପରି କରନ୍ତୁ ।


ବେସନ : ଅଧା ଚାମଚ ବେସନରେ ଏକ ଚାମଚ ପାଣି ମିଶାନ୍ତୁ । ଏହି ପେଷ୍ଟକୁ ଆଙ୍ଗୁଠିରେ ମସାଜ କରନ୍ତୁ । ୧୫ ମିନିଟ୍ ପର୍ଯ୍ୟନ୍ତ ଏହାକୁ ଶୁଖିବାକୁ ଦିଅନ୍ତୁ ଏବଂ ପରେ ରଗଡି କରି ସଫା କରିଦିଅନ୍ତୁ । ପରେ ହାତକୁ ଅଳ୍ପ ଉଷୁମ ପାଣିରେ ଧୋଇଦିଅନ୍ତୁ । ଏହି ଉପାୟକୁ ସପ୍ତାହକୁ ୨ରୁ ୩ ଥର କରନ୍ତୁ ।

ଟମୋଟର ଏବଂ ଲେମ୍ବୁ : ତ୍ୱଚାକୁ ଚମକ କରିବା ପାଇଁ ଟମାଟର ଏବଂ ଲେମ୍ବୁ ବଡ କାମରେ ରହିଥାଏ । ଏହା ବ୍ଲିଚିଂ ଏଜେଣ୍ଟ ଭାବେ କାମ କରିଥାଏ । ଯାହା ସ୍କିନକୁ ସଫା କରି ଗୋରା କରିଥାଏ । ଆପଣ ପ୍ରତିଦିନ ଏକ ଛୋଟ ଟମାଟ କିମ୍ବା ଲେମ୍ବୁ ଖଣ୍ଡ ହାତରେ ଘସିପାରିବେ ।



## ସିନ୍ଦୁର ସହ ଜଡିତ କିଛି ବିଶେଷ ଉପାୟ

ବାସ୍ତୁରେ ସିନ୍ଦୂରର ବିଶେଷ ମହତ୍ତ୍ୱ ରହିଛି । ପ୍ରତ୍ୟେକ ସଧବା ସ୍ତ୍ରୀର ମୁଖ୍ୟ ଶୃଙ୍ଗାର ହେଉଛି ସିନ୍ଦୂର। ଶାସ୍ତ୍ରରେ ମଧ ବର୍ଣ୍ଣନା କରାଯାଇଛି ସିନ୍ଦୂର ପିନ୍ଧିବା ଦ୍ୱାରା ସ୍ୱାମୀ ଦୀର୍ଘାୟୁ ହୋଇଥାଆନ୍ତି। ବିଭିନ୍ନ ପ୍ରକାର



ରୋଗରୁ ଦୂରେଇ ରହିଥାଆନ୍ତି। ଜାଣନ୍ତୁ ସିନ୍ଦୂର ସହ ଜଡିତ କିଛି ସହଜ ଉପାୟ ବିଷୟରେ

ପ୍ରତ୍ୟେକ ଦିନ ସୂର୍ଯ୍ୟଦେବତାଙ୍କୁ ଜଳ ଅର୍ପଣ କରିବା ସମୟରେ ସେଥିରେ ସିନ୍ଦୂର ପକାଇ ଅର୍ପଣ କରନ୍ତୁ।

ଗୃହର ମୁଖ୍ୟଦ୍ୱାରରେ ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରନ୍ତୁ। ଏହାଦ୍ୱାରା ଘରେ ସୁଖଶାନ୍ତିର ବାତାବରଣ ସର୍ବଦା ରହିଥାଏ। ଦମ୍ପତିଙ୍କ ମଧ୍ୟରେ କଳହ ହେଉଥିଲେ ଏହି ଉପାୟ ନିଶ୍ଚୟ ଆପଣାନ୍ତୁ।

ଏହାସହ ତେଲରେ ସିନ୍ଦୂର ମିଶାଇ ଘରର ମୁଖ୍ୟ ଦ୍ୱାରରେ ଲଗାଇବା ଦ୍ୱାରା ଘରେ ନକରାତ୍ମକ ଶକ୍ତି ପ୍ରବେଶ କରିନଥାଏ। ଏପରି ଲଗାତାର ୪୦ ଦିନ କରିବା ଦ୍ୱାରା ଘରେ ଥିବା ବାସ୍ତୁ ଦୋଷ ମଧ ଦୂର ହୋଇଥାଏ।

ହିନ୍ଦୁଧର୍ମ ଅନୁଯାୟୀ ସିନ୍ଦୂର ବିନା ଦେବାଦେବୀଙ୍କ ପୂଜା ସମ୍ପୂର୍ଣ୍ଣ ହୋଇନଥାଏ।

ଧନସମ୍ପତ୍ତି ଜନିତ ସମସ୍ୟାର ସମାଧାନ ପାଇଁ ମଲ୍ଲୀଫୁଲର ତେଲରେ ସିନ୍ଦୂର ମିଶାଇ ୫ଟି ମଙ୍ଗଳବାର ଓ ଶନିବାର ପ୍ରଭୁ ହନୁମାନଙ୍କୁ ଅର୍ପଣ କରନ୍ତୁ। ଏହାଦ୍ୱାରା କର୍ମକ୍ଷେତ୍ରରେ ମଧ ଉନ୍ନତି ହୋଇଥାଏ। ମନସ୍କାମନା ପୂରଣ ହୋଇଥାଏ।

ଘରର ମୁଖ୍ୟଦ୍ୱାରରେ ସିନ୍ଦୂର ଅର୍ପଣ ହୋଇଥିବା ପ୍ରଭୁ ଗଣେଶଙ୍କ ମୂର୍ତ୍ତି ରଖିବା ଦ୍ୱାରା ଘରେ ସର୍ବଦା ସୁଖଶାନ୍ତି, ସମୃଦ୍ଧି ବୃଦ୍ଧି ପାଇଥାଏ।

ସଧବା ମହିଳାମାନେ ସ୍ନାନ ପରେ ମା'ଗୌରୀଙ୍କୁ ସିନ୍ଦୂର ଅର୍ପଣ କରିବା ସହ କିଛି ସିନ୍ଦୂର ମଥାରେ ଲଗାଇବା ଦ୍ୱାରା ବୈବାହିକ ଜୀବନ ସୁଖଶାନ୍ତିରେ ବିତିଥାଏ।

# ଲୁଇସ୍ ବ୍ରେଲୀ ଫାଉଣ୍ଡେସନ୍‌ର ସମ୍ବର୍ଦ୍ଧନା ଉତ୍ସବ

**ଭୁବନେଶ୍ୱର,୧୬।୭ (ମହାଭାରତ):** ଭିନ୍ନକ୍ଷମ ମାନେ ଦୃଷ୍ଟିଶକ୍ତି ବାଧିତ ହୋଇଥିଲେ ହେଁ ସେମାନଙ୍କଠାରେ ଅନ୍ୟ ସବୁଗୁଣ ବିଶେଷଭାବେ ଭରି ରହିଛି । ତା'ର ବିକାଶ କରି ସମାଜକୁ ଦିଗ୍ ଦର୍ଶନ ଦେବାରେ ସେମାନେ ଆଦର୍ଶ ହୋଇପାରିବେ ବୋଲି ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ କହିଛନ୍ତି ।

ସୋମବାର ଦିନ ସ୍ଥାନୀୟ ବୁଦ୍ଧ ମନ୍ଦିର ଠାରେ ଓଡ଼ିଶା ଲୁଇସ୍ ବ୍ରେଲୀ ଫାଉଣ୍ଡେସନ୍ (ଓଏଲ୍‌ବିଏଫ୍) ପକ୍ଷରୁ ଆୟୋଜିତ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କ ନିମିତ ଆୟୋଜିତ ସମ୍ବର୍ଦ୍ଧନା ସଭାକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ, ଦୃଷ୍ଟିବାଧିତମାନେ ବର୍ତମାନ ରୋଜଗାରକ୍ଷମ ହୋଇ ସମାଜର ମୁଖ୍ୟ ଧାରାରେ ସାମିଲ ହୋଇପାରୁଛନ୍ତି । ଦୃଷ୍ଟିବାଧିତମାନଙ୍କ ଉଦ୍ଦେଶ୍ୟରେ ଚଳିତ ବର୍ଷର ଅନୁଚିନ୍ତା- ସମାଜର ସହଯୋଗ ଦୃଷ୍ଟିବାଧିତଙ୍କ ପ୍ରତି ସମ୍ପଦ କହି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ, ସରକାରୀ ସହାୟତାର ଅପେକ୍ଷା ନକରି ଏଭଳି ସଂସ୍ଥା ଆଗେଇଚାଲିବା ପ୍ରଶଂସାର ଯୋଗ୍ୟ । ଏମାନେ ଯଶସ୍ୱୀ ହୁଅନ୍ତୁ ବୋଲି ସେ କାମନା କରିଛନ୍ତି । ଲୁଇସ୍ ବ୍ରେଲୀ ଫାଉଣ୍ଡେସନ୍ ର ସଭାପତି ତଥା ବୟୋଜ୍ୟେଷ୍ଠ ଦୃଷ୍ଟିବାଧିତଙ୍କ ଶିକ୍ଷାବିତ୍ ଶିରିଶ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ପ୍ରଶାସକ ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେ ନିଜେ ଦୃଷ୍ଟିବାଧିତ ହୋଇଥିବା ସେଣ୍ଟ ଶିକ୍ଷକମାନଙ୍କ ସହଯୋଗ ହେତୁ ଜୀବନରେ ଅନେକ ସଫଳତା ପାଇଛନ୍ତି ବୋଲି କହିଥିଲେ । ସମାଜସେବୀ ତଥା ଜୟଦେବ ବିହାର ବିକାଶ ପରିଷଦର ସଭାପତି ମିହିର ରଞ୍ଜନ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୃଷ୍ଟିବାଧିତମାନେ ନିଜକୁ ନ୍ୟୁନ ମନେକରିବା ଉଚିତ୍ ନୁହେଁ । ଏହି ସଂସ୍ଥାର ପ୍ରତିଷ୍ଠାତା ଯୁଧିଷ୍ଠିର ସାହୁଙ୍କ ଆଦର୍ଶ ବର୍ଣ୍ଣନା କରି ସେ ନିଜ ଉଦ୍ୟମରେ ଦୃଷ୍ଟିବାଧିତମାନଙ୍କୁ ପ୍ରତିବର୍ଷ ବ୍ରେଲୀ ଉପକରଣ ଓ ଆର୍ଥିକ ସହାୟତା ଦେବା ସହ ସମ୍ବର୍ଦ୍ଧିତ କରୁଥିବାରୁ ଶ୍ରୀ ରଥ ତାଙ୍କର ଉଚ୍ଚ ପ୍ରଶଂସା କରିଥିଲେ । ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତିପଥେ'ର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦେଇ ଗତ ଦୁଇବର୍ଷ ଧରି ଏହି ଫାଉଣ୍ଡେସନ୍ ଓଡ଼ିଶାର ଦୃଷ୍ଟିବାଧିତମାନଙ୍କୁ ଗୋଟିଏ ମଞ୍ଚରେ ଏକତ୍ରିତ କରି ନିଜ ଉଦ୍ୟମରେ ତଥା ପେନ୍‌ସନ୍ ଅର୍ଥରେ କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିବା ଏକ ମହାନ୍ କାର୍ଯ୍ୟ । ବାଚସ୍ପତି ଏଭଳି ଏକ ମନୋଜ୍ଞ ଉତ୍ସବରେ ଯୋଗଦେବା ସମସ୍ତଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ବୋଲି ଶ୍ରୀ ମହାନ୍ତି କହିଥିଲେ । ଦୃଷ୍ଟିବାଧିତମାନଙ୍କ ଶିକ୍ଷା ଓ ସେବାରେ ନିଜର ଜୀବନ ବ୍ୟାପୀ ସାଧନା ଲାଗି ବୟୋଜ୍ୟେଷ୍ଠ ଦୃଷ୍ଟି ବାଧିତ ଶିକ୍ଷାବିତ୍ ଶିରିଶ ଚନ୍ଦ୍ର ଦାସ ଓ ନୃସିଂହ ଚରଣ ମହାରଣାଙ୍କୁ 'ଉତମ ସେବା ସମ୍ମାନ' ଏବଂ ଅବସରପ୍ରାପ୍ତ ସଂଗୀତ ଶିକ୍ଷକ ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ମହାପାତ୍ରଙ୍କୁ 'ମରଣୋତ୍ତର ସମ୍ମାନ' ପୂର୍ବକ ପ୍ରତ୍ୟେକଙ୍କୁ ନଗଦ ୫ ହଜାର ଟଙ୍କା, ଉପଢୌକନ, ଫଳକ ଓ ମାନପତ୍ର ପ୍ରଦାନ କରାଯିବା ସହ ରାଜ୍ୟର ୧୨ଟି ଦୃଷ୍ଟିବାଧିତ ହାଇସ୍କୁଲ୍ ମାଟ୍ରିକ୍ ପରୀକ୍ଷା-୨୦୨୪ ସର୍ବୋଚ୍ଚ ନମ୍ବର ରଖି ପାସ୍ କରିଥିବା ଭୁବନେଶ୍ୱରର ଆକାଶ ଖମାରୀ, କଟକର ପ୍ରିୟଜିତ୍ ମହାଳିକ୍, ବ୍ରହ୍ମପୁରର ଭାରତୀ ବିଷୋଇ, ଜଗତ୍‌ସିଂହପୁରର ଲିଜା ନାୟକ, ଭଦ୍ରକର ଅରୁଣ କୁମାର ମାଝୀ ଓ ସ୍ମୃତି ମୁର୍ମୁ, ବାରିପଦାର ସଂଜୟ କୁମାର ଦାସ, ବାଣପୁରର ଦୀପକ ପ୍ରଧାନ, ବାଲିଗୁଡ଼ାର ବିଭୁ ପାତ୍ର, ବୁର୍ଲାର ସୁମନ ବେହେରା, କଳାହାଣ୍ଡିର ରୁଦ୍ର ତାଣ୍ଡି ଓ ସୋନପୁରର ଟୁନା ଦଣ୍ଡସେନା ଆଦି ପ୍ରତ୍ୟେକଙ୍କୁ ନଗଦ ୩୦୦୦ ଟଙ୍କା ସହ ଉପଢୌକନ ଓ ଫଳକ ମୁଖ୍ୟ ଅତିଥି ବାଚସ୍ପତି ଶ୍ରୀମତୀ ପାଢ଼ୀ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଲୁଇସ୍ ବ୍ରେଲୀ ଫାଉଣ୍ଡେସନ୍ ର ପ୍ରତିଷ୍ଠାତା ଯୁଧିଷ୍ଠିର ସାହୁ ସ୍ୱାଗତ ଭାଷଣ ଦେଇଥିଲେ ।



# କେରଙ୍ଗ ସର୍ବଧର୍ମ ସମ୍ମିଳନୀ

**ଭୁବନେଶ୍ୱର,୧୬।୭ (ମହାଭାରତ):** ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କେରଙ୍ଗ ଅହମଦୀୟା ମୁସଲିମ ବସ୍ତିର ଇଦଗାହ୍ ମଇଦାନରେ ୫୭ତମ କେରଙ୍ଗ ସର୍ବଧର୍ମ ସମ୍ମିଳନୀ ଉଦ୍‌ଯାପିତ ହୋଇଛି । ଏହି ସମ୍ମିଳନୀରେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡ଼ର ଜିଲ୍ଲା ସଭାପତି ଅମିରୁଦ୍ଦିନ ଖାଁ ପୌରୋହିତ୍ୟ କରିଥିଲେ । ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମୌଲାନା ଫଜଲ ହକ ଖାନ୍ କହିଲେ, ଆଜି ବିଶ୍ୱରେ ରାଜନୈତିକ ଓ ଅର୍ଥନୈତିକ ସମସ୍ୟା ହିଁ ବିଶ୍ୱଯୁଦ୍ଧ ପାଇଁ ବାଧ କରିଦେଇଛି । ବିଗତ ଦୁଇଟି ବିଶ୍ୱଯୁଦ୍ଧର ଭୟାବହ ଧ୍ୱଂସଲୀଳା ସମ୍ବନ୍ଧରେ ଆମେ ମାନେ ଭଲ ଭାବରେ ସଚେତନ ଅଛୁ । ଅଥଚ ପରିତାପର ବିଷୟ ହେଉଛି ଯେ କେତେକ ବିଭିନ୍ନ ଦେଶର ଜଟିଳ ଶାସନ ନୀତି ଓ ଗର୍ହିତ ଆଚରଣ ପୃଥିବୀର ଦିଗବଳୟରେ ଅନ୍ୟ ଏକ ବିଶ୍ୱଯୁଦ୍ଧର ଆଭାସ ଦେଉଛି । ଏହି ବିଶ୍ୱଯୁଦ୍ଧ ଏକ ଆଣବିକ ତଥା ପାରମାଣବିକ ଯୁଦ୍ଧରେ ହିଁ ପରିଣତ ହେବ । ଏହାର ଭୟାବହ ପରିଣତିରୁ ରକ୍ଷା ପାଇବା ପାଇଁ ଆମେ ନ୍ୟାୟ,ସାଧୁତା ଓ ସ୍ୱଚ୍ଛତାର ପଥ ଅବଲମ୍ବନ କରିବା ଉଚିତ୍ । ଆମେ ସମସ୍ତେ ଏକଜୁଟ ହୋଇ ହିଂସା ଓ ଘୃଣାକୁ ପ୍ରସାର କରୁଥିବା ସେହିସବୁ ଗୋଷ୍ଠୀ ବା ସଂଗଠନ ବିରୁଦ୍ଧରେ ସ୍ୱର ଉତୋଳନ କରିବା ଏବଂ ଯେଉଁମାନେ ପୃଥିବୀରେ ଶାନ୍ତି ନଷ୍ଟ କରିବାକୁ ଚାହୁଁଛନ୍ତି,ସେମାନଙ୍କୁ ଦୃଢ ହସ୍ତରେ ଦମନ କରିବା ଏକାନ୍ତ ଅପରିହାର୍ଯ୍ୟ । ବକ୍ତା ଭାବେ ଯୋଗଦେଇ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡ଼ର ପ୍ରଚାର ପ୍ରଭାରୀ ମୌଲାନା ମିର ଅବ୍ଦୁଲ ହଫିଜ ଇସଲାମ ଏବଂ ବିଶ୍ୱଶାନ୍ତି ବିଷୟବସ୍ତୁ ଉପରେ ମତପ୍ରକାଶ କରି କହିଲେ, ମାନବୀୟ ବିକାଶ ପାଇଁ ବିଶ୍ୱଶାନ୍ତି ଅପରିହାର୍ଯ୍ୟ । ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ବିଶ୍ୱଶାନ୍ତିଦୂତ ଅହମଦୀୟା ମୁସଲିମ ସଂଗଠନର ସର୍ବୋଚ ମୁଖ୍ୟ ହଜରତ ମିର୍ଜା ମସରୁର ଅହମଦଙ୍କର ନିରୂପିତ ଉକ୍ତ ନୀତିବାଣୀକୁ ଆପଣାଇବା ନିହାତି ଜରୁରୀ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସଚିବ ଇସଲାହ ଓ ଇରଶାଦ୍ ଦକ୍ଷିଣ ଭାରତ ମୌଲାନା ଅବଦ୍ଧୁଲ ଓକିଲ ନିଆଜ କହିଲେ, ଧର୍ମ ସେବା ଓ ମାନବ ସେବା ହିଁ ମାଧବ ସେବା ।

# ବେଦାନ୍ତ ଦ୍ୱାରା ରାଜ୍ୟରେ ୧ ଲକ୍ଷ ଯୁବବର୍ଗଙ୍କର ଜୀବନ ଜୀବିକାରେ ବିକାଶ

**ଭୁବନେଶ୍ୱର,୧୬।୭ (ମହାଭାରତ):** ରୋଜଗାର, ଉଦ୍ୟୋଗ୍ୟତା ଏବଂ ଦକ୍ଷତା ବିକାଶ ପାଇଁ ଯୁବ ପିଢ଼ିକୁ ଦକ୍ଷତା ସହିତ ସଜାଇବା ଲକ୍ଷ୍ୟରେ ବିଶ୍ୱ ଯୁବ ଦକ୍ଷତା ଦିବସ ପ୍ରତିଷ୍ଠା କରାଯାଇଥିଲା । ଜୁଲାଇ ୧୫ରେ ପାଳନ କରାଯାଉଥିବା ଚଳିତ ବର୍ଷର ଏହି ଦିବସର ବିଷୟବସ୍ତୁ ହେଉଛି 'ଶାନ୍ତି ଏବଂ ବିକାଶ ପାଇଁ ଯୁବ ଦକ୍ଷତା' । ଯାହା ସାମଗ୍ରିକ ସାମାଜିକ ବିକାଶରେ ସେମାନଙ୍କର ଭୂମିକାକୁ ଗୁରୁତ୍ୱ ଦେଇଥାଏ । ଯୁବ ସଶକ୍ତିକରଣ, ବିକାଶ ଏବଂ ଦକ୍ଷତା କ୍ଷେତ୍ରରେ ବେଦାନ୍ତ ସେସା ଗୋଆ ଆଗରେ ରହିଛି । ଏହାର ପ୍ରମୁଖ ପଦକ୍ଷେପ ମାଧ୍ୟମରେ ଏହା ସମଗ୍ର ରାଜ୍ୟରେ ୧,୦୦,୦୦୦ରୁ ଅଧିକ ଯୁବକଙ୍କ ଭବିଷ୍ୟତକୁ ପରିବର୍ତନ କରିବାରେ ସାହାଯ୍ୟ କରିଛି ।

ବେଦାନ୍ତ ସେସା ଗୋଆର ପ୍ରତିଶ୍ରୁତିଗୁଡିକ ମଧ୍ୟ ବିଶ୍ୱର ପ୍ରମୁଖ ଲକ୍ଷ୍ୟ ସହିତ ସମାନ । ସେସବୁ ମଧ୍ୟରେ ବିଶେଷତଃ ସ୍କିଲ୍ ଇଣ୍ଡିଆ ଦୃଷ୍ଟିକୋଣ ଏବଂ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ, ଏସଡିଜି-୪ ଅନ୍ତର୍ଭୁକ୍ତ ଏବଂ ସମାନ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ତଥା ସମସ୍ତଙ୍କ ପାଇଁ ଆଜୀବନ ଶିକ୍ଷାର ସୁଯୋଗକୁ ପ୍ରୋତ୍ସାହିତ କରିବା ଆଦି ରହିଛି । ଅନୀଲ ଅଗ୍ରୱାଲ ଫାଉଣ୍ଡେସନର ତତ୍ୱାବଧାନରେ ଏହି ବ୍ରାଣ୍ଡ ସମ୍ମାନ ଜନକ ଜ୍ଞାନ ପ୍ରଦାନକାରୀଙ୍କ ସହ ମିଶି ନ୍ୟାସନାଲ ସ୍କିଲ ଡେଭଲପମେଂଟ କର୍ପୋରେସନ(ଏନଏସଡିସି),ଇଣ୍ଡଷ୍ଟ୍ରିଆଲ ଟ୍ରେନିଂ ଇନଷ୍ଟିଚ୍ୟୁଟ ଇତ୍ୟାଦି ସହଯୋଗରେ ତାଲିମ କାର୍ଯ୍ୟକ୍ରମଗୁଡିକ ବଜାରର ବିକାଶଶୀଳ ଆବଶ୍ୟକତା ଏବଂ ଆକାଂକ୍ଷାକୁ ସୁନିଶ୍ଚିତ କରିଛି ।

ଯୁବବର୍ଗମାନଙ୍କର ଏହି ପ୍ରୟାସର ମୂଳରେ ସେସା ବୈଷୟିକ ବିଦ୍ୟାଳୟ (ଏସଟିଏସ) ଅଛି । ଏହା ୧୯୯୪ରେ ପୁନର୍ରୁଦ୍ଧାର ହୋଇଥିବା ସାନକେଲିମ ଆଇରନ ଓର ଖଣିର ଏକ ସିଏସଆର ପଦକ୍ଷେପ । ଏହାଦ୍ୱାରା ଗୋଆରେ ସ୍ଥାନୀୟ ଯୁବକମାନଙ୍କୁ ସଫଳତାର ସହ କର୍ମକ୍ଷେତ୍ରରେ ପ୍ରବେଶ କରିବା ତଥା ସେମାନଙ୍କ ଉଦ୍ୟୋଗୀ ଯାତ୍ରା ଆରମ୍ଭ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଆରମ୍ଭରୁ ଏସଟିଏସ ପ୍ରାୟ ୧୦୦% ଶିକ୍ଷାର୍ଥୀଙ୍କ ନିଯୁକ୍ତିକୁ ନିଶ୍ଚିତ କରିଛି ।

ବିଗତ ବଷଗୁଡିକରେ ଏସଟିଏସ ୨,୦୦୦ ରୁ ଅଧିକଙ୍କୁ ଅପସ୍କିଲିଂ ଏବଂ ତାଲିମ ସୁଯୋଗ ପ୍ରଦାନ କରିଛି ଏବଂ ସେମାନଙ୍କୁ ବିଭିନ୍ନ ବହୁରାଷ୍ଟ୍ରୀୟ ସ୍ଥାନରେ ସ୍ଥାନିତ କରିବାରେ ସାହାଯ୍ୟ କରିଛି । ମହିଳା ସଶକ୍ତିକରଣ ପ୍ରତି ବେଦାନ୍ତର ଏକ ଆଭିମୁଖ୍ୟ ରହିଛି ଏବଂ ଏସଟିଏସରେ ଶିଳ୍ପ ଭୂମିକା ଗ୍ରହଣ କରିବାକୁ ଚାହୁଁଥିବା ମହିଳାମାନଙ୍କ ପାଇଁ ଏହା ସ୍ୱତନ୍ତ୍ର ଭାବରେ କ୍ୟୁରେଟ ପାଠ୍ୟକ୍ରମ ଚଳାଇଥାଏ ।

# ପ୍ରତି ଜିଲ୍ଲାରେ ଖୋଲିବ ପରିବା ମଣ୍ଡି

**ଭୁବନେଶ୍ୱର,୧୬।୭ (ମହାଭାରତ):** ପରିବା ଓ ଗ୍ରୋସରୀ ଦର ଜୁଲାଇରେ ଯେତିକି ରହିବା କଥା ତାଠୁ ଅଧିକ ରହିଛି । ଦରଦାମ କେମିତି ନିୟନ୍ତ୍ରଣକୁ ଆସିବ, ମାର୍କେଟ୍ ବୁଲି ସ୍ଥିତି ପରଖିବା ପରେ ଆଜି ରିଟେଲର ଓ ହୋଲସେଲରଙ୍କ ସହ ବୈଠକ କରି କାରଣ ଖୋଜିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଚରିଥାକିଆ ବିକ୍ରି ବ୍ୟବସ୍ଥା ଓ ମିଡିଲ ମ୍ୟାନ୍ ପ୍ରଭାବ ଯୋଗୁଁ ପରିବାର ଦର ବଢୁଥିବା ମନ୍ତ୍ରୀ କହିଛନ୍ତି । ତେଣୁ ପ୍ରତି ଜିଲ୍ଲାରେ ପରିବା ମଣ୍ଡି କରିବା ସହ ଦୋକାନ ଆଗରେ ରେଟ୍ ଚାର୍ଟ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର ।



କଟକ ଓ ଭୁବନେଶ୍ୱରରେ ପ୍ରଥମେ ଖୋଲାଯିବ ପରିବା ମଣ୍ଡି । ପରେ ସବୁ ଜିଲ୍ଲାରେ ଖୋଲାଯିବାକୁ ଯୋଜନା ରହିଛି । ତାଛଡ଼ା ପରିବାର ଦର କେତେ ରହିବ ତାର ଏକ ରେଟ୍ ଚାର୍ଟ ବି ଲାଗିବ । ଏହାସହ କୃଷି ଉତ୍ପାଦ ୧୩୭ ଲକ୍ଷ ଟନରୁ ୨୦୦ ଲକ୍ଷ ଟନ୍ କରିବାକୁ ଲକ୍ଷ୍ୟ ରଖାଯାଇଛି । ସେହିପରି ଚାଷୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେଇ ଆଳୁ, ପିଆଜ ଉତ୍ପାଦନ ବଢାଇବାକୁ ମଧ୍ୟ ଚିନ୍ତା କରୁଛନ୍ତି ସରକାର । ଦରବୃଦ୍ଧିକୁ ନିୟନ୍ତ୍ରଣରେ ରଖିବାକୁ ଏଣିକି ପ୍ରତି ୩ ମାସରେ ରିଟେଲର ଏବଂ ହୋଲସେଲରଙ୍କ ସହ ଆଲୋଚନା ହେବବୋଲି କହିଛନ୍ତି ମନ୍ତ୍ରୀ ।

ଅନ୍ୟପକ୍ଷରେ ଜୁଲାଇ ଅଧା ହେଲାଣି, ହେଲେ ଆଖିଦୃଶିଆ ଭାବେ କମୁନି ପରିବା ଦର । ମାର୍କେଟ ରେଟ୍ ଅନୁସାରେ କେଜି ପିଛା ଆଳୁ ୩୦ରୁ ୩୫, ପିଆଜ ୪୦, ବିନ୍ସ ୮୦, ଟମାଟୋ ୬୦, ପୋଟଳ ୪୦ରୁ ୫୦, ବାଇଗଣ ୪୦ରୁ ୫୦, କଲରା ୪୦, ଝୁଡ଼ଙ୍ଗ ୬୦ ଓ କାଙ୍କଡ଼ ୬୦ ଟଙ୍କା ରହିଛି । ଅନ୍ୟ ପଟେ ଗ୍ରୋସରୀ ବି ବଢିବାରେ ଲାଗିଛି । ସୋରିଷ ତେଲ ଲିଟର ପିଛା ୧୪୫, ରିଫାଇନ ଲିଟର ପିଛା ୧୧୦ରୁ ୧୧୨, କେଜି ପିଛା ହରଡ଼ ଡାଲି ୧୭୦, ଅଟା ୩୮ରୁ ୪୦ ଟଙ୍କା ଥିବା ବେଳେ ଅରୁଆ ଓ ଉଷୁନା ଚାଉଳ କିଲୋ ପ୍ରତି ୪୦ ଟଙ୍କା ରହିଛି । ଯାହାକୁ ନେଇ ଗ୍ରାହକଙ୍କ ମନରେ ପ୍ରବଳ ଅସନ୍ତୋଷ ରହିଛି । ଏବେ ଦେଖିବାର କଥା ବିଭାଗ ଏବଂ ମନ୍ତ୍ରୀଙ୍କ ନୂଆ ନିଷ୍ପତ୍ତି କେବେ କାର୍ଯ୍ୟକାରୀ ହେଉଛି ଏବଂ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବାରେ କେବେ ସଫଳ ହେଉଛନ୍ତି ।

# ସୁନାବେଶ ଓ ଅଧରପଣା ପାଇଁ ୭୬ ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର,୧୬।୭ (ମହାଭାରତ):** ଯାତ୍ରୀମାନଙ୍କୁ ଆରାମଦାୟକ ଯାତ୍ରା ଯୋଗାଇବା ଏବଂ ପ୍ରଭୁ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା-୨୦୨୪ ସମୟରେ ପୁରୀକୁ ଚଳାଚଳ କରୁଥିବା ନିୟମିତ ଟ୍ରେନରେ ଯାତ୍ରୀଭିଡ଼କୁ ଏଡ଼ାଇବା ସହିତ ରାଜ୍ୟର ବିଭିନ୍ନ ପ୍ରାନ୍ତ ଓ ପଡୋଶୀ ରାଜ୍ୟ ମାନଙ୍କରୁ ପୁରୀକୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ପାଇବ ବ୍ୟବସ୍ଥା କରିଛି ।

ତୀର୍ଥଯାତ୍ରୀ ଓ ଭକ୍ତ ମାନଙ୍କର ସୁବିଧା ପାଇଁ ପୁରୀକୁ ନିୟମିତ ଟ୍ରେନ୍ ବ୍ୟତୀତ, ସୁନାବେଶ ପାଇଁ ୪୩ ଟି ସ୍ୱତନ୍ତ୍ର ଟ୍ରେନ୍ ଏବଂ ଅଧରପଣା ପାଇଁ ୩୩ ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯାଉଛି । ପ୍ରଥମ ଥର ପାଇଁ ପୂର୍ବତଟ ରେଳପଥ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରୁ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରି ଯାତ୍ରୀମାନଙ୍କୁ ତୀର୍ଥସ୍ଥାନ ପରିଦର୍ଶନ କରାଇବାରେ ସୁବିଧା ପ୍ରଦାନ କରିଛି ।

ପୂର୍ବତଟ ରେଳପଥ ପୁରୀରେ ରଥ ଯାତ୍ରା ମହୋତ୍ସବ ପାଇଁ ୩୧୫ ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ଘୋଷଣା କରିଥିଲା । ୫ ଜୁଲାଇରୁ ୧୫ ଜୁଲାଇମଧ୍ୟରେ ପୂର୍ବ ତଟ ରେଳପଥ ପୁରୀକୁ ଓ ପୁରୀ ଠାରୁ ଗୁଣ୍ଡିଚା ଯାତ୍ରା ଠାରୁ ବାହୁଡା ଯାତ୍ରା ମଧ୍ୟରେ ୨୩୯ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇ ସାରିଛି ।

ସୁନାବେଶ ପାଇଁ ପୂର୍ବତଟ ରେଳପଥ ପାରାଦୀପ, ଅନୁଗୁଳ, ଭଦ୍ରକ, ଜୁନାଗଡ଼ ରୋଡ୍, ଖୋର୍ଦ୍ଧା ରୋଡ୍, ଦଶପଲ୍ଲା, ସୋମପେଟା, ପଲାସା, କେନ୍ଦୁଝରଗଡ, ଗୁଣୁପୁର, ଜଗଦଲପୁର, ସୋନପୁର, ସମ୍ବଲପୁରରୁ ସ୍ୱତନ୍ତ୍ର ଟ୍ରେନ ଗୁଡିକ ପୁରୀକୁ ଚଳାଚଳ କରିବ ।ସେହିଭଳି ପାରାଦୀପ, ଅନୁଗୁଳ, ଭଦ୍ରକ, ଦଶପଲ୍ଲା, ପଲାସା, କେନ୍ଦୁଝରଗଡ ଏବଂ ଖୋର୍ଦ୍ଧା ରୋଡରୁ ଟ୍ରେନ୍ ଗୁଡିକ ଅଧରପଣା ପାଇଁ ପୁରୀ ଅଭିମୁଖେ ଯାତ୍ରା କରିବ । ଯାତ୍ରୀମାନଙ୍କର ଅତିରିକ୍ତ ଭିଡକୁ ଦୂର କରିବା ପାଇଁ ପୂର୍ବ ତଟ ରେଳପଥ ଭଦ୍ରକ, ପାରାଦୀପ, ଅନୁଗୁଳ, ପଲାସା, କେନ୍ଦୁଝରଗଡ, ଦଶପଲ୍ଲା, ବ୍ରହ୍ମପୁରକୁ ପୁରୀ ଠାରୁ ଓ ତା'ପରଦିନ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ଯୋଜନା ରଖିଛି ।

ଭକ୍ତ ଏବଂ ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ରେଳ ମନ୍ତ୍ରଣାଳୟ ବିଭିନ୍ନ ସୁବିଧା ଯୋଗାଇ ଦେଇଛି । ଯାତ୍ରୀମାନଙ୍କ ସମସ୍ୟା ତଥା ଟ୍ରେନ୍ ଚଳାଚଳ ସୁଗମ କରାଇବା ପାଇଁ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ ଖୋଲାଯାଇଛି । ଷ୍ଟେସନରେ ବ୍ୟାପକ ଘୋଷଣା ଏବଂ ଅତିରିକ୍ତ ଟିକେଟ୍ ବୁକିଂ କାଉଂଟର ମାଧ୍ୟମରେ ଟିକେଟ୍ ସୁଗମ ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ପୂର୍ବତଟ ରେଳପଥ ରଥଯାତ୍ରା ମହୋତ୍ସବ ସମୟରେ ସମସ୍ତ ଯାତ୍ରୀଙ୍କ ପାଇଁ ଏକ ନିରାପଦ, ଆରାମଦାୟକ ଏବଂ ସୁବିଧାଜନକ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ ।

# ବିଜେପି କାର୍ଯ୍ୟାଳୟରେ ଅଭିଯୋଗ ଶୁଣିଲେ ସ୍ୱାସ୍ଥ୍ୟ ଓ ପରିବହନ ମନ୍ତ୍ରୀ

**ଭୁବନେଶ୍ୱର,୧୬।୭ (ମହାଭାରତ):** ବିଜେପି ରାଜ୍ୟ କାର୍ଯ୍ୟାଳୟରେ କାର୍ଯ୍ୟକର୍ତା ଓ ସାଧାରଣଙ୍କ ଜନତାଙ୍କ ଉଦ୍ଦେଶ୍ୟରେ ଆଜିଠାରୁ ପ୍ରତି ସୋମବାର ଅଭିଯୋଗ ଶୁଣାଣି ଆରମ୍ଭ ହୋଇଛି । ଏଥିରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ସଂସଦୀୟ ବ୍ୟାପର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ଲୋକଙ୍କ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ । ଏସବୁ ଅଭିଯୋଗର ତ୍ୱରିତ ସମାଧନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ସ୍ୱାଗତ କରିଛନ୍ତି । ପ୍ରତି ସୋମବାର ଦୁଇଜଣ ମନ୍ତ୍ରୀ ଯୋଗ ଦେଇ ଲୋକଙ୍କ ସମସ୍ୟା ସମାଧାନ କରିବେ । ଏଥିରେ ଦଳୀୟ କାର୍ଯ୍ୟକର୍ତାଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ଓ ଶୁଭେଚ୍ଛୁମାନେ ସାମିଲ ହୋଇପାରିବେ । ଏହାଦ୍ୱାରା ବିଜେପି ଲୋକଙ୍କ ଅଧିକ ନିକଟତର ହୋଇପାରିବ ବୋଲି ଶ୍ରୀ ସାମଲ ପ୍ରକାଶ କରିଛନ୍ତି । ଶ୍ରୀ ସାମଲ କହିଛନ୍ତି, ଅଭିଯୋଗ ଶୁଣାଣି କାର୍ଯ୍ୟକମ ପ୍ରଥମେ ବିଜେପି ଆରମ୍ଭ କରିଥିଲା । ଲୋକଙ୍କ ସମସ୍ୟା ଶୁଣିବା, ସେମାନଙ୍କ ସମସ୍ୟା ସହ ନିଜକୁ ଜଡିତ କରି ସମାଧାନ ରାସ୍ତା ବାହାର କରିବା ହେଉଛି ଜନସଂଘରୁ ବିଜେପି ପର୍ଯ୍ୟନ୍ତ ଯାତ୍ରାର ଏକ ପ୍ରମୁଖ କାର୍ଯ୍ୟକ୍ରମ । ପରବର୍ତୀ ସମୟରେ ଅନ୍ୟମାନେ ଏହି ପ୍ରକ୍ରିୟାକୁ ଅନୁସରଣ କରିଛନ୍ତି ।



ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, ଓଡ଼ିଶାରେ ବିଜେପି ସରକାର ଗଠନ କରିବା ପରେ ପାର୍ଟିରେ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଛି । ଲୋକଙ୍କ ସମସ୍ୟା ହେଉଛି ସରକାରଙ୍କ ସମସ୍ୟା । ଏହାର ସମାଧାନ କରିବା ହେଉଛି ବିଜେପି ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ । ଅଭିଯୋଗ ଶୁଣାଣି ଶିବିରରେ ହୋଇଥିବା ଅଭିଯୋଗଗୁଡ଼ିକର କିପରି ତ୍ୱରିତ ସମାଧାନ ହେବ ସେଥିପାଇଁ ବିଶେଷ ଭାବେ ଦୃଷ୍ଟି ଦିଆଯିବ । ଅଭିଯୋଗଗୁଡ଼ିକୁ ସେହି ବିଭାଗକୁ ପଠାଯାଇ ତୁରନ୍ତ ସମାଧାନ କରିବାକୁ ଜୋର ଦିଆଯିବ । ଏହି ଅଭିଯୋଗ ଶୁଣାଣିରେ ଯାଜପୁର ସାଂସଦ ରବୀନ୍ଦ୍ର କୁମାର ବେହେରା ଯୋଗଦେଇ ଅଭିଯୋଗଗୁଡ଼ିକୁ ଶୁଣିଥିଲେ । ଏଥିରେ ପରିବହନ ମନ୍ତ୍ରୀ ଶ୍ରୀ ଜେନା ଯୋଗଦେଇ କହିଥିଲେ, ଅଭଯୋଗ ଶୁଣିବା ହେଉଛି ସରକାରଙ୍କ ନୀତିଗତ ନିଷ୍ପତି, ଯେଉଁଠି ବିଜେପି ସରକାର ରହିଛି ସେଠାରେ ରିତିମତ ଲୋକଙ୍କ ସମସ୍ୟା ଶୁଣାଯାଏ । ପୂର୍ବ ସରକାର ଅମଳରେ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଗୁରୁତ୍ୱ ଦିଆଯାଉ ନ ଥିଲା । ଏପରିକି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ହୋଇଯାଇଥିଲା, ମାତ୍ର ବିଜେପି ସରକାର ଲୋକଙ୍କ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେଉଛି । ଏହି ଅଭିଯୋଗ ଶୁଣାଣିରେ ଶତାଧିକ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ଏହି ଅବସରରେ ବିଶେଷ କରି ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଓ ଅନ୍ୟାନ୍ୟ ଅଭିଯୋଗ ହୋଇଥିଲା ।

# ଜଳବାୟୁ ପରିବର୍ତ୍ତନ ସମସ୍ୟା ସମ୍ପର୍କିତ କର୍ମଶାଳା

**ଭୁବନେଶ୍ୱର,୧୬।୭ (ମହାଭାରତ):** ଜଳବାୟୁ ପରିବର୍ତନ ଜନିତ ସମସ୍ୟାକୁ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ଆସନ୍ତା ଜୁଲାଇ ୧୮ ତାରିଖରୁ ଆୟୋଜିତ ହେବାକୁ ଥିବା ଏକ ୩- ଦିନିଆ ଆନ୍ତର୍ଜାତିକ କର୍ମଶାଳାରେ ଶିକ୍ଷା, ଶିଳ୍ପ, ଗବେଷଣା ସଂସ୍ଥା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିତ୍ୱ କରୁଥିବା ବିଶେଷଜ୍ଞମାନେ ଏକାଠି ହୋଇ ଆଲୋଚନା କରିବେ । 'ସଷ୍ଟେନେବୁଲ ଏଗ୍ରିକଲ୍‌ଚରାଲ ଡେଭଲେପ୍‌ମେଂଟ ୱିଥ୍ କ୍ଲାଇମେଟ ସ୍ମାର୍ଟ ସିଷ୍ଟମ୍' ଶୀର୍ଷକ ଏହି ଆନ୍ତର୍ଜାତିକ କର୍ମଶାଳାକୁ ସୋଆ ପରିଚାଳିତ ସେଂଟର ଫର କ୍ଲାଇମେଟ ସ୍ମାର୍ଟ ଏଗ୍ରିକଲଚର (ସିସିଏସ୍‌ଏ), ସୋଆର କୃଷି କଲେଜ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ଓ ଇଣ୍ଡିଆନ୍ ମେଟିଓରୋଲଜିକାଲ୍ ସୋସାଇଟିର ସ୍ଥାନୀୟ ଶାଖା ପକ୍ଷରୁ ମିଳିତ ଭାବେ ଆୟୋଜନ କରାଯାଉଛି ।

କୃତ୍ରିମ ବୁଦ୍ଧିମତା, ଡ୍ରୋନ୍, କୃଷି କ୍ଷେତ୍ରରେ ସ୍ୱୟଂଚାଳିତ ରୋଗ ଚିହ୍ନଟ ଓ ଚିକିତ୍ସା ପରି ଉପଲବ୍ଧ ବ୍ୟବସ୍ଥା ଉପଯୋଗ କରି ବୈଜ୍ଞାନିକ ପଦ୍ଧତିରେ କୃଷି ଉତ୍ପାଦନକୁ ଅଧିକ କରିବା ତଥା ଗ୍ରୀନ୍ ହାଉସ ଗ୍ୟାସ୍ ନିର୍ଗମନକୁ ହ୍ରାସ କରିବା ନିମନ୍ତେ ଆଲୋଚନା ସହିତ କ୍ଷେତ୍ର ନିର୍ଦ୍ଦିଷ୍ଟ ଜଳବାୟୁ ଅଂଚଳରେ ଫସଲ ଉତ୍ପାଦନର ବିକାଶ ଉପରେ ଚିନ୍ତନ ନିମନ୍ତେ ବୈଜ୍ଞାନିକ ସମୁଦାୟ ଓ ଅନ୍ୟାନ୍ୟ ଅଂଶୀଦାର ମାନଙ୍କୁ ଏକ ମଂଚ ପ୍ରଦାନ ନିମନ୍ତେ ଏହି ଉଦ୍ୟମ ସହାୟକ ହେବ ବୋଲି ସିସିଏସ୍‌ଏର ନିର୍ଦ୍ଦେଶକ ତଥା ସମ୍ମିଳନୀର ଅଧକ୍ଷ୍ୟ ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି । ପୃଥିବୀରେ ଜଳବାୟୁ, ଜଳସମ୍ପଦ ଏବଂ ପରିବେଶ ମିଳିତ ଭାବେ ସନ୍ତୁଳନ ରକ୍ଷା କରିଥାନ୍ତି । କିନ୍ତୁ ଦ୍ରୁତ ସହରୀକରଣ ଏବଂ ମାନବକୃତ କାର୍ଯ୍ୟକଳାପ ଯୋଗୁଁ ଏହି ସନ୍ତୁଳନ ଦୋହଲି ଯିବାରେ ଲାଗିଛି । ଏହାର ପ୍ରତିଫଳନ ପାଣିପାଗରେ ଅନିୟମିତତା ଜଳବାୟୁ ପରିବର୍ତନ, ବିଶ୍ୱ ତାପନ, ଜଳର ଅଭାବ ଓ ଜଳ, ବାୟୁ ଓ ଭୂମିର ପ୍ରଦୂଷଣ ଭାବେ ପରିଲକ୍ଷିତ ହେଉଛି ।

ବର୍ତମାନ ପରିପ୍ରେକ୍ଷୀରେ ଜଳବାୟୁ ପରିବର୍ତନ ହେଉଛି ଏକ ପ୍ରମୁଖ ପ୍ରସଙ୍ଗ ଯାହାର ସମାଧାନ ଆବଶ୍ୟକ କାରଣ ଏହା ପରିବେଶ ଉପରେ ବହୁଳ ପ୍ରଭାବ ପକାଇପାରେ ବୋଲି ପ୍ରଫେସର ପଣ୍ଡା କହିଛନ୍ତି । କୃଷି ଜଳସମ୍ପଦ ଉପରେ ନିର୍ଭରଶୀଳ ହୋଇଥିବାରୁ ଜଳ ଯୋଗାଣରେ ବିଭ୍ରାଟ କୃଷି ଉତ୍ପାଦନ କ୍ଷେତ୍ରରେ ଉତ୍କଟ ସମସ୍ୟା ସୃଷ୍ଟି କରିପାରେ ଯାହା ଫଳରେ ଦୀର୍ଘମିଆଦି ଓ ସ୍ୱଳ୍ପମିଆଦି ମରୁଡ଼ି ଏବଂ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ସେ କହିଥିଲେ । ପ୍ରଫେସର ପଣ୍ଡା କହିଥିଲେ ଯେ ଏହି ସମ୍ମିଳନୀରେ କୃଷି କ୍ଷେତ୍ରରେ ଭିନ୍ନ ପରିଚୟ ସୃଷ୍ଟି କରିଥିବା ଆମେରିକା ଓ ଭାରତର ବିଶିଷ୍ଟ କୃଷି ବିଶେଷଜ୍ଞମାନେ ଯୋଗ ଦେଇ ସେମାନଙ୍କର ଉପଯୋଗୀ ମନ୍ତବ୍ୟ ରଖିବେ । ସେମାନଙ୍କ ମଧ୍ୟରେ ଆମେରିକାର ନେବ୍ରାସ୍କା ବିଶ୍ୱବିଦ୍ୟାଳୟ ପରିଚାଳିତ ନେବ୍ରାସ୍କା ୱାଟର ସେଂଟରର ପ୍ରଫେସର ଓ ନିର୍ଦ୍ଦେଶକ ତଥା ସିସିଏସ୍‌ଏର ଆନ୍ତର୍ଜାତିକ ଉପଦେଷ୍ଟା ପ୍ରଫେସର ଚିତରଞ୍ଜନ ରାୟ, ଜୀବିକା ସନ୍ଧାନରେ ମହାରାଷ୍ଟ୍ରର ଗ୍ରାମାଂଚଳରୁ ସହରାଂଚଳକୁ ଚାଲି ଆସୁଥିବା ଲୋକଙ୍କୁ ପୁଣି ଥରେ ନିଜ ଭିଟାମାଟିକୁ ଫେରାଇ ଆଣିବାରେ ସଫଳ ହୋଇଥିବା ପାପଟରାଓ ପାୱାର ଓ ବିଶ୍ୱବ୍ୟାଙ୍କର କୃଷି ବିଶେଷଜ୍ଞ ଡକ୍ଟର ରଞ୍ଜନ ସାମନ୍ତରାୟ ଅଛନ୍ତି ।

# ୧୮ରେ ପରିବେଶ ରତ୍ନ ସମ୍ମାନ ସମାରୋହ

**ଭୁବନେଶ୍ୱର,୧୬।୭ (ମହାଭାରତ):** ଦେଶର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ଆସନ୍ତା ୧୮ ଜୁଲାଇରିଖରେ ପରିବେଶ ରତ୍ନ ସମ୍ମାନ ସମାରୋହର ତୃତୀୟ ସଂସ୍କରଣ ଅନୁଷ୍ଠିତ ହେବ । ଭୁବନେଶ୍ୱର ଜୟଦେବ ଭବନଠାରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସାରା ଦେଶରୁ ପରିବେଶ ବିଜ୍ଞାନୀ, ବୁଦ୍ଧିଜୀବୀ ତଥା ପରିବେଶପ୍ରେମୀମାନେ ଏକାଠି ହେବେ । ଏହି ଅବସରରେ 'ଜଳବାୟୁ ପରିବର୍ତନ; ଆହ୍ୱାନ ଏବଂ ସୁଯୋଗ' ଶୀର୍ଷକ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହେବ । ଯେଉଁଥିରେ ଜଳବାୟୁ ପରିବର୍ତନ ଓ ପରିବେଶ ସୁରକ୍ଷା ଉପରେ କାମ କରି ଆସୁଥିବା ବୈଜ୍ଞାନିକ, ବ୍ୟକ୍ତିବିଶେଷ ଓ ଅନୁଷ୍ଠାନମାନେ ଅଂଶଗ୍ରହଣ କରି ନିଜର ମତ ରଖିବେ । ତା ସହିତ ପରିବେଶ ସୁରକ୍ଷାରେ ବ୍ରତୀ ଥିବା କିଛି ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ମାନଙ୍କୁ ପରିବେଶ ରତ୍ନ ସମ୍ମାନରେ ସମ୍ମାନିତ କରାଯିବ । ଏ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର ଅଧ୍ୟକ୍ଷ ଡ. ବିପିନ ବିହାରୀ ମିଶ୍ର କହିଥିଲେ କି ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଦୀର୍ଘ ଦିନ ହେବ ପରିବେଶ ସୁରକ୍ଷା ଦିଗରେ କାମ କରି ଆସୁଅଛି । ଆମେ ଦୀର୍ଘ ବର୍ଷ ହେବ ବର୍ଷାଋତୁ ଆରମ୍ଭରେ ବିଭିନ୍ନ ସ୍ଥାନରେ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମମାନ ଆୟୋଜନ କରି ଆସୁଛୁ ।

# ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମୀକ୍ଷା

**ଭୁବନେଶ୍ୱର,୧୬।୭ (ମହାଭାରତ):** ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ସୋମବାର ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହେଇଯାଇଛି । 'ସକ୍ଷମ' ଅନୁଷ୍ଠାନର ପ୍ରତିନିଧିମାନେ ଏହି ଆଲୋଚନାରେ ଅଂଶଗ୍ରହଣ କରି ଗ୍ରାମାଂଚଳରେ ରହୁଥିବା ଭିନ୍ନକ୍ଷମମାନଙ୍କର ବିଭିନ୍ନ ସମସ୍ୟା ଏବଂ ତା'ର ସମାଧାନ ସମ୍ପର୍କରେ ମତାମତ ଉପସ୍ଥାପନ କରିଥିଲେ । ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠି ବିଭାଗରେ ଭିନ୍ନକ୍ଷମ ମାନଙ୍କ ନିମନ୍ତେ ରହିଥିବା ବିଭିନ୍ନ ଯୋଜନାଗୁଡିକ ଉପରେ ବିସ୍ତୃତ ବିବରଣୀ ରଖିଥିଲେ । ବୈଠକରେ ଭିନ୍ନକ୍ଷମମାନଙ୍କ ଉନ୍ନତି ନିମନ୍ତେ ବ୍ଲକ ସ୍ତରରେ ଭିନ୍ନକ୍ଷମ ମିତ୍ରମାନଙ୍କୁ ଚୟନ କରାଯାଇ ଏହାକୁ ଗ୍ରାମ ସହ ସଂଯୋଜନ କରାଯାଇ ଭିନ୍ନକ୍ଷମମାନଙ୍କ ପାଇଁ ପ୍ରଚଳିତ ଥିବା ଯୋଜନାଗୁଡିକୁ ସୁବିଧାରେ ଉପଲବ୍ଧ କାରାଯିବା ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଥିଲା । ଭିନ୍ନକ୍ଷମମାନଙ୍କ ନିମନ୍ତେ ଉଚ୍ଚଶିକ୍ଷା ଓ ରୋଜଗାର କ୍ଷେତ୍ରରେ ଆଇନ ଅନୁଯାୟୀ ସଂରକ୍ଷଣ ବ୍ୟବସ୍ଥା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ଭିନ୍ନକ୍ଷମମାନଙ୍କୁ ପରିବହନ କ୍ଷେତ୍ରରେ ସ୍ଥାନ ସଂରକ୍ଷଣର ସୁବିଧା, ଆନ୍ତଃଭିନ୍ନକ୍ଷମ ବିବାହରେ ପ୍ରୋତ୍ସାହନ ରାଶି, ସୁସ୍ଥ କୁଷ୍ଠରୋଗୀଙ୍କ ପ୍ରତି ଅସ୍ପୃଶ୍ୟତା ମନୋଭାବ ଦୂରୀକରଣ, ସୁଗମ୍ୟ ପାର୍କ, ବିନାସୁଧାରେ ଋଣ ପ୍ରଦାନ ଆଦି ସୁବିଧା ଯୋଗାଇଦେବା ପାଇଁ ପଦକ୍ଷେପ ନେବା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା । ବୟୋଜ୍ୟେଷ୍ଠମାନଙ୍କ ନିମନ୍ତେ ଗୋଷ୍ଠୀ ଆବାସ କେନ୍ଦ୍ର ଖୋଲିବା ନିମନ୍ତେ ସରକାର ନିକଟ ଭବିଷ୍ୟତରେ ବିଚାର କରିବା ନିମନ୍ତେ ମତପ୍ରକାଶ ପାଇଥିଲା । ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶିକା, ବିଭାଗର ଅତିରିକ୍ତ ଶାସନ ସଚିବ ଓ ଉପ ଶାସନ ସଚିବ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଏନଟିଏ ମାଧ୍ୟମରେ ପରୀକ୍ଷା ହେଉ

ସରକାରୀ ଅଫିସରେ ପିଅନ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲେ ସ୍ନାତକୋତ୍ତର ଡିଗ୍ରୀଧାରୀ ମେଧାବୀ ଛାତ୍ରଟିଏ ମଧ୍ୟ ଏଥିପାଇଁ ଆଗ୍ରହୀ ହୋଇଥାଏ । କାରଣ ହେଲା ବଂଚିବାକୁ ସଂଘର୍ଷ । ଗରୀବ, ନିମ୍ନମଧ୍ୟବିତ୍ତ ବର୍ଗର ଛାତ୍ରଟିଏ ପାଠ ପଢ଼ିବାର ମୁଖ୍ୟ ଉଦ୍ଦେଶ୍ୟ ରଖିଥାଏ କିପରି ସରକାରୀ ଚାକିରୀ ଖଣ୍ଡେ ପାଇବ । କାରଣ ସରକାରୀ ଚାକିରୀରେ ସ୍ଥାୟିତ୍ୱ ରହିଛି, ଘରୋଇ କ୍ଷେତ୍ରରେ ଚାକିରୀ କହିଲେ ଶୋଷଣ ଏବଂ ଅତ୍ୟାଚାର । ଭାରତର ଜନସଂଖ୍ୟା ଯାହା ସେଥିରେ ସମସ୍ତଙ୍କୁ ବା ଅଧା ଆବେଦନକାରୀଙ୍କୁ ନିଯୁକ୍ତି ଦେବା ମଧ୍ୟ ଅସମ୍ଭବ । ଯେତେବେଳେ ଗୋଟିଏ ପଦକୁ ଲକ୍ଷେ ପିଲା ଆବେଦନ କରନ୍ତି, ସେତେବେଳେ ଦୁର୍ନୀତିର ମଧ୍ୟ ଆଶଙ୍କା ରହିଛି । କେବଳ ସରକାରୀ ଚାକିରୀ ନୁହେଁ, ଭଲ ଶିକ୍ଷାନୁଷ୍ଠାନରେ ବିଶେଷ କରି ବୈଷୟିକ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ମଧ୍ୟ ଏଭଳି ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥାଏ ଏବଂ ଏଥିର ମଧ୍ୟ ଦୁର୍ନୀତି ହେଉଛି । ନିକଟରେ ଏନଟିଏ ଦ୍ୱାରା ପରିଚାଳିତ ନିଟ-ୟୁଜି ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ଆସିଛି । ପ୍ରଶ୍ନପତ୍ର ଲିକଠାରୁ ଆରମ୍ଭ କରି କିଛି ପରୀକ୍ଷାର୍ଥୀଙ୍କୁ ବେଆଇନ ଭାବେ ଗ୍ରେସ ମାର୍କ ଦିଆଯିବା ଅଭିଯୋଗ ହେବା ପରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଇହାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ସିବିଆଇ ଏହା ଉପରେ ମାମଲା ରୁଜୁ କରି ଗିରଫଦାରୀ ଆରମ୍ଭ କରିଛି । ବିହାର ପୋଲିସ ମଧ୍ୟ ଏହାର ତଦନ୍ତ କରି ୧୮ଜଣଙ୍କୁ ଗିରଫ କରିଛି । ଏହାର ଚେର ବେଶ ଗଭୀରକୁ ଯାଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୫୬୩ଜଣ ପରୀକ୍ଷାର୍ଥୀଙ୍କୁ ମିଳିଥିବା ଗ୍ରେସ ମାର୍କକୁ ମଧ୍ୟ ବାତିଲ କରାଯାଇଛି । ସେମାନଙ୍କୁ ପୁନର୍ବାର ପରୀକ୍ଷା ଦେବାକୁ ସୁଯୋଗ ମିଳିଥିଲା । କିନ୍ତୁ ସେମାନଙ୍କ ମଧ୍ୟରୁ ଅଧା ପରୀକ୍ଷା ଦେଲେନି । କେବଳ ନିଟ-ୟୁଜି ନୁହେଁ ନିଟ-ପିଜି ପରୀକ୍ଷା ଏବଂ ସିଏସଆଇଆର-ନିଟ ପରୀକ୍ଷାକୁ ମଧ୍ୟ ବାତିଲ କରାଯାଇଛି । ଏଥିନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେ, ଯଦି ଜଣେ ଯୋଗ୍ୟ ଛାତ୍ର ଗଳାବାଟରେ ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇ ଡାକ୍ତର ହୁଏ ତେବେ ସମାଜର ଅବସ୍ଥା କ'ଣ ହେବ ତାହା ଅନୁମାନ ଯୋଗ୍ୟ । ଏମିତି ସଂରକ୍ଷଣ ବ୍ୟବସ୍ଥାରେ ଅନେକ ଅଯୋଗ୍ୟ ଏବଂ ନିମ୍ନମାନର ଛାତ୍ରଛାତ୍ରୀ ମେଡିକାଲ ପଢ଼ିବାର ସୁଯୋଗ ପାଉଛନ୍ତି । ସେଥିରେ ଦୁର୍ନୀତି କରି ଅନେକ ଅଯୋଗ୍ୟ ଛାତ୍ରଛାତ୍ର ମେଡିକାଲ ପଢ଼ି୧ବାର ସୁଯୋଗ ପାଉଛନ୍ତି । ସେଥିରେ ଭଲ ଡାକ୍ତର କେମିତି ବାହାରିବେ ? ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ, ପ୍ରବେଶିକା ପରୀକ୍ଷା ବିଫଳ ହେଉଥିବା ଅନେକ ମେଧାବୀ ଛାତ୍ରଛାତ୍ରୀ ଯୋଗ୍ୟତା ଥାଇ ମଧ୍ୟ ସାମାନ୍ୟ ତ୍ରୁଟିରୁ ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇବାକୁ ସକ୍ଷମ ହେଉ ନାହାଁନ୍ତି । କିନ୍ତୁ କିଛି ଅଯୋଗ୍ୟ ଛାତ୍ର ବିଭିନ୍ନ ବାଟରେ ମେଡିକାଲ ପଢ଼ିବାକୁ ସୁଯୋଗ ପାଉଛନ୍ତି । ଏହା ଦ୍ୱାରା ଅନେକ ଛାତ୍ରଛାତ୍ରୀ ଅନ୍ୟାୟର ଶୀକାର ହେଉଛନ୍ତି । ଏନଟିଏ ଭଳି ଜାତୀୟ ସ୍ତରର ଏଜେନ୍ସି ଦ୍ୱାରା ପରିଚାଳିତ ପରୀକ୍ଷାରେ ଯଦି ଏଭଳି ଦୁର୍ନୀତି ହୁଏ ତେବେ ଏହା ଚିନ୍ତାଜନକ, ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ । ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ନିମନ୍ତେ କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । କମିଟିର ସୁପାରିସକ୍ରମେ ସରକାର ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବେ । ଏହା ସ୍ୱାଗତଯୋଗ୍ୟ । ଅନେକ ଏନଟିଏକୁ ବନ୍ଦ କରି ପୂର୍ବପରି ରାଜ୍ୟସ୍ତରରେ ପ୍ରତିଯୋଗିତା ମୂଳକ ପରୀକ୍ଷା ହେଉ ଏବଂ ସର୍ବଭାରତୀୟ ପରୀକ୍ଷାକୁ ରଦ୍ଦ କରାଯାଉ ବୋଲି ଦାବି କରିଛନ୍ତି । ଏହାକୁ ବିଚାର କରାଯିବା ଉଚିତ । ବାସ୍ତବରେ ମେଡିକାଲ, ଇଞ୍ଜିନିୟରିଂ କଲେଜରେ ଆଡମିଶନ ନିମନ୍ତେ ସର୍ବଭାରତୀୟ ସ୍ତରରେ ପରୀକ୍ଷାର ଆବଶ୍ୟକତା ନାହିଁ । କେବଳ ଆଇଆଇଟି, ଏମସ, ଆଇଆଇଏମ ଭଳି ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ଏନଟିଏ ମାଧ୍ୟମରେ ପରୀକ୍ଷା ହେଉ ।

# ମାତା ଧରିତ୍ରୀ ଓ ପୃଥିବୀର ପରିବେଶ


॥ ଡକ୍ଟର ରାଜକିଶୋର ମିଶ୍ର ॥


*ଆଜି ବିଭିନ୍ନ ଗଣମାଧ୍ୟମର ପୃଷ୍ଠ ଲେଟାଇଲେ ଦେଖାଯାଉଛି ଧରିତ୍ରୀ ପ୍ରତି ବିପଦକୁ ନେଇ ବିଭିନ୍ନ ସମୟରେ ବୈଜ୍ଞାନିକମାନଙ୍କ ଉଦ୍‌ବେଗ । ବିଭିନ୍ନ ସମୟରେ ପରିବେଶଜନିତ ଭୟଙ୍କର ଅବକ୍ଷୟ ପାଇଁ ଆଜି ସବୁକ୍ଷେତ୍ରରେ ସଚେତନତାର ମୁହୂର୍ତ୍ତ ପହଞ୍ଚିଥିଲେ ବି ଆମ୍ଭେମାନେ ବାସ୍ତବରେ କ'ଣ ସଚେତନ ।*

ସଚରାଚର ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ଭଗବାନଙ୍କ ସୃଷ୍ଟି । ଏବଂ ଏହି ସୁନ୍ଦର ସୃଷ୍ଟିର ପରିବେଶକୁ ଗଢ଼ିଛନ୍ତି ଭଗବାନ । ପ୍ରକୃତି ବିନା ପରିବେଶ ଏବଂ ପରିବେଶ ବ୍ୟତୀତ ଭଗବାନଙ୍କ ସବ୍ରଶ୍ରେଷ୍ଠ ସୃଷ୍ଟି ସେହି ତଥାକଥିତ 'ଅମୃତସ୍ୟ ପୁତ୍ର'ଗଣ ହେଉଛନ୍ତି ଏହି ଧରିତ୍ରୀ ମାତା ଉପରେ ଆତଯାତ ହେଉଥିବା ଆମ୍ଭେ ସମସ୍ତେ । ଆଜି ହେଉଛି ବିଶ୍ୱ ଧରିତ୍ରୀ ଦିବସ । ଏହି ଦିବସକୁ ପାଳନ କରିବାର ଉଦ୍ଦେଶ୍ୟ ହେଲା, ଆମେ ବସବାସ କରୁଥିବା ପୃଥିବୀର ପରିବେଶକୁ କିଭଳି ସନ୍ତୁଳିତ ରଖିବା ଏବଂ ସମଗ୍ର ଜୀବଜଗତ ପ୍ରତି ଶ୍ରଦ୍ଧାଶୀଳ ହେବା । ୧୯୭୦ ମସିହା ଫେବୃୟାରୀ ମାସରେ ଧରିତ୍ରୀ ଦିବସର ପାଳନ ନିମିତ୍ତ ଏହାର ଚୂଡ଼ାନ୍ତ ରୂପରେଖ ଜାତିସଂଘକୁ ପଠାଯାଇଥିଲା । ଜାତିସଂଘ ଏହି ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ସ୍ୱୀକୃତି ଦେଇଥିଲେ । ଏଣୁ ପ୍ରତିବର୍ଷ ମାର୍ଚ୍ଚ ମାସ ୨୧ ତାରିଖକୁ ଧରିତ୍ରୀ ଦିବସ ରୂପେ ପାଳନ କରାଯାଏ । ସମ୍ପ୍ରତି ଧରିତ୍ରୀ ଓ ବିଶ୍ୱ ପରିବେଶ ଘୋର ସଂକଟରେ ସମ୍ମୁଖୀନ ହେଉଛି । ଏହାର କାରଣ ହେଉଛି ଆଜି ସବୁ ମାନବୀୟ ମୂଲ୍ୟବୋଧ ଅବକ୍ଷୟ ପଥରେ ଧାବମାନ ହେଉଛି । ସବୁଠି ଭୁଲବୁଝାମଣାର ଶିକାର ପାଲଟୁଛନ୍ତି ସମସ୍ତେ । ସମସ୍ତେ କହୁଛନ୍ତି ଆମ୍ଭେମାନେ ଶାନ୍ତି ଚାହୁଁ କିନ୍ତୁ ଶାନ୍ତି କେଉଁଠି ମିଳିବ ? ଧରିତ୍ରୀ ମାତା ଏବଂ ପରିବେଶ ହେଉଛି ସ୍ୱୟଂ ଜଗତ୍‌ସୃଷ୍ଟ ।

ପରିବେଶ ପ୍ରସଙ୍ଗରେ ସାମ୍ପ୍ରତିକ କ୍ଷେତ୍ରରେ ବୁଦ୍ଧିଜିବୀଙ୍କ ଠାରୁ ପରିବେଶବିତ୍, ଲୋକପ୍ରତିନିଧିଙ୍କ ଠାରୁ ଗଣମାଧମ, ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଠାରୁ ନାରୀ ମହଲ ସବୁଠି ଉଦ୍‌ବେଗ ପ୍ରକାଶ ପାଉଛି ବିଭିନ୍ନ ପ୍ରସଙ୍ଗରେ । କଥା ଉଠୁଛି, ପରିବେଶକୁ ଭଲପାଇ ଧରିତ୍ରୀ ମାତାର ଛାତି ଉପରେ ଆତଯାତ ହେଉଥିବା କେହି ଅମୃତର ସନ୍ତାନମାନେ ଆଉ କେବେ ତା ଭିତରର ଆକୁଳ ବେଦନାଭରା ପ୍ରାର୍ଥନା ଶୁଣିବାକୁ ସମର୍ଥ ହୋଇପାରିବେ ? ମାଆ କେବେ ତାର ସନ୍ତାନ ମାନଙ୍କୁ ଅଭିଶାପ ଦେଇନଥାଏ । ସେହିପରି ଧରିତ୍ରୀ ମାତା ଯୁଗେ ଯୁଗେ ତାର ସନ୍ତାନ ସଦୃଶ ଆମ୍ଭମାନଙ୍କୁ ସବୁବେଳେ ତାର କ୍ଷମାର ମୂର୍ତ୍ତିମନ୍ତ ସ୍ୱରୂପକୁ ପ୍ରକଟିତ କରି ସଦାସର୍ବଦା କ୍ଷମାମୟୀ ଗରିୟସୀ ମାଆ ଭାବରେ ପୂଜିତ । ପରିବେଶର ଭୟାବହ ପ୍ରଦୂଷଣ ପାଇଁ ଆଜି ସମସ୍ତେ ଉଦ୍‌ବେଗ ପ୍ରକାଶ କରୁଥିଲେ ବି ବାସ୍ତବରେ ଆମ୍ଭମାନଙ୍କ ଆଖିରେ କ'ଣ ସତରେ ଲୁହ ରହିଛି ? ନାଁ କୁମ୍ଭୀର କାନ୍ଦଣା ପରି ଆମ୍ଭେମାନେ ଦୁଇଆଖିରୁ ଲୁହ ଗଡ଼ାଇ ଚାଲିଛେ । ତେଣୁ ବର୍ତ୍ତମାନ ବି ସମୟ ରହିଛି ଆସନ୍ତୁ ଧରିତ୍ରୀମାତାକୁ ଭଲ ପାଇବା ଆମ ଆଖପାଖର ପରିବେଶକୁ ଭଲପାଇ ସେମାନଙ୍କ ଆନନ୍ଦ ଓ ପବିତ୍ର ପରିବେଶ ଭିତରେ ନିଜକୁ ହଜାଇ ଦେବା । ଅନେକ ହୁଏତ ଜାଣିନଥିବେ ଆମ୍ଭମାନଙ୍କର ତଥାକଥିତ ପ୍ରଚାର ପ୍ରସାର ଠାରୁ ଦୂରେଇ ଅନେକ ଆଧାତ୍ମିକ ଓ ଶିକ୍ଷା ଅନୁଷ୍ଠାନର ପରିସର ରହିଛି ଯାହାର ଚତୁଃପାର୍ଶ୍ୱରେ ଗଢ଼ିଉଠିଛି ବିଶାଳକାୟ ସବୁଜବନାନୀ ପରିବେଶ । ସେହି ସ୍ଥାନ ମାନଙ୍କରେ ଫୁଟିଛି ଶୋଭନୀୟ ଧରିତ୍ରୀର ସବୁଜିମା । ଆଉ ପିଲାମାନଙ୍କୁ ସଦାସର୍ବଦା ଶିକ୍ଷା ଦିଆଯାଏ ଧରିତ୍ରୀ ମାତା ହେଉଛି ଆମର ବିଶ୍ୱମାତା ଏବଂ ସର୍ବୋପରି ଫୁଲକୁ ଭଲପାଇ ପ୍ରସ୍ଫୁଟିତ ଫୁଲର ମହକକୁ ତା ମାଆର ପଣତରୁ ନଛଡ଼ାଇବା ପରି ଶୋଭନୀୟ ଶିକ୍ଷାକେନ୍ଦ୍ରରେ କେଉଁଠି ଫୁଲକୁ ଛିଣ୍ଡାଯାଏ ନାହିଁ ।

ଆଜି ବିଭିନ୍ନ ଗଣମାଧମର ପୃଷ୍ଠ ଲେଟାଇଲେ ଦେଖାଯାଉଛି ଧରିତ୍ରୀ ପ୍ରତି ବିପଦକୁ ନେଇ ବିଭିନ୍ନ ସମୟରେ ବୈଜ୍ଞାନିକମାନଙ୍କ ଉଦ୍‌ବେଗ । ବିଭିନ୍ନ ସମୟରେ ପରିବେଶଜନିତ ଭୟଙ୍କର ଅବକ୍ଷୟ ପାଇଁ ଆଜି ସବୁକ୍ଷେତ୍ରରେ ସଚେତନତାର ମୁହୂର୍ତ୍ତ ପହଞ୍ଚିଥିଲେ ବି ଆମ୍ଭେମାନେ ବାସ୍ତବରେ କ'ଣ ସଚେତନ । ବଡ଼ଖୁସିର କଥା ଆମ ରାଜ୍ୟର ଜଣେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ପରିବେଶକୁ ଓ ଧରିତ୍ରୀମାତାକୁ ଭଲପାଇ ବିଦ୍ୟାଳୟକୁ ଯାଉଥିବା ପିଲାମାନଙ୍କ ସହିତ ବୃକ୍ଷରୋପଣ କରି ପିଲାମାନଙ୍କୁ ସବୁଜବନାନୀ ପରିବେଶକୁ ଭଲପାଇବା ପାଇଁ ପରାମର୍ଶ ଦେଉଛନ୍ତି କେବଳ ସେତିକି ନୁହେଁ ଭୁବନେଶ୍ୱରରେ ସେ ଭଲପାଉଥିବା ଦୁଇଟି ପୁଷ୍ପ ଉଦ୍ୟାନକୁ ତାଙ୍କର ସୁଦୂର ବନ୍ଧୁମାନଙ୍କୁ ଦେଖାଇବାକୁ ଭୁଲିନଥାନ୍ତି । ବିଜୁବାବୁ ବି ଜଣେ ପରିବେଶକୁ ଭଲ ପାଉଥିବା ବିଶାଳ ବ୍ୟକ୍ତିତ୍ୱ ଥିଲେ । ରାଜ୍ୟର ପ୍ରଗତି ସହ ଧରିତ୍ରୀ ମାତା ଓ ପରିବେଶର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ଆଜି ରାଜ୍ୟରେ ଦ୍ରୁତ ଶିଳ୍ପାୟନର ବିକାଶ ପାଇଁ ଯୋଜନା ଚାଲିଥିବାବେଳେ ସମସ୍ତେ ପରିବେଶ ପ୍ରଦୂଷଣ ପାଇଁ ଗୁରୁତ୍ୱ ପ୍ରଦାନ କରି ପ୍ରଦୂଷଣକୁ ରୋକିବା ସହ ଧରିତ୍ରୀ ମାତା ପାଇଁ ନିଜ ଭଲପାଇବାକୁ ନିଜ ଭାବନା ସହିତ ଏକ କରି ଚାଲିଲେ ଧରିତ୍ରୀ ମାତା ହସିଉଠିବ । ଏକ ସୁନ୍ଦର ଶୋଭନୀୟ ପରିବେଶ ଆମ ସମସ୍ତଙ୍କ ଚତୁଃପାର୍ଶ୍ୱରେ ଆମ ଜୀବନର ପ୍ରଗତି ପାଇଁ ଆମ୍ଭମାନଙ୍କୁ ପ୍ରେରଣା ଯୋଗାଇବ । ଆଜି ସମଗ୍ର ବିଶ୍ୱରେ ଉତ୍ତପ୍ତ ବସୁଧା ଓ ପାଣିପାଗ ତଥା ପରିବେଶ ଯେଉଁପରି ଭୟଙ୍କର ଭାବେ ବିଷାକ୍ତ ତଥା ପ୍ରଦୂଷଣର ଗୁରୁଗମ୍ଭୀର ଆହ୍ୱାନକୁ ସାମ୍ନା କରୁଛି ତାହା ଆମ ସମସ୍ତଙ୍କୁ ଭଲ ଭାବେ ଜଣା । ଧରିତ୍ରୀକୁ ଭଲ ପାଇବା ଅର୍ଥ ଆମ ସବୁଜିମା ସହିତ ପ୍ରକୃତିକୁ ଭଲ ପାଇବା ।

ବାସ୍ତବରେ ପ୍ରକୃତି ହେଉଛି ଆମର ମାତା । ଆମ୍ଭମାନଙ୍କ ଭିତରେ ସବୁଜ ପରିବେଶକୁ ଭଲ ପାଇବା ସହ ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି ସହିତ ପରିବେଶକୁ କିପରି ପ୍ରଦୂଷଣରୁ ମୁକ୍ତ ରଖିବା ଏହି ଆହ୍ୱାନ ଆମ ସମସ୍ତଙ୍କ ଭିତରେ ଜାଗରିତ ହେବା ଉଚିତ । ଖୁସିର କଥା ଆଜିକାଲି ଅନେକ ବ୍ୟକ୍ତିବିଶେଷ ଓ ସଙ୍ଗଠନମାନେ ବୃକ୍ଷରୋପଣକୁ ଗୁରୁତ୍ୱ ଦେଉଛନ୍ତି, ସବୁଜିମାକୁ ଭଲ ପାଉଛନ୍ତି ଏପରିକି ଅନେକ କାର୍ଯ୍ୟକ୍ରମରେ ଗଛ ଲଗାଇବା ଓ ଗଛକୁ ବନ୍ଧୁ ଭାବେ ଉପହାର ଦେବା ତଥା ସୁରକ୍ଷା ପାଇଁ ଶପଥ ନେବାର ଯେଉଁ ଦାୟିତ୍ୱ ନିର୍ବାହ କରୁଛନ୍ତି ତାହା ଖୁସିର କଥା । ତେବେ ସବୁକଥାରେ ସରକାର ବା ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ଚଳିବ ନାହିଁ । କାରଣ ଏସବୁ ଆହ୍ୱାନକୁ ଆମେ ସମସ୍ତେ ଗ୍ରହଣ କରି ଆମ୍ଭ ମାନଙ୍କ ଜୀବନରେ କାର୍ଯ୍ୟକରେ ପରିଣତ କଲେ ଧରିତ୍ରୀ ଦିବସର ଗୁରୁତ୍ୱ ଯଥାର୍ଥରେ ପ୍ରତିପାଦିତ ହୋଇପାରିବ ।


ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,

ଦୂରଭାଷ : ୭୦୦୮୧୮୧୮୨୦


# ଜୀବନ ହିଁ ରାମାୟଣ


॥ ଅନୀତା ପଟ୍ଟନାୟକ ॥


ଖରା ଛୁଟି ହୋଇଥାଏ । ସବୁ ସାଙ୍ଗସାଥୀମାନେ ସେମାନଙ୍କର ପରିବାରବର୍ଗଙ୍କ ସହିତ ବିଭିନ୍ନ ସ୍ଥାନକୁ ବୁଲି ବାହାରି ଥାଆନ୍ତି । ବାପା କହିଲେ ଆମେ ପୂର୍ବଥର ଅଯୋଧ୍ୟା ଯାଇଥିଲେ ମଧ୍ୟ ସଂପୂର୍ଣ୍ଣ ତିଆରି ହୋଇଥିବା ମନ୍ଦିର ଓ ବିଗ୍ରହଙ୍କୁ ଦେଖି ପାରିନଥିଲେ । ମା ମୋର ମାଉସୀଙ୍କୁ ନେବାକୁ ଅନୁରୋଧ କରିବାରୁ ସେ ବହୁତ ଖୁସିହେଲେ । ମୋର ମାଉସୀ ସରକାରଙ୍କ ଏକ ଉଚ୍ଚ ପଦସ୍ଥ କର୍ମଚାରୀ ଥିଲେ । ସେ ଦ୍ୱିତୀୟ ଶ୍ରେଣୀ ରେଳଡ଼ବାରେ ଯିବାକୁ ଭଲ ପାଉଥିଲେ । ରେଳଯାତ୍ରା ଆରମ୍ଭ ହେଲା । ବିଭିନ୍ନ ଖାଦ୍ୟ ପଦାର୍ଥ ବିକାଳୀ ଟ୍ରେନ ମଧ୍ୟକୁ ଆସି ସେମାନଙ୍କର ପଦାର୍ଥ ବିକିବାକୁ ଆରମ୍ଭ କଲେ । ମତେ ବାପା ଗୋଟେ ବଡ଼ ପିଜୁଳି କିଣିଦେଲେ । ବାପା, ମାଉସୀ ଓ ମା ଚା ପିଇବାକୁ ଆରମ୍ଭ କଲେ ।

ମା କହିଲେ ଧର୍ମକୁ ପାଳନ ନକଲେ ମଧ ତୁମର ହୃଦୟ ତାହାକୁ ପାଳନ କରିବାକୁ କୁହେ । ତୁମକୁ ସାହାସୀ ଓ ଆନନ୍ଦମୟ ହେବାକୁ ପଡ଼ିବ । ତାହାନହେଲେ ତୁମେ ଜାଣିପାରିବ ତୁମେ ପାପ କରୁଛ । ମାଉସୀ ବାପାଙ୍କ ଉଦ୍ଦେଶ୍ୟରେ କହିଲେ, ଏହି ସଚେତନତାକୁ ଚିତ୍ତ କୁହାଯାଏ । ସଚେତନତାରୁ ଚିତ୍ତ ଆସେ । ସତ୍ୟ ଚିତ୍ ସହିତ ମିଳିତ ହେଲେ ସଚ୍ଚିଦାନନ୍ଦ ଆସିଥାଏ । ସଚ୍ଚିଦାନନ୍ଦ ପରିବର୍ତ୍ତନଶୀଳ ନୁହେଁ । ବାପା କହିଲେ, ଆତ୍ମା ଶରୀରକୁ ରକ୍ଷାକରେ । ଆତ୍ମାକୁ ଶରୀର ମାଧମରେ ଚିହ୍ନି ହୁଏ । ଶରୀର ଏକ ମାଧମ । ସେଥିପାଇଁ କୁହାଯାଇଛି ଖାଦ୍ୟ ଶରୀରର ରକ୍ଷା ପାଇଁ ଉଦ୍ଦିଷ୍ଟ ଓ ବସ୍ତ୍ର ଶୀତ ନିବାରଣ ପାଇଁ ଉଦ୍ଦିଷ୍ଟ । ଖାଦ୍ୟ ଜୀବନ ପାଇଁ ଖାଇବା ଉଚିତ, ଖାଇବା ପାଇଁ ଜୀବନକୁ ବିତାଇବା ଉଚିତ ନୁହେଁ । ମାଉସୀ ବାପାଙ୍କ ସହ ତାଳଦେଇ କହିଲେ ମଣିଷ ତାର ସମସ୍ତ ଶକ୍ତି ଆଜିକାଲି ଖାଦ୍ୟ ଗଣ୍ଡାକ ପାଇଁ ବିନିଯୋଗ କରୁଛି । ଜୀବନ ପାଇଁ ନୁହେଁ । ଜଣେ ସହଯାତ୍ରୀ ଯିଏ ଆମ କଥା ଶୁଣୁଥିଲେ ସେ କହିଲେ ରାମ ଆମ ମଧ୍ୟରେ ଅଛନ୍ତି, ଆମେ ହିଁ ରାମ । ଜୀବନ (ପ୍ରାଣ) ସୁଷୁମ୍ନା ନାଡ଼ିରେ ରହିଛି । ଜୀବନ ହୃଦୟରେ ନାହିଁ ।

ମୁଁ କହିଲି ଆମ ସାର କହୁଥିଲେ ଆଖି, କାନ, ଜୀବନରୁ ଶକ୍ତି ପାଇଥାନ୍ତି । ଏଥିପାଇଁ ତାଙ୍କୁ ଅଙ୍ଗୀରସ କୁହାଯାଏ । ଶରୀରର ଅଙ୍ଗ ଗୁଡ଼ିକରେ ଶକ୍ତି ପ୍ରବାହିତ ହୁଏ । ତ୍ୟାଗରାଜ କହିଥିଲେ, ହେ ରାମ ତୁମକୁ କେଉଁଠି ପାଇବି ? ପରେ ଜାଣିଥିଲେ, ଭଗବାନ ସର୍ବତ୍ର ବିଦ୍ୟମାନ । ଯେଉଁମାନେ ବିଶ୍ୱାସ କରନ୍ତି ଭଗବାନ ଅଛନ୍ତି ସେମାନଙ୍କ ପାଇଁ ଭଗବାନ ଅଛନ୍ତି । ଯେଉଁମାନେ ବିଶ୍ୱାସ କରନ୍ତିନି ଭଗବାନ ନାହାଁନ୍ତି ତାଙ୍କ ପାଇଁ ଭଗବାନ ନାହାଁନ୍ତି । ପ୍ରହଲ୍ଲାଦ ଏ ସତ୍ୟକୁ ବୁଝିଥିଲା । ଆମେ ଯେତେବେଳେ କହୁ ସେ ନାହାଁନ୍ତି, ନାହାଁନ୍ତି ଆମେ ସବୁ କିଛି ଖରାପ କାମ କରୁ । ଆମେ ଯେତେବେଳେ କହୁ, ସେ ଅଛନ୍ତି ଅଛନ୍ତି ଆମେ ସବୁ ଭଲ କାମ କରୁ । ଆଉ ଜଣେ ସହଯାତ୍ରୀ ଯେ ଅଯୋଧ୍ୟା ଯାଉଥିଲେ ସେ ଆମ କଥା ଶୁଣି ବହୁତ ଖୁସିହେଲେ । ସେ କହିଲେ ମୁଁ ଆପଣଙ୍କର କଥୋପକଥନରେ ଭାଗ ନେଇପାରେ । ବାପା କହିଲେ ନିଶ୍ଚୟ । ଆମକୁ ଲମ୍ବାଯାତ୍ରା ଯାତ୍ରା କରିବାକୁ ଅଛି । ସେ କହିଲେ, ଧର୍ମର ପ୍ରତିଷ୍ଠା ପାଇଁ ଓ ସଂସାରଧର୍ମ ପାଳନ ପାଇଁ ରାମ ଶିବଧନୁ ଭଙ୍ଗ କରିଥିଲେ । ଶିବ ହେଉଛନ୍ତି ମଙ୍ଗଳମୟ । ସେ ମଙ୍ଗଳମୟକୁ ପ୍ରାପ୍ତ କରିବା ପାଇଁ ଯାଇଥିଲେ । ମୋ ମା କହିଲେ ଆଜ୍ଞା ହଁ । ସୀତା ପୃଥିବୀଙ୍କ ଝିଅ । ଆମେ ପୃଥିବୀ ଉପରେ ନିର୍ଭରଶୀଳ । ଆମେ ଭୂଦେବୀ ନିକଟରେ ଶରଣାଗତ । ମୁଁ କହିଲି ମା ତାଙ୍କ ବିଷୟରେ ଟିକେ ଖୋଲିକି କୁହ । ମା କହିଲେ ସେ ବିଦେହର ରାଜକନ୍ୟା । ଜନକଙ୍କର ଅନ୍ୟ ନାମ ବିଦେହ । ବିଦେହ ଅର୍ଥ ଯାହାର ଶରୀର ସହ ସଂପର୍କ ନାହିଁ । ମନ, ଏହାର ଶରୀର ନାହିଁ । ଏହା ସର୍ବତ୍ର ବୁଲୁଥାଏ । ଜ୍ଞାନ ଓ ବିଜ୍ଞାନ ମନ ଠାରୁ ବାହାରିଛି । ମନର ଝିଅ ବ୍ରହ୍ମଜ୍ଞାନ । ଏହି ସମୟରେ ଆମ ମାନଙ୍କର ଆଲୋଚନାରେ ଗୋଟେ ଭଙ୍ଗା ପଡ଼ିଲା । ଟିକେଟ କଲେକ୍ଟର ଆସି ବାପାଙ୍କୁ ଟିକେଟ ମାଗିବାରୁ ସେ ଟିକେଟଗୁଡ଼ିକ ଯାଞ୍ଚ କରି ଆମ ପାଖରୁ ଚାଲିଗଲେ । ସେ ଚାଲିଯିବା ପରେ ମୁଁ ବାପାଙ୍କୁ ପଚାରିଲି, ତୁମେ ତ କହୁଛ ରାମ ଆତ୍ମାର ପ୍ରତୀକ ଓ ସେ ବ୍ରହ୍ମଜ୍ଞାନୀ ଥିଲେ । ରାମ ଜଙ୍ଗଲକୁ ଯିବାର ତାତ୍ପର୍ଯ୍ୟ କ'ଣ ?

ପାଖରେ ବସିଥିବା ସହଯାତ୍ରୀ ଜଣକ ଏହାର ଉତ୍ତରରେ କହିଲେ ଆରେ ଝିଅ ! ସେ ଜଙ୍ଗଲରୂପକ ସଂସାରିକ ଜୀବନରେ ପ୍ରବେଶ କରିଥିଲେ । ସଂସାର ଜଙ୍ଗଲରେ ପଶିଲେ କାମ, କ୍ରୋଧ, ଲୋଭ, ମୋହ ଆସିଥାଏ । ଏହା ଆମର ଜୀବନଚର୍ଯ୍ୟାର ସମୁଦ୍ରକୁ ବଢ଼ାଇଥାଏ । ଆମେ ଏପରି ସମୁଦ୍ରରେ ପଡ଼ିଲେ ଦଶମୁଣ୍ଡ ରୂପକ ରାବଣ ଆସି ଆମର ଆଧାତ୍ମିକ ଜ୍ଞାନକୁ ଚୋରାଇନେଇଥାଏ । ମୁଁ ପଚାରିଲି ରାବଣ କିଏ ? ଅନ୍ୟ ସହଯାତ୍ରୀ ଜଣକ କହିଲେ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସାର୍ଯ୍ୟରେ ପରିପୂର୍ଣ୍ଣ ଆମର ଖରାପ ଗୁଣ । ଏଗୁଡ଼ିକୁ ଗ୍ରହଣ କଲେ ଜ୍ଞାନ ଅପସରିଯାଏ । ମା କହିଲେ ସୀତା ଜ୍ଞାନର ପ୍ରତୀକ । ଜ୍ଞାନ ଉଭେଇ ଯିବାରୁ ରାମ ରୂପକ ଆତ୍ମା ଜ୍ଞାନର ସନ୍ଧାନରେ ବାହାରିଲେ ଓ ବାଟରେ ବାଳୀ ଓ ସୁଗ୍ରୀବ ଭେଟିଲେ । ସୁଗ୍ରୀବ ଯେ କି ଭଲ ଗୁଣ ପ୍ରତୀକ ତା ସହ ବନ୍ଧୁତା କଲେ । ବାଳୀ ଯେ କି ଖରାପ ଗୁଣର ପ୍ରତୀକ ତାକୁ ହତ୍ୟା କଲେ ।

ବାପା କହିଲେ ଆତ୍ମା ଜ୍ଞାନର ଅନ୍ୱେଷଣରେ ସମୁଦ୍ରକୁ ଲଙ୍ଘିବାକୁ ଯାଇ ବାଧାବିଘ୍ନର ସମ୍ମୁଖୀନ ହେଲେ । ଆମ ସହିତ ଯାଉଥିବା ସହଯାତ୍ରୀ ଜଣକ କହିଲେ ହଁ ପରା । ହନୁମାନ ଓ ମାଙ୍କଡ଼ ମାନେ ଯେଉଁମାନେ ସାହାସିକତାର ପ୍ରତୀକ, ରାମ ତାଙ୍କ ସହ ବନ୍ଧୁତା କଲେ ଓ ଆସକ୍ତି ରୂପକ ସମୁଦ୍ରକୁ ଲଙ୍ଘନ କଲେ ଓ ସେ ବିଭୀଷଣ (ସତ୍ୱଗୁଣ ସମ୍ପନ୍ନ) ରାବଣ (ରାଜସିକ) ଗୁଣ ସମ୍ପନ୍ନ ଓ କୁମ୍ଭକର୍ଣ୍ଣ (ତାମସିକ) ଗୁଣ ସମ୍ପନ୍ନ ବ୍ୟକ୍ତିତ୍ୱକୁ ଭେଟିଲେ । ମାଉସୀ କହିଲେ, ରାମ ରାଜସିକ ଓ ତାମସିକ ଗୁଣସମ୍ପନ୍ନ ବ୍ୟକ୍ତିଙ୍କୁ ହତ୍ୟାକଲେ ଓ ସାତ୍ତ୍ୱିକ ଗୁଣସଂପନ୍ନ ବ୍ୟକ୍ତି (ବିଭୀଷଣ)ଙ୍କୁ ରାଜା ରୂପରେ ଅଭିଷିକ୍ତ କରାଇଲେ । ମା କହିଲେ, ସୀତା ମୁକ୍ତ ହୋଇ ଆଧାତ୍ମିକ ଜ୍ଞାନୀଙ୍କ ସହ ଯୁକ୍ତ ହେଲେ । ବାପା ଆଲୋଚନାକୁ ଶେଷ କରିବାକୁ ଯାଇ କହିଲେ, ପାଣି ସରିଗଲାଣି ବାହାରକୁ ଯାଇ ପାଣିଆଣିବାକୁ ପଡ଼ିବ । ଝିଅ ତୁ ମନେରଖ - ରାମ ସମସ୍ତଙ୍କ ହୃଦୟ ସିଂହାସନରେ ବିଦ୍ୟମାନ । ଆଧାତ୍ମିକ ଜ୍ଞାନ ସହ ଯେତେବେଳେ ଦୈନନ୍ଦିନ ଜୀବନ ଚର୍ଯ୍ୟାର ଜ୍ଞାନ ମିଳିତ ହୁଏ ସେତେବେଳେ ହୃଦୟ ସିଂହାସନରେ ଭଗବାନ ବିରାଜମାନ କରିଥାନ୍ତି ତେଣୁ ମଣିଷର ଜୀବନ ହିଁ ରାମାୟଣ । ରାମ ଧର୍ମର ପ୍ରତୀକ । ରାମାୟଣର ଅର୍ଥ ରାମଙ୍କ ଅୟନ (ମାର୍ଗ) । ଧର୍ମରେ ରହିଲେ କାମକୁ ପ୍ରତିହତ କରିହୁଏ ଓ ଧନ ଓ କାମନାରୁ ମୁକ୍ତି ମିଳେ ।


**ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ**

**ଦୂରଭାଷ : ୯୬୯୨୯୮୦୦୨୬**


# ବିଭେଦର କାରଣ ଓ ନିରାକରଣ


॥ ଅଜୟ କୁମାର ବେହେରା ॥


ଭଦରେ ବି ଉପସର୍ଗ ଲାଗିଛି ଏହାର ଅର୍ଥ ବିଶେଷ ଭେଦ ଭେଦ କାହିଁକି ? ଗତାନୁଗତିକ ଧାରାରେ ଯେଉଁ କାର୍ଯ୍ୟ ସର୍ବଜନ ହିତ ପାଇଁ ପ୍ରୟୋଗ କରାଯିବ ସେପରି କାର୍ଯ୍ୟ କରାଯାଉଥିଲେ ଭେଦ ଆସିବା ସମ୍ଭବନା କମ । ଯେଉଁ ଧର୍ମବିଧି ଓ ରାଜବିଧି ସ୍ଥିର କରାଯାଇ ଶାସନ ଧାର୍ଯ୍ୟ ସେଥିରେ ମଜ୍ଜି ରହି ସମୟ କାଟିଲେ କେହି ଉଁ ଚୁଁ ହୋଇପାରିବେ ନାହିଁ । ବରଂ ଲୋକେ ତାଙ୍କର ପ୍ରିୟ ଜାଣି ଆକୃଷ୍ଟ ହେବାକୁ ଲାଗିବେ । ଯେଉଁଠି ବିଧି ରହିଛି ସେଠାରେ ତାକୁ ଭଙ୍ଗ କରିଥାନ୍ତି ସ୍ୱାର୍ଥନ୍ୱେଷୀ । ଏମିତିକି ଲୋକାଚାର, ଧର୍ମଚାର, ପରି ବହୁ ଆଚାର ସଂହିତାର ଭଙ୍ଗ କରି ସ୍ୱାର୍ଥ ସିଦ୍ଧିରେ ମାର୍ଗୀଲୋକ ବିଭେଦକାରୀ । ବିଭେଦ ମାନେ ଡିଭାଇଡ ଆଣ୍ଡ ରୁଲ କରିବା ମାର୍ଗ । ଏକ ଗୋଷ୍ଠୀ, ଏକ ଦଳ, ଏକ ମତରେ ତିଷ୍ଠି ରହିବା ସ୍ତରକୁ ଛଳ କୌଶଳରେ ଛିନ୍ନଛତ୍ର ପୃଥକ କରି କାର୍ଯ୍ୟ ହାସଲ କରିବା ବିଭେଦ ।

ବର୍ତ୍ତମାନ ଚାଲୁଥିବା ସବୁ ଧର୍ମ ସଂସ୍ଥାନରେ ବିଭେଦ ରହିଛି ଇସଲାମ ଧର୍ମରେ ସମସ୍ତେ ମୁସଲମାନ କହି ଏକକ ଧର୍ମୀୟ ଲୋକ କହିଲେ ବି ପ୍ରକୃତରେ ସେମାନେ ଦ୍ୱିମତରେ ଚଳୁଛନ୍ତି । ଖ୍ରୀଷ୍ଟଧର୍ମରେ ଏପରି ଦ୍ୱିମତ ରହିଛି । ବୌଦ୍ଧ ଧର୍ମରେ ଜୈନଧର୍ମରେ ଏଇ ବିଭେଦ ହିଁ ଧର୍ମକୁ ସଂକୁଚିତ କରିଛି । ଆମ ରାଜ୍ୟରେ ମହିମା ଧର୍ମ ମୁଖ୍ୟ କେନ୍ଦ୍ରରେ ଏମିତି ଦ୍ୱିମତଭାବ । ହିନ୍ଦୁ ଧର୍ମରେ ପ୍ରତି ଦେବତା ଉପାସନା ଅନୁଧ୍ୟାନ କଲେ ଏମିତି ଏକାଧିକ ମତ ଅଛି । ଚୈତନ୍ୟଙ୍କ ସହଜିଆ ବୈଷ୍ଣବ ଧର୍ମରେ ଏମିତି ବଙ୍ଗ ଉତ୍କଳ ମତ ବା ଜଗନ୍ନାଥ ଦାଶଙ୍କ ଅତିବଡ଼ୀ ସମ୍ପ୍ରଦାୟକୁ କେନ୍ଦ୍ର କରି ଚୈତନ୍ୟଙ୍କ ମତରେ ବଙ୍ଗୀୟ ବୈଷ୍ଣବମାନେ ଭିନ୍ନମତ ଭିନ୍ନ ପଥ ବାଛିଥିଲେ । ଏସବୁ କାରଣରୁ ଅନେକ ଧର୍ମପୀଠ ଅନୁଷ୍ଠାନ ମାନଙ୍କରେ ମାମଲା ଚାଲୁଛି, ଧର୍ମ ଅନୁଷ୍ଠାନ ଚାଲଉଥିବା ସମୟରେ ମତ ଫରକରୁ ରକ୍ତପାତ ପର୍ଯ୍ୟନ୍ତ ଘଟଣା ଘଟୁଛି । ସମସ୍ତେ ଏକ ଈଶ୍ୱରଙ୍କ ସନ୍ତାନ ସନ୍ତତି ପରସ୍ପର ଭାଇ ଭଉଣୀ ଏକଥା ସମସ୍ତେ ଭୁଲି ଯାଉଛନ୍ତି । ଭାଇଚାରା ରକ୍ଷା କଲେ ସମସ୍ତେ ଶାନ୍ତି ଜୀବନ ଯାପନ କରିପାରିବେ ଏକଥା ଭୁଲି ଯାଉଛନ୍ତି । ଏକ ଦେଶ, ଏକ ଜାତିରେ ଜନ୍ମିଥିବା ବ୍ୟକ୍ତି ମାନଙ୍କ ସ୍ୱଦେଶ ଜନ୍ମଭୂମିକୁ ଯଦି ମାଆ ସମ୍ମାନ ଦେଉଛନ୍ତି ତେବେ ପାଖ ଦେଶ ଲୋକ ସେପରି ତାଙ୍କ ଜନ୍ମଭୂମିକୁ ମାଆ କହୁଥିବେ ଏହା ବୁଝିବା ଦରକାର ଯଦି ମାଆ ମାଉସୀ ଭୂମି କହି ବନ୍ଧୁତ୍ୱ ରଖି ଭାଇ ଭଉଣୀ ସମ୍ପର୍କ ରଖିଲେ ଶାନ୍ତି ରହନ୍ତା ସୁଖ ମିଳନ୍ତା । ମାତ୍ର ଖାଲି ବିଭେଦ । ମୁଷ୍ଟିମେୟ ଲୋକ ତାଙ୍କର ଉଦ୍ଦେଶ୍ୟ ପୂରଣ କରିବା ପାଇଁ ବୃଥା ବିଭେଦ ସୃଷ୍ଟି କରି ନାନାଦି ଝିନଝଟ ଓ ରକ୍ତପାତ କରାଉଛନ୍ତି । ଅବୁଝା ଜିଦ ଓ ଅନ୍ଧବିଚାର ଏସବୁର କାରଣ ।

ବାଘ ଓ ବକ୍ରୀ ନଦୀର ଏକ ଘାଟରେ ପାଣି ପିଅନ୍ତି । ସରକାରୀ ଆଦେଶରେ ଏଇ ସରକାରୀ ଆଦେଶ ସବୁ ଦେଶରେ ଅଛି । ପ୍ରକୃତରେ ଆଦି ସରକାର ମହାକାଶର ସର୍ବାଧାର ସୂର୍ଯ୍ୟ । ଯେ ନିତ୍ୟ ଅନ୍ଧକାର ହଠାଇ ଆଲୋକ ଦେଇ ଆସୁଛନ୍ତି ସତ୍ୟ ପ୍ରକାଶ ହିଁ ଆଲୋକ । ଭାଇଚାରାର ଆକର୍ଷଣର କେନ୍ଦ୍ରବିନ୍ଦୁକୁ ସେହି ମହାଆକାଶର ଚନ୍ଦ୍ର, ଶାନ୍ତ ଯୋସ୍ନା ରାତ୍ରୀରେ ସବୁ ଭୂମିରେ ବିଛୁରିତ କରି ଲୋକଙ୍କୁ ଅନ୍ଧକାରରେ ବି ଆଲୋକ ଦେଉଛନ୍ତି । ରାତ୍ରମାନେ ଲୁଚି ରହିଥିବା ବିରୋଧ ଭାବ ନେତିନେତି ଭାବ ରେ ଭାବନ୍ତର କରେ ଏଇ ଚନ୍ଦ୍ର । ଜ୍ୟୋତିଷ ଶାସ୍ତ୍ରରେ ଅଛି ରବି ଓ ଚନ୍ଦ୍ରଙ୍କର ଶତ୍ରୁ ରାହୁ । ଏହି ଗ୍ରହ ଖଣ୍ଡିଆ ଗ୍ରହ, ଗୋଠ ମାଡିଲେ ଖଣ୍ଡିଆ ମାତନ୍ତି, ଖଣ୍ଡିଆ ମାନେ ବିଫଳ ହୋଇଥିବା ବ୍ୟକ୍ତି ବିଶେଷ ବା ଗୋଷ୍ଠୀ ଯେଉଁମାନେ ଏକ ଚିର ଶାନ୍ତିକୁ ଭଙ୍ଗ ପାଇଁ ରାଜକାନୁନ ଓ ଭାଇଚାରାକୁ ଭାଙ୍ଗିବାକୁ ପ୍ରୟାସ କରନ୍ତି । ସାମୟିକ ରବିଙ୍କ ତେଜ ମ୍ଳାନ ହୋଇପାରେ ଚନ୍ଦ୍ରଙ୍କର ଜ୍ୟୋସ୍ନା କମି କମି ଯାଏ ପୁଣି ବଢ଼ି ବଢ଼ି ଯାଇପାରେ ଅତଏବ ରାଜକାନୁନ ଭାଇଚାରା ପରିସ୍ଥିତିକୁ ପୁନଃ ଶାନ୍ତ କରାଇ ଦେଇଥାଏ ।

ରାହୁ ଯେକୌଣସି ଶାନ୍ତ ସ୍ଥାନକୁ ଅଶାନ୍ତ କରାଇପାରେ ଏ ପାଇଁ ପ୍ରତି ବାସ୍ତୁଭୂମିରେ ଈଶାନ କୋଣରେ ରୁଦ୍ର ମହାଶୂଳ ଧରି ନୈଋତର ଅଧିକାରୀ ରାହୁ ଉପରେ ଦୃଷ୍ଟି ରଖିଛନ୍ତି । ରୁଦ୍ର ଈଶାନଙ୍କ ତପସ୍ୟା କଳରେ ଏ ରାହୁ କାଣ୍ଡ ଆରମ୍ଭ କରିପାରେ, ହେଲେ ୩ୟ ନୟନ ରୁଦ୍ରଙ୍କ ଖୋଲିଲେ ରାହୁ ନମଲେ ବି ନିଷ୍କ୍ରିୟ ହୋଇପାରେ । ଈଶାନର ମାଲିକ ଗ୍ରହ ମଧ୍ୟରେ ବୃହସ୍ପତି ଯେ ରବି ଓ ଚନ୍ଦ୍ରଙ୍କର ମିତ୍ର ଯେ ଦେବଗୁରୁ ପକ୍ଷାନ୍ତରେ ଦେବତାଙ୍କର ଉପଦେଶଦାତା ଆଇନ ଶାସ୍ତ୍ରର ସ୍ରଷ୍ଟା । ଆଇନ ଶାସ୍ତ୍ର ହିଁ ସର୍ବ ରକ୍ଷାର ମୂଳ ଉତ୍ସ ଯାହା ଦଣ୍ଡ ସଂହିତା ଦଣ୍ଡ ସଂହିତାକୁ କାୟମ କରନ୍ତି ମଙ୍ଗଳ ଓ ଶନି । ଏ ସର୍ବଦା ରାହୁର ସ୍ଥଳୀକୁ ଘେରି ରହିଛନ୍ତି । ମଙ୍ଗଳ (ଯମ) ଦକ୍ଷିଣରେ ଶନି(ବରୁଣ) ପଶ୍ଚିମରେ । ଏମିତି ସୃଷ୍ଟି ଆରମ୍ଭରୁ ଛକା ପଞ୍ଝା ସମୟ ଅତିବାହିତ ହେଉଛି । ଦିଗପାଳମାନେ ଢ଼ିଲା ମାରିଲେ ସର୍ବତ୍ର ଅଶାନ୍ତି ବ୍ୟାପେ, ଦିଗପାଳ କହିଲେ ପ୍ରତି ବିଭାଗୀୟ କର୍ମକର୍ତ୍ତାଙ୍କୁ ବୁଝାଏ । ଏମାନେ କାମକୁ ସ୍ୱ ସ୍ୱାର୍ଥରେ ନେଲେ ସମୟବୃଥା ଅପଚୟ କଲେ ସର୍ବ୍ର ଅଶାନ୍ତି ଉପୁଜିବା ନିଶ୍ଚିତ । ବିଭେଦର କାରଣର ନିରାକରଣ ଅର୍ଥ ଗତାନୁଗତିକ ଠିକ ଶାସନ ଚାଲିଲେ କେଉଁଠି କିଛି ଅଘଟଣ ଘଟି ନପାରେ । ପୃଥିବୀ ନଟୁ ପରି ଘୁରି ଚାଲିବ ଲୋକେ ଶାନ୍ତିରେ ରହିଥିବେ ।

ମହାଭାରତ
ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



# ଏବେ ବି ଧାନ ବିହନ ପାଇବାରେ ସମସ୍ୟା

- ଆହୁରି ୯୭ ଡିଲର୍ କିଣିନାହାନ୍ତି ଧାନ ବିହନ
- ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପାଇଁ ଯୋଜନା




**ନୟାଗଡ଼,(ମହାଭାରତ ) :** ଖରିଫ ଫସଲ ନିମନ୍ତେ ଶସ୍ୟ ଓ ଅଣଶସ୍ୟ ନିମନ୍ତେ ସରକାରୀ ଧାନ ବିହନ ବିକ୍ରି ଚାଲିଛି । ଯେତିକି ଜଣ ଡିଲର୍ କୃଷି ବିଭାଗରୁ ବିହନ ନେବା କଥା, ସେତିକି ନେଇ ନାହାନ୍ତି । ସରକାରୀ ଓ ବେସରକାରୀ ଡିଲରଙ୍କୁ ମିଶାଇ ମୋଟ୍ ୨୦୭ ଜଣଙ୍କ ବଦଳରେ ବର୍ତ୍ତମାନ ସୁଦ୍ଧା ମାତ୍ର ୧୧୦ ଜଣ ଏହି ପ୍ରକ୍ରିୟାରେ ସାମିଲ୍ ହୋଇଛନ୍ତି । ଫଳରେ ସରକାରୀ ବିହନ ପାଇବାରେ ଚାଷୀ ମାନଙ୍କୁ ସମସ୍ୟା ଭୋଗିବାକୁ ପଡୁଛି । ଏଣୁ ବାଧ ହୋଇ ଘରୋଇ ବଜାରରୁ ଦର ଅଦରରେ ସେମାନେ ବିହନ କିଣୁଥିବା ଅଭିଯୋଗ ହୋଇଛି । ଏତେ ସଂଖ୍ୟାରେ ଡିଲର ମାନେ କାହିଁକି ବିହନ କିଣା ପ୍ରକ୍ରିୟାରେ ଏପର୍ଯ୍ୟନ୍ତ ସାମିଲ୍ ହୋଇନାହାନ୍ତି, ତାହା ହିଁ ଏବେ ଆଲୋଚନାର ପ୍ରସଙ୍ଗ ପାଲଟିଛି । ବିହନ ବିକ୍ରି ଆରମ୍ଭରୁ କୃଷି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ, ୧୩୨ଟି ସମବାୟ ସମିତି ଓ ୭୫ ଜଣ ବେସରକାରୀ ଡିଲରଙ୍କ ଜରିଆରେ ଖରିଫ୍ ଋତୁରେ ବିହନ ବିକ୍ରି କରାଯିବ ମାତ୍ର ବର୍ତ୍ତମାନ ସୁଦ୍ଧା ମାତ୍ର ୮୪ଟି ସମବାୟ ସମିତି ଓ ୨୬ ଜଣ ଘରୋଇ ଡିଲର କୃଷି ବିଭାଗ ନିକଟରୁ ବିହନ କିଣିଛନ୍ତି । ବର୍ତ୍ତମାନ ସୁଦ୍ଧା ସମିତି ଜରିଆରେ ୨୬୨୫.୯୦ କ୍ୱିଣ୍ଟାଲ୍ ଓ ୨୬ ଜଣ ଘରୋଇ ଡିଲରଙ୍କ ଜରିଆରେ ୨୩୮୨ କ୍ୱିଣ୍ଟାଲ୍ ଧାନ ବିହନ ବିକ୍ରି ହୋଇଥିବା ଜଣାପଡ଼ିଛି । ନୟାଗଡ଼ରେ ଚାଷୀମାନେ ୩୫୮.୬ କ୍ୱିଣ୍ଟାଲ୍ ଧାନ ଓ ୩୦୫ କ୍ୱିଣ୍ଟାଲ୍ ଧନିଚା ବିହନ ବିକ୍ରି ହୋଇଛି । ସେହିପରି ଓଡ଼ଗାଁରେ ୧୩୦୬ କ୍ୱିଣ୍ଟାଲ୍ ଧାନ ଓ ୧୮ କ୍ୱିଣ୍ଟାଲ୍ ଧନିଚା, ରଣପୁରରେ ୬୦୫.୯ କ୍ୱିଣ୍ଟାଲ୍ ଧାନ ଓ ୩୭ କ୍ୱିଣ୍ଟାଲ୍ ଧନିଚା, ଖଣ୍ଡପଡ଼ାରେ ୨୦୮ କ୍ୱିଣ୍ଟାଲ୍ ଧାନ, ଭାପୁରରେ ୪୬୧ କ୍ୱିଣ୍ଟାଲ୍ ଧାନ ଓ ୩ କ୍ୱିଣ୍ଟାଲ୍ ଧନିଚା, ଦଶପଲ୍ଲାରେ ୪୨୪ କ୍ୱିଣ୍ଟାଲ୍ ଧାନ ଓ ୨୬ କ୍ୱିଣ୍ଟାଲ୍ ଧନିଚା, ନୂଆଗାଁରେ କେବଳ ୮୦୫ କ୍ୱିଣ୍ଟାଲ୍ ଧାନ ଓ ୧୧ କ୍ୱିଣ୍ଟାଲ୍ ଧନିଚା ଓ ଗଣିଆରେ ୯୭ କ୍ୱିଣ୍ଟାଲ୍ ଧାନ ବିହନ ବିକ୍ରି ହୋଇଛି । ଚଳିତ ମାସ ଶେଷ ପର୍ଯ୍ୟନ୍ତ ଏହି ବିହନ ବିକ୍ରି ପ୍ରକ୍ରିୟା ଚାଲୁ ରହିବ ବୋଲି ଜଣାପଡ଼ିଛି । ବର୍ତ୍ତମାନ ଚାଷୀ ମାନଙ୍କ ପାଇଁ ୧୦ ପ୍ରକାର କିସମର ବିହନ ୧୦୦୧, ମସୁରି, ପୂଜା, ୧୦୭୫, ସ୍ୱର୍ଣ୍ଣ ସବ୍ ?-୧. ମୃଣାଳିନୀ, କଳାଚମ୍ପା, ହସନ୍ତ, ଶାରଳା ଓ ୧୧୫୩ ଉପଲବ୍ଧ ରହିଛି । ପୂର୍ବରୁ ୨୦ କେଜି ବସ୍ତାରେ ଏହି ବିହନ ବିକ୍ରି ହେଉଥିଲା । ମାତ୍ର ଚଳିତ ବର୍ଷ ୧୦ କେଜି ବସ୍ତାରେ ଏହି ବିହନ ବିକ୍ରି କରାଯାଉଛି । ଏ ନେଇ ବିହନ ବିଭାଗ ଅଧିକାରୀ ସନ୍ତୋଷ କୁମାର ପରିଡ଼ାଙ୍କ ସୂଚନା ମୁତାବକ, ବର୍ତ୍ତମାନ ଧୀରେ ଧୀରେ ଡିଲର ମାନେ ବିହନ କିଣୁଛନ୍ତି । ଯେଉଁ ବ୍ଲକ୍‌ରେ ଯେତେ ଆବଶ୍ୟକ ?ତା ରହିଛି, ସେତିକି ପରିମାଣରେ ବିହନ ଯୋଗାଇ ଦିଆଯାଉଛି । କିଛି ଦିନ ତଳେ ଜିଲ୍ଲାପାଳଙ୍କ ବୈଠକରେ ଯେଉଁ ସମିତି ଓ ଡିଲର ମାନେ ଏ ପର୍ଯ୍ୟନ୍ତ ବିହନ ନେଇ ନାହାନ୍ତି, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସେମାନଙ୍କ ବିରୋଧରେ ଆବଶ୍ୟକ ପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବାର ସମ୍ଭାବନା ରହିଛି ।

# ଖବର ପ୍ରସାରଣ ପରେ ସାମ୍ବାଦିକଙ୍କୁ ଧମକ




**ଭଞ୍ଜନଗର,(ମହାଭାରତ) :** ଭଞ୍ଜନଗର ବ୍ଲକ ସମନ୍ୱିତ ଶିଶୁ ବିକାଶ ଅନ୍ତର୍ଗତ ବାଉଁଶଲୁଣ୍ଡି -୧ ଅଙ୍ଗନବାଡ଼ି କେନ୍ଦ୍ରରେ ଅନିୟମିତତା ହେଉଥିବା ଅଭିଯୋଗ ହେବା ପରେ ଖବର ପ୍ରସାରଣ କରୁଥିବା ସାମ୍ବାଦିକ ଙ୍କୁ ଧମକ ଦିଆଯାଉଛି । ମଙ୍ଗଳବାର ' ଅଙ୍ଗନବାଡ଼ି କେନ୍ଦ୍ରରେ ଅନିୟମିତତା ଅଭିଯୋଗ' ଶୀର୍ଷକରେ ବିଭିନ୍ନ ଖବର କାଗଜ ରେ ଖବର ପ୍ରସାରଣ ପରେ ଏହାର ପ୍ରତିନିଧି ଙ୍କୁ ଧମକ ମିଳିଛି । ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ରର କାର୍ଯ୍ୟରତ କର୍ମଚାରୀ କେ.ଜ୍ୟୋତି ଆଚାରୀ ଖବର ପ୍ରସାରଣ କରିଥିବା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଅମରେନ୍ଦ୍ର କୁମାର ପଟ୍ଟନାୟକ ଙ୍କୁ ବିଭିନ୍ନ ଲୋକଙ୍କ ଜରିଆରେ ଫୋନ କରି ଧମକ ଦେବା ସହ ନିଜେ ସୋସିଆଲ ମିଡିଆରେ ମେସେଜ୍ କରି ଧମକ ଦେଇଛନ୍ତି । ଏ ନେଇ ଉତ୍କଳ ସାମ୍ବାଦିକ ସଂଘର ସଦସ୍ୟ ଓ ସଭାପତି ଶ୍ରୀ ପଟ୍ଟନାୟକ ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ ଏବଂ ସିଡ଼ିପିଓ ଲିଲିମା କୁମାରୀ ପଣ୍ଡା ଙ୍କ ଦୃଷ୍ଟି ଆକର୍ଷଣ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ସିଡ଼ିପିଓ ଅଫିସ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଭାପତି ଶ୍ରୀ ପଟ୍ଟନାୟକ କହିଛନ୍ତି । ପ୍ରକାଶ ଥାଉକି, ବାଉଁଶଲୁଣ୍ଡି -୧ ଅଙ୍ଗନବାଡ଼ି କେନ୍ଦ୍ରରେ ଅନିୟମିତତା କରାଯାଉଥିବା ନେଇ ଗତ ଫେବୃଆରୀ ମାସ ରେ ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣୀ ଶିବିରରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଗ୍ରାମବାସୀ କରିଥିଲେ । କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀ ଅଭିଭାବକ ମାନଙ୍କୁ ଦୁର୍ବ୍ୟବହାର କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଥି ସହିତ ଗର୍ଭବତୀ ମହିଳାଙ୍କୁ ୭ ପ୍ରକାର ପୃଷ୍ଟିକର ଖାଦ୍ୟ ଦେବାର ଯେଉଁ ନିୟମ ରହିଛି ତାହା ଫେଲ ମାରିଥିବା ମହିଳା ମାନେ ଲିଖିତ ଅଭିଯୋଗ ଆଣିଛନ୍ତି । ପୋଷଣ ଯୋଜନା କେବଳ କାଗଜକଲମ ରେ ଚାଲିଥିବା ବେଳେ ଗର୍ଭବତୀ ମା' ମାନଙ୍କୁ ଦିଆ ଯାଉଥିବା ଏହି ଖାଦ୍ୟରେ ହରିଲୁଟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ । ଏ ନେଇ ଖବର ପ୍ରସାରଣ କରିବାକୁ ସାମ୍ବାଦିକ ଙ୍କୁ ଧମକ ମିଳିଛି ।

# ଥୁଆମୂଳ ରାମପୁରରେ ବାହୁଡ଼ା ରଥଯାତ୍ରା ପାଳିତ



**କଳାହାଣ୍ଡି, (ମହାଭାରତ) :** କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ ସଦର ମହକୁମାରେ ପାଳିତ ହୋଇଯାଇଛି ପବିତ୍ର ଶ୍ରୀ ବାହୁଡା ରଥଯାତ୍ରା ଏହାକୁ ଦେଖିବାକୁ ଆଖପାଖ ଅଞ୍ଚଳର ଶହଶହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲ । ଘଣ୍ଟ ଘଣ୍ଟି ହୁଳହୁଳି ସଂକୀର୍ତ୍ତନ ଏବଂ ଜୟ ଜଗନ୍ନାଥ ଧ୍ୱନିରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା ।ଝିପି ଝିପି ବର୍ଷା କୁ ଖାତିରି ନକରି ରଥ ଟାଣିଥିଲେ ଭକ୍ତଗଣ । ଶ୍ରୀନିବାସ ପାଣିଗ୍ରାହୀ, ପ୍ରଦୀପ କୁମାର ପଣ୍ଡା, ଭାନୁପ୍ରତାପ ମୁଣ୍ଡ, ପ୍ରମୁଖ ଦୁଇତା ପତି ଭାବେ ସହଯୋଗ କରିଥିବା ବେଳେ ଜନ୍ମ ବେଦୀରେ ଲିଳା ଖୋଳା ସାରି ମହାପ୍ରଭୁ ରତ୍ନବେଦୀ କୁ ଫେରିଛନ୍ତି । ଶାନ୍ତି ଶୃଙ୍ଖଳାର ସହିତ ଥୁଆ ମୂଳ ରାମପୁର ଠାରେ ପାଳିତ ହୋଇଯାଇଛି ବାହୁଡ଼ା ଯାତ୍ରା ।

# ଆଜି ବିଶ୍ୱ ଯୁବ ଦକ୍ଷତା ଦିବସ

**କଳାହାଣ୍ଡି,(ମହାଭାରତ ) :** ଆଜି ବିଶ୍ୱ ଯୁବ ଦକ୍ଷତା ଦିବସ ଉପଲକ୍ଷେ ଦକ୍ଷତା ରବିକେନ୍ଦ୍ରୀକରଣ ପଦକ୍ଷେପ ସ୍ୱରୂପ, ଜିଲ୍ଲା ଦକ୍ଷତା ବିକାଶ କେନ୍ଦ୍ର କଳାହାଣ୍ଡି ର ଲୋକାର୍ପଣ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ କର କମଳ ରେ ଆଭାସୀ ମାଧ୍ୟମ ରେ ହୋଇ ଯାଇଛି ।ଉକ୍ତ କେନ୍ଦ୍ର ରେ ଚଳିତ ଆର୍ଥିକ ବର୍ଷ ରେ ୫୦୦ ପିଲାଙ୍କୁ ତାଲିମ ପ୍ରଦାନ ସହ ନିଯୁକ୍ତି ପ୍ରଦାନ କରିଯିବା ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି । ଭୁବନେଶ୍ୱର ର ବିଶ୍ୱ ଦକ୍ଷତା କେନ୍ଦ୍ର ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା କୌଶଳ ଭବନ, ମୁଖ୍ୟମନ୍ତ୍ରୀ ଦକ୍ଷତା ଫେଲୋସିପ, ମୁଖ୍ୟମନ୍ତ୍ରୀ ଆସପାଇରେ ଆଦି କାର୍ଯ୍ୟକ୍ରମ ର ଲୋକାର୍ପଣ କରାଯାଇଛି, ଉକ୍ତ କାର୍ଯ୍ୟକ୍ରମ ରେ ମାନ୍ୟବର ମନ୍ତ୍ରୀ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଶ୍ରୀଯୁକ୍ତ ସମ୍ପଦ ଚରଣ ସ୍ୱାଇଁ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ, ଦକ୍ଷତା ବିକାଶ ଏବଂ ନିୟୋଜନ ନିର୍ଦ୍ଦେଶିକା ଶ୍ରୀମତୀ ରଶ୍ମିତା ପଣ୍ଡା ଆଦି ଯୋଗଦାନ କରି ଶିକ୍ଷାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ ।କଳାହାଣ୍ଡି ରେ ଏହି କାର୍ଯ୍ୟକ୍ରମ ରେ ମାନ୍ୟବର ସାଂସଦ କଳାହାଣ୍ଡି ଶ୍ରୀମତୀ ମାଳବିକା ଦେବୀ ଯୋଗ ଦେଇ ଜିଲ୍ଲା ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କୁ ଧନ୍ୟବାଦ ଏବଂ କୃତଜ୍ଞତା ଜ୍ଞାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡି, ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ ଯୋଗଦାନ କରିଥିଲେ । ଉଦ୍ଘାଟନ ପରେ ବିଭିନ୍ନ ଦକ୍ଷତା ତାଲିମ କେନ୍ଦ୍ର ର ଶିକ୍ଷାର୍ଥୀ ମାନଙ୍କ ସହ ମାନ୍ୟବର ସାଂସଦ ଓ ଜିଲ୍ଲାପାଳ ମତ ବିନିମୟ କରିଥିଲେ ଓ ବିଭିନ୍ନ ଦକ୍ଷତା ପ୍ରତିଯୋଗିତା ରେ ଉତ୍କର୍ଷ ପ୍ରତିପାଦନ କରିଥିବା ଶିକ୍ଷାର୍ଥୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ରେ ଥିବା ଶାହୀ ଏକ୍ସପୋର୍ଟ, ଉଞ୍ଜଞ୍ଜଉ , ବେଦାନ୍ତ ସ୍କିଲ କେନ୍ଦ୍ର , ଜନ ଶିକ୍ଷଣ ସଂସ୍ଥାନ, ଉଇଞ୍ଜଇଚଜଙ୍ଗ ଆଦି ତାଲିମ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ । ସରକାରୀ ପଲିଟେକ୍ନିକ ର ଅଧ୍ୟକ୍ଷ ଶ୍ରୀ ଅମୁଲ୍ୟ ପଣ୍ଡା, ଶ୍ରୀ ଜ୍ଞାନ ରଞ୍ଜନ ମିଶ୍ର, ସରକାରୀ ଆଇ ଟି ଆଇ ଭବାନୀପାଟଣା ର ଅଧ୍ୟକ୍ଷ ଶିବ ପ୍ରସାଦ ସାମନ୍ତରାୟ , ଉଞ୍ଜଞ୍ଜଉ ରୁ ଶ୍ରୀ ଜୀବନ ଜ୍ୟୋତି ଓଝା, ଶାହୀ ଏକ୍ସପୋର୍ଟ ରୁ ଶ୍ରୀ ପ୍ରଶାନ୍ତ ପାଣିଗ୍ରାହୀ, ଶ୍ରୀ ସୁବାସ ନାୟକ , ବେଦାନ୍ତ ତାଲିମ କେନ୍ଦ୍ର ରୁ ତ୍ରୈଲୋକ୍ୟ ମହାପାତ୍ର , ଜନ ଶିକ୍ଷଣ ସଂସ୍ଥାନ ର ନିର୍ଦ୍ଦେଶକ ଶ୍ରୀ ସୁବ୍ରତ ତ୍ରିପାଠୀ, DATAPRO ରୁ ଶ୍ରୀ ପ୍ରଭାତ ଚନ୍ଦ୍ର ଗୁପ୍ତା, ଗୁଣନିଧି ଦୁର୍ଗା ଆଦି ଯୋଗ ଦେଇଥିଲେ ।ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ମହାପ୍ରସାଦ ଦାସ, ଦକ୍ଷତା ବିକାଶ ଅଧିକାରୀ ଶ୍ରୀ ସୁବିଦିତ ସାମନ୍ତରାୟ, ଜିଲ୍ଲା ଦକ୍ଷତା ବିକାଶ କାର୍ଯ୍ୟାଳୟ ର ଶ୍ରୀ ଲୋକନାଥ ପଟେଲ, ସୁବ୍ରତ ମେହେର, ବିପ୍ଳବ ମାଝୀ , ଜଗବନ୍ଧୁ ରଣା, ଧନେଶ୍ୱର ଶବର, ମନୋଜ କୁମାର ବଗର୍ତି ଆଦି କାର୍ଯ୍ୟକ୍ରମ ପରିଚାଳନା ରେ ସହାୟତା କରିଥିଲେ । ଏହି ସମାରୋହ ରେ ୨୫୦ ରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ଯୋଗଦାନ କରିଥିଲେ ।

# ଖରିଫ ଧାନକ୍ରୟ ପାଇଁ ଚାଷୀ ପଞ୍ଜିକୃତ



**ଗଜପତି, (ମହାଭାରତ ) :** ଜିଲ୍ଲା ଗୋଶାଣୀ ବ୍ଲକ ଅନ୍ତର୍ଗତ କେରାଣ୍ଡି ପଞ୍ଚାୟତର ନୂଆ କେରାଣ୍ଡିରେ ଥିବା ରାମ ଲିଙ୍ଗେଶ୍ୱର ସମବାୟ ସମିତି ପକ୍ଷରୁ ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜିକୃତ ଆରମ୍ଭ ହୋଇ ଯାଇଛି ।ଏହି ଚାଷୀ ପଞ୍ଜିକୃତ ୧୫ ଜୁଲାଇରୁ ଆରମ୍ଭ ହୋଇ ୧୬ ଅଗଷ୍ଟ ମଧ୍ୟରେ ରାମ ଲିଙ୍ଗେଶ୍ୱର ସମିତିରେ ଆବେଦନ କରିପାରିବେ । ଚାଷୀ ପଞ୍ଜିକରଣ ନିମନ୍ତେ ନିଜର ଆବଶ୍ୟକ କାଗଜପତ୍ର ଯଥା ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ ଆଧାର କାର୍ଡର ନକଲ,ଜମି ପଟ୍ଟା, ଜମିର ପ୍ରମାଣ ପତ୍ର ସହିତ ମୋବାଇଲ ନମ୍ବର ଆବଶ୍ୟକତା ରହିଛି ବୋଲି ରାମ ଲିଙ୍ଗେଶ୍ୱର ସମବାୟ ସମିତିର ସମ୍ପାଦକ ଇ ରାମ ପ୍ରସାଦ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ୪ ଟିକିଆ ହାତୀ ପଲଙ୍କ ଉତ୍ପାତ



**କରଞ୍ଜିଆ, (ମହାଭାରତ) :** କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ବନାଞ୍ଚଳ ରେ ବଢ଼ି ଚାଲିଛି ଜଂଗଲୀ ହାତୀଙ୍କ ଉପଦ୍ରବ ଦିନ ବେଳେ ଜଙ୍ଗଲ ରେ ରହୁଥିବା ବେଳେ ରାତିରେ ଜଙ୍ଗଲ ରୁ ବାହାରି ଧାନ ତଳି ଖାଇବା ସହିତ ତଳି କୁ ଦଳିମକଚି ନଷ୍ଟ କରୁଛନ୍ତି । ଏପରି ଏକ ଘଟଣା ଦେଖିବାକୁ ମିଳିଛି ଭାରଣ୍ଡିଆ ପଞ୍ଚାୟତ କଲେଇଯାଉ ଗ୍ରାମ ରେ। ଏକ ଚାରିଟିକିଆ ହାତୀ ପଲ ଧନ ବିଲ ରେ ପଶି ଧାନ ତଳି କୁ ଦଳିଚକଟି ନଷ୍ଟ କରିଦେଇଛନ୍ତି । ନିଅଣ୍ଟିଆ ବର୍ଷା ଯୋଗୁ ଚାଷୀ ଚିନ୍ତା ରେ ଥିବା ବେଳେ ଧାନତଳି ନଷ୍ଟ କରୁଥିବାରୁ ସମସ୍ୟା ଦ୍ୱିଗୁଣିତ ହୋଇଛି । କଲେଇଯାଉ ଗ୍ରାମ ର ଚାଷୀ ଲାଲମୋହନ ସୋରେନ,କୃଷ୍ଣ ଚଂଦ୍ର ମୁର୍ମୁ, ଅଭିନାଶ ଟୁଡୁ,ଗୋପବନ୍ଧୁ ଦାସ, ଉଦୟ ଦାସଙ୍କ ତଳି ଖାଇ ଦଳିଚକଟି ନଷ୍ଟ କରିଦିଛନ୍ତି । ଖବର ପାଇ ବନବିଭାଗ ଘଟଣାସ୍ଥଳ ରେ ପହଞ୍ଚି କ୍ଷୟ କ୍ଷତି ର ଆକଳନ କରି ଫେରିଥିବା ଜଣା ପଡ଼ିଛି ।

# ୮ମ ଜାତୀୟ ସ୍ତରୀୟ ଆଲୋଚନା ଚକ୍ର



**ଭୁବନେଶ୍ୱର,(ମହାଭାରତ ) :** ଜ୍ଞାନପ୍ରକାଶ ପରିବାର ତରଫରୁ ୮ମ ଜାତୀୟ ସ୍ତରୀୟ ଆଲୋଚନା ଚକ୍ର ଜୟଦେବ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ବରେଣ୍ୟ ଅତିଥି ଡ. ଲକ୍ଷ୍ମୀଧର ବେହେରା, ନରେଶ ବାରାନା (ଆଡଭୋକେଟ, ନୂଆଦିଲ୍ଲୀ) ଡ. ଇତିରାଣି ସାମନ୍ତ, ଚିତ୍ତରଞ୍ଜନ ପାଣିଗ୍ରାହୀ, ରାଜେନ୍ଦ୍ର ମେହେର,ଶ୍ରୀମତି ଅମ୍ବିକା ସ୍ୱାଇଁ, ସରୋଜ କୁମାର ସାହୁ ଓ ଜ୍ଞାନଚାନ୍ଦ ଶତପଥି ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟ ଉଦଘାଟନ କରିଥିଲେ । ବିଭିନ୍ନ ରାଜ୍ୟରୁ ଆସିଥିବା ଅତିଥିମାନେ ଏହି ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଦୀର୍ଘାୟୁ ହେବାପାଇଁ ଆଶୀର୍ବାଦ ପ୍ରଦାନ କରିଥିଲେ । ଏହି ଅବସରରେ ଜ୍ଞାନପ୍ରକାଶ, ଗଜପତି ଶାଖାର ସଭାପତି ଶ୍ରୀମତି ସ୍ନିଗ୍ଧା ମିଶ୍ରଙ୍କ ସମେତ ମୋଟ ୧୮ ଜଣ ବିଶିଷ୍ଟ ବ୍ୟକ୍ତି ଗଜପତି ଜିଲ୍ଲାକୁ ପ୍ରତିନିଧିତ୍ୱ କରିଥିଲେ । ସେମାନଙ୍କ ମଧ୍ୟରୁ ଡଃ.କଲ୍ୟାଣୀ ମିଶ୍ରଙ୍କୁ ଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଥିଲା ଏବଂ ସଭାପତି ଶ୍ରୀମତୀ ସ୍ନିଗ୍ଧା ମିଶ୍ରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହା ସହ ସମସ୍ତ ଅଂଶଗ୍ରହଣକାରୀ ଜ୍ଞାନପ୍ରକାଶ ପରିବାର ସମ୍ମାନରେ ସମ୍ମାନିତ ହୋଇଥିଲେ । ଏହି ବୈଠକରେ ଶିକ୍ଷା ,ସାହିତ୍ୟ ଓ ସଂସ୍କୃତି ଉପରେ ଆଲୋକପାତ କରାଯାଇଥିଲା । ଇତ୍ୟବସରରେ ଅତିଥିଗଣଙ୍କ କରକମଳରେ 'ଜ୍ଞାନପ୍ରକାଶ' ପତ୍ରିକା ଉନ୍ମୋଚିତ ହୋଇଥିଲା । ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତଙ୍କ ମନୋରଞ୍ଜନ କରାଯାଇଥିଲା ।


# ଠାକୁରମୁଣ୍ଡାରେ ସିଟି ଜିଏସଟି ଚଢ଼ାଉ

**କରଞ୍ଜିଆ,(ମହାଭାରତ) :** ଠାକୁରମୁଣ୍ଡା ବଜାରରେ ଆଜି ସିଟି ଏବଂ ଜିଏସଟି ତରଫରୁ ସୁରେଶ ସାହୁଙ୍କ ଦୋକାନ ଏବଂ କେଶଡିହା ର ଗଣନାଥ ନାୟକଙ୍କୁ ଚଢ଼ାଉ କରାଯାଇଛି । ଅଧିକାରୀ ମାନେ ଯାଞ୍ଚ କରୁଥିବା ଦେଖିବାକୁ ମିଳିଛି । ସୁରେଶ ସାହୁଙ୍କର ବଜାରରେ ସିଲଭର ସାମଗ୍ରୀ ଓ କବାଡିଆ ଦୋକାନ ରହିଛି । ଦୋକାନରେ କିଣା ବିକାକୁ ନେଇ କୌଣସି ଅନିୟମିତତା ହୋଇଛି କି ନାହିଁ ଯାଞ୍ଚ ପରେ ଜଣାପଡିବ ବୋଲି ଅଧିକାରୀ ମାନେ କହିଛନ୍ତି । ଟିକସ ଫାଙ୍କି ଅପରାଧରେ ଯାଞ୍ଚ ଆରମ୍ଭ ହୋଇଛି ।

# ଅମାନିଆ ଗାଡ଼ି ଚାଳକ ଓ ବେଫିକର ଯୁବ ଗୋଷ୍ଟିଙ୍କ ବାର୍ତ୍ତୁଭାବ

**ବିଷମ କଟକ,(ମହାଭାରତ) :** ଚଳିତ ବର୍ଷ ରାୟଗଡ଼ା ଜିଲ୍ଲା ବିଷମ କଟକ ରେ ମହାପ୍ରଭୁ ଙ୍କ ରଥ ଯାତ୍ରା ଓ ବାହୁଡ଼ା ଯାତ୍ରା ମହା ଆଡ଼ମ୍ବରରେ ପାଳିତ ହୋଇଥିବା ବେଳେ କେତେକ ମୁଷ୍ଟିମେୟ ଯୁବକଙ୍କ ଦୌରାତ୍ମ୍ୟ ପରିଲକ୍ଷିତ ହୋଇଥିଲା ଯାତ୍ରା ର ଭିଡ ସମୟରେ ଗୋଷ୍ଠିବଦ୍ଧ ହୋଇ ପେଁଏ କାଳୀ ବଜାଇ ବିଶେଷ କାରି ମହିଳା ଓ ଯୁବତୀ ଭକ୍ତ ଙ୍କୁ ଚିଡାଇବାର ଦେଖିବାକୁ ମିଳିଥିଲା କିଛି ବାଇକ୍ ଚାଳକ ଗହଳି ଜାଗାରେ ଅତ୍ୟାଧିକ ବେଗରେ ବାଇକ ଚ଼ଲାଇ ଓ ହୋର୍ନ ବଜାଇ ଲୋକଙ୍କୁ ପରିସାନ କରିବା ଅଭିଯୋଗ ଆସିଥିବା ବେଳେ ବଦଦ୍ୱାର ସାହି ଓ ବଡ଼ ହରିଜନ ସାହି ନିକଟରେ ଦୁର୍ଘଟଣା ହୋଇ ଆହତ ହୋଇଥିବା ନଜରକୁ ଆସିଛି ।ଏପରି କ୍ଷେତ୍ରର ପୋଲିସ ପ୍ରଶାସନ ରଥ ପରିଚାଳନା କାମରେ ବ୍ୟସ୍ତ ଥିବା ବେଳେ ଲାପର୍ବା ଗାଡି ଚାଳକ ଓ କିଛି ମୁଷ୍ଟିମୟ ଯୁବକ ମସ୍ତି କରି ଭକ୍ତଙ୍କୁ ବେଧଡ଼କ ପରିସାନ୍ କରିବା ଅଭିଯୋଗ ଆସିଛି । ଏଭଳି କ୍ଷେତ୍ରରେ ଆଗାମୀ ଦିନରେ ଅନେକ ପର୍ବ ପର୍ବାଣୀ ଆସିବାକୁ ଥିବା ବେଳେ ଏମିତି ବେପର୍ବା ଗାଡ଼ି ଚାଳକଙ୍କୁ ଲଗାମ୍ ଲଗାଇବା ପାଇଁ ଚେକିଙ୍ଗ ବ୍ୟବସ୍ଥା କଡ଼ା କଡି କରିବା ପାଇଁ ସାଧାରଣରେ ଦାବି ହୋଇଛି ।

# ସ୍ୱାସ୍ଥ୍ୟ ବିଭାଗର ଭୁଲ୍ ରିପୋର୍ଟରୁ ମହିଳା ସାଜିଲେ ଗର୍ଭବତୀ



**ରାଇଘର(ମହାଭାରତ) :** ଭୁଲ ରିପୋର୍ଟ ଯୋଗୁଁ ଜଣେ ମହିଳା ଗର୍ଭବତୀ ସାଜିବା ସହ ୧୦ ମାସ ଧରି ମେଡିସିନ ଓ ଟୀକା ଦେଇ ନିଜର ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରୁଥିଲେ । କିନ୍ତୁ ଯେଉଁ ସମୟରେ ପ୍ରସବ ହେବ ସେହି ସମୟରେ ପେଟରେ ଛୁଆ ନାହିଁ କହି ହାତ ଟେକି ଦେଇଛି ସ୍ୱାସ୍ଥ୍ୟ ବିଭାଗ । ଯଦି ପେଟରେ ଛୁଆ ନାହିଁ ତାହେଲେ ସ୍ୱାସ୍ଥ୍ୟ ବିଭାଗ କ୍ରମାଗତ ମେଡିସିନ, ଟୀକାକରଣ କରୁଥିଲା କାହିଁକି ଓ ଜଣେ ନିରୀହ ଜୀବନ ସହ ଖେଳିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି । ଆଦିବାସୀ ଅଧ୍ୟଷିତ ନବରଙ୍ଗପୁର ଜିଲ୍ଲା ଉପାନ୍ତ ରାଇଘର ବ୍ଲକ ସଦର ମହକୁମା ଠାରେ ଏଭଳି ଘଟଣା ଘଟିଥିବା ବେଳେ ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ଦାବି ହୋଇଛି । ସୂଚନା ଅନୁସାରେ ରାଇଘର ସଦର ମହକୁମା ପତ୍ରକୋଟି ସାହିର ଟଙ୍କ ହରିଜନଙ୍କ ଝିଅ ଦମୟନ୍ତି ହରିଜନ କଳାହାଣ୍ଡି ଜିଲ୍ଲାରେ ମଳୟ ନାୟକଙ୍କୁ ବିବାହ କରିଥିଲେ । ବିବାହର ଚାରି ବର୍ଷ ପରେ ଦମୟନ୍ତୀ ଗର୍ଭବତୀ ହେବା ପରେ ଝିଅକୁ ବାପା ଘର ଲୋକେ ରଖି ଚିକିତ୍ସା ଆରମ୍ଭ କରିଥିଲେ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦମୟନ୍ତୀ (୨୩)ଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇ ଆରସିଏଚ ନମ୍ବର ୧୨୧୦୧୧୭ ୯୧୪୧୦ରେ ପଞ୍ଜିକରଣ କରାଯାଇଥିଲା । ଗତ ଫେବୃଆରୀ ୨୪ ତାରିଖ ଦିନ କାର୍ଡ ଖୋଲିଥିବାବେଳେ ଶେଷ ମାସିକ ରତୁସ୍ରାବ ତାରିଖ ୨୪-୧୦-୨୩ ଓ ପ୍ରସବ ତାରିଖ ୩୧-୦୭-୨୪ ବୋଲି କାର୍ଡରେ ଉଲ୍ଲେଖ ରହିଛି । ସମ୍ପୃକ୍ତ ମହିଳା ଜଣକ ଗର୍ଭବତୀ ବୋଲି ଚିହ୍ନଟ ହେବା ପରେ ଟୀକା ପ୍ରଦାନ ସହ ଅଣ୍ଡା ଓ ପୃଷ୍ଟିକର ଖାଦ୍ୟ ଛତୁଆ ପ୍ରଦାନ କରାଯାଇଥିଲା । ଜୁଲାଇ ୩୦ ବଦଳରେ ଜୁଲାଇ ୧୨ ତାରିଖ ପ୍ରସବ ହେବା ନେଇ ଅବଗତ ପରେ ସେ ରାଇଘର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ । କିନ୍ତୁ ପେଟରେ ଛୁଆ ୧୦ ମାସ ଧରି ମେଡିସିନ ଓ ଟୀକା ନେଇ ଯାଞ୍ଚ କରୁଥିଲେ ନ ଥିବା ଜଣାପଡିବାପରେ ସଂପୃକ୍ତ ମହିଳାଙ୍କ ସହ ପରିବାର ଆଶ୍ଚର୍ଯ୍ୟ ହେବା ସହ ସ୍ୱତନ୍ତ୍ର ଯାଞ୍ଚ କରିବାକୁ କହିଥିଲେ । ଉମରକୋଟ ଠାରେ ପୁଣି ଥରେ କିଟ୍ ଟେଷ୍ଟ ପରେ ମହିଳା ଗର୍ଭବତୀ ନ ଥିବା ସ୍ୱାସ୍ଥ୍ୟ ବିଭାଗ ଅବଗତ କରିଛି । ତେବେ ଯଦି ସମ୍ପୃକ୍ତ ମହିଳା ଗର୍ଭବତୀ ନଥିଲେ ତାହେଲେ ମା ଓ ଶିଶୁ ସୁରକ୍ଷା କାର୍ଡରେ ପଞ୍ଜିକରଣ କରାଗଲା କାହିଁକି ଓ ମାସ ମାସ ଧରି ଔଷଧ ସହ ଟୀକା ପ୍ରଦାନ କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠିଛି । ଏହି ଘଟଣାରେ କିଏ ଦୋଷୀ ବିଭାଗ ତଦନ୍ତ କରିବା ଜରୁରୀ ହୋଇପଡିଛି । ଘଟଣାକୁ ସମସ୍ତେ ଗୁରୁତର ନେବା ବଦଳରେ ସଫେଇ ଦେଇ ନିରୀହ ଲୋକଙ୍କ ସହ ଖେଳୁଥିବା ଅଭିଯୋଗ ହୋଇଛି । ଉକ୍ତ ଘଟଣାରେ ସମ୍ପୂର୍ଣ୍ଣ ପରିବାର ଭାଙ୍ଗି ପଡ଼ିବା ସହ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି । ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି ଯେ ଯଦି ପେଟରେ ଛୁଆ ନ ଥୁଲା ତାହେଲେ ଆଜି ପର୍ଯ୍ୟନ୍ତ ଛୁଆ ଠିକ୍ ଥିବା କହି ଟୀକା ଓ ଔଷଧ ସେବନ କରିବାକୁ ବିଭାଗ କାହିଁକି ନିର୍ଦ୍ଦେଶ ଦେଇଥିଲା । ସ୍ତ୍ରୀଙ୍କ ଜୀବନ ସହ ସ୍ୱାସ୍ଥ୍ୟ ବିଭାଗ ଖେଳିଥିବା ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତି ମହିଳାଙ୍କ ସ୍ୱାମୀ ମଳୟ ନାୟକ । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ଚିନ୍ତା ବଢ଼ାଉଛି ମୁକୁଳା ଡ୍ରେନ୍

## ୧୬ ୱାର୍ଡରେ ୭ କିମି ଡ୍ରେନ୍ ମୁକୁଳା



**ନୟାଗଡ଼,(ମହାଭାରତ ) :** ରାଜଧାନୀରେ ମୁକୁଳା ଡ୍ରେନ୍‌ରେ ଭାସି ଜଣେ ନାବାଳକର ମୃତ୍ୟୁକୁ ନେଇ ରାଜ୍ୟବ୍ୟାପି ହଟଚମଟ ସୃଷ୍ଟି ହୋଇଥିଲା । ଏହାକୁ ବେଶ୍ ଗୁରୁତ୍ୱର ସହ ନେଇ ରାଜ୍ୟ ସରକାର ସମସ୍ତ ପୌରପାଳିକାକୁ ତୁରନ୍ତ ମୁକୁଳା ପଡ଼ିଥିବା ଡ୍ରେନ୍ ଗୁଡ଼ିକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନୟାଗଡ଼ର ସମସ୍ତ ୧୬ଟି ୱାର୍ଡ ରେ ଥିବା ଡ୍ରେନ୍ ଗୁଡ଼ିକୁ ଯନ୍ତ୍ରୀମାନେ ପରିଦର୍ଶନ କରି ଏହାର ଏକ ତାଲିକା ପ୍ରସ୍ତୁତ କରିଛନ୍ତି । କେଉଁଠି କେଉଁଠି ଡ୍ରେନ୍ ସବୁ ମୁକୁଳା ପଡ଼ିଛି, ଏ ନେଇ ଏକ ରିପୋର୍ଟ ସେମାନେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି । ବର୍ତ୍ତମାନ ଏହି ମୁକୁଳା ପଡ଼ିଥିବା ଡ୍ରେନ୍ ଗୁଡ଼ିକୁ ବନ୍ଦ କରିବା ପାଇଁ କେତେ ଖର୍ଚ୍ଚ ହେବ, ଏହାର ଏକ ରିପୋର୍ଟ ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ମୁତାବକ, ସହରରେ ପିଡବ୍ଲୁଡି, ପୌର ପରିଷଦ ଓ ଡ୍ରେନେଜ୍ ବିଭାଗ ଅଧୀନରେ ଥିବା ଡ୍ରେନ୍ ଗୁଡ଼ିକର ସର୍ଭେ କରାଯାଇଥିଲା । ସେଥିମଧ୍ୟରୁ ଏହି ତିନି ବିଭାଗର ୭.୬୭ କିମି ଲମ୍ବ ଡ୍ରେନ୍ ମୁକୁଳା ପଡ଼ିଥିବା ଆକଳନ କରାଯାଇଛି ୱାର୍ଡ-୧୨ ଅଧୀନରେ ଦେବୋତ୍ତର କଲୋନି ନିକଟରେ ଯାଇଥିବା ପିଡବ୍ଲୁଡି ବିଭାଗର ଡ୍ରେନ୍‌ଟି ବିପଦସଙ୍କୁଳ ଅବସ୍ଥାରେ ରହିଛି । ଏହି ରିପୋର୍ଟ ମିଳିବା ପରେ ସମ୍ପୃକ୍ତ ବିଭାଗକୁ ଚିଠି ଲେଖି ପୌର ପରିଷଦ ପକ୍ଷରୁ ଅବଗତ କରାଯାଇଛି । ଏହାସହ ଜିଲ୍ଲାପାଳଙ୍କୁ ମଧ୍ୟ ଏକ ରିପୋର୍ଟ ପ୍ରଦାନ କରାଯାଇଛି । ଦୀର୍ଘ ଦିନ ଧରି ନୟାଗଡ଼ ପୌରପାଳିକାରେ ଜଳ ନିଷ୍କାସନ ବ୍ୟବସ୍ଥାକୁ ଯାଞ୍ଚ କରିବା ପାଇଁ ଏକ ସ୍ୱାର୍ଡ ବ୍ୟବସ୍ଥା ରହିଛି । ସହରର ପରିମଳ ବ୍ୟବସ୍ଥାକୁ ବିଗାଡୁଥିବା ଲୋକ ମାନଙ୍କ ଉପରେ ଏହି ସ୍କ୍ୱାର୍ଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ମାତ୍ର ନୟାଗଡ଼ ପୌରପାଳିକାରେ ସେମିତି କୌଣସି ବ୍ୟବସ୍ଥା ନାହିଁ । ଏହାର ସୁଯୋଗ ନେଇ ଲୋକମାନେ ଘରର ବର୍ଜ୍ୟ ଜଳକୁ ସିଧାସଳଖ ପାଇପ୍ ଲଗାଇ ଡ୍ରେନ୍‌କୁ ଛାଡ଼ି ଦେଉଛନ୍ତି । ନୟାଗଡ଼ ସହରରେ ଏକାଧିକ କୋଚିଂ ସେଣ୍ଟର, ଘରୋଇ ଆବାସିକ ସ୍କୁଲ ଓ କଲେଜ ରହିଛି । ଏହାର ଛାତ୍ରଛାତ୍ରୀ ମାନେ ରହୁଥିବା ହଷ୍ଟେଲ ଗୁଡ଼ିକର ମାଲିକମାନେ ନିୟମକୁ ଉଲଂଘନ କରି ଏମିତି କରୁଥିବା ଦେଖିବାକୁ ମିଳୁଛି । ଏ ନେଇ ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ବର୍ତ୍ତମାନ କେଉଁ ୱାର୍ଡ ରେ ଡ୍ରେନ୍ ସବୁ ମୁକୁଳା ପଡ଼ିଛି, ତାହାର ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଛି । ପରେ କାହାର କେତୋଟି ଡ୍ରେନ୍ ରହିଛି, ଏ ସଂକ୍ରାନ୍ତରେ ଏକ ରିପୋର୍ଟ ଜିଲ୍ଲାପାଳଙ୍କୁ ଦିଆଯିବ । ରାଜ୍ୟ ସରକାରଙ୍କ ନିଷ୍ପତ୍ତି ମୁତାବକ ଖୁବ୍‌ଶୀଘ୍ର ଏହି ଡ୍ରେନ୍ ଗୁଡ଼ିକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହାସହ ସ୍କ୍ୱାର୍ଡ ବ୍ୟବସ୍ଥା ଆରମ୍ଭ କରିବା ପାଇଁ କାଉନ୍ସିଲ ବୈଠକରେ ଆଲୋଚନା କରାଯିବ ବୋଲି ସେ କହିଛନ୍ତି ।



# ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ନୀରବଦ୍ରଷ୍ଟା

## ଏପଟେ ଖୋଳା ଚାଲିଛି ନୟନଯୋରୀ ନାଳ-ସେପଟେ ଚାଲିଛି ଟ୍ରାକ୍ଟର ଟ୍ରାକ୍ଟର ମାଟିବିକ୍ରୀ

**ନିଶ୍ଚିନ୍ତକୋଇଲି,(ମହାଭାରତ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ରାଜ୍ୟ ରାଜପଥ କଟକ ଚାନ୍ଦବାଲି ଦକ୍ଷିଣ ପାର୍ଶ୍ୱ ନୟନଯୋରୀରୁ ବର୍ଷା ଜଳ ନିଷ୍କାସନ ନ ହୋଇପାରୁ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଫସଲ ହୋଇପାରୁଥିବା ଓ ସେଠାରେ ବସବାସ କରୁଥିବା ବହୁ ପରିବାର ପାଣି ଘେରରେ ଏକରକମ ଜଳବନ୍ଦୀ ଜୀବନ ଯାପନ କରୁଥିବା ଅଭିଯୋଗ ସେଠାକାର ଅଞ୍ଚଳବାସି ମାହାଙ୍ଗାର ନବ ନିର୍ବାଚିତ ବିଧାୟକ ଶାରଦା ପ୍ରଧାନଙ୍କୁ ଅବଗତ କରାଇଥିଲେ। ବିଧାୟକ ଏ ବିଷୟରେ ଅବଗତ ହେଲା ପରେ ସଂପୃକ୍ତ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରି ନୟନଯୋରୀ



ସଫେଇ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ ବିଭାଗୀୟ ନାମେ କାର୍ଯ୍ୟାଦେଶ ଥାଇ ସଫେଇ କାର୍ଯ୍ୟ ବିଧାୟକଙ୍କ ବୋଲକରା ସାଜିଥିବା ବ୍ୟକ୍ତିମାନଙ୍କ ଜରିଆରେ କାର୍ଯ୍ୟ ହେଉଥିବା ସମୟରେ ବିଭାଗୀୟ ଅଧିକାରୀ କି କୌଣସି କର୍ମଚାରୀ ସେଠାରେ ଉପସ୍ଥିତ ରହୁନଥିବାରୁ ଏମାନେ ସଫେଇ କାର୍ଯ୍ୟ ସଠିକ୍ ଢଙ୍ଗରେ କରୁନଥିବା ଏବଂ ନୟନଯୋରୀକୁ ଅଧିକ ଗଭୀର ଖୋଳୀ ସେଥିରୁ ବାହାରୁଥିବା ମାଟିକୁ ଟ୍ରାକ୍ଟର ଯୋଗେ ବିକ୍ରି କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ଏ ବିଷୟରେ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ଉପଖଣ୍ଡ ଅଧିକାରୀଙ୍କ ମୋବାଇଲକୁ ଆମ ପ୍ରତିନିଧି ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇପାରି ନଥିଲା। ତେବେ ଏହି ମାଟି ବିକ୍ରିର ଅର୍ଥରେ ଜଳ ସମ୍ପଦ ବିଭାଗୀୟ କର୍ମଚାରି ମାନଙ୍କ ଭାଗ ରହିଛି ନା ଆଉକିଛି ବୋଲି ସାଧାଣରେ ଚର୍ଚ୍ଚା ଜୋରଧରିଛି। ତେବେ ଜଳ ସମ୍ପଦ ବିଭାଗର ବିଭାଗିୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟୀ ଦେବାକୁ ସାଧାରଣରେ ଦାବୀ ହେଉଛି।

## ‘ଐତିହ୍ୟ ଘେରରେ ପ୍ରାଚୀନ ଘୁମୁସର ଗଡ’ ଆଲୋଚନା ଚକ୍ର



**ବେଲଗୁଣ୍ଠା(ମହାଭାରତ):** ଗୋବରା ଉପେନ୍ଦ୍ର ଭଞ୍ଜ ସାହିତ୍ୟ ପରିଷଦ ଆନୁକୁଲ୍ୟରେ ଘୁମୁସରର ପ୍ରାଚୀନ ରାଜଧାନୀ ଜୟନ୍ତୀଗଡ ଠାରେ ଅନୁଷ୍ଠିତ ‘ଐତିହ୍ୟ ଘେରରେ ପ୍ରାଚୀନ ଘୁମୁସର ଗଡ଼’ ଆଲୋଚନା ଚକ୍ର ଓ ଭଜନ ସମାରୋହକୁ ଓଡ଼ିଶାର ଖ୍ୟାତନାମା ସାହିତ୍ୟିକ ତଥା ଗବେଷକ କାମରାଜୁ ସାହାଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରି ପ୍ରାଚୀନ ଘୁମୁସର ଗଡ଼ ତଥା ଘୁମୁସରର ଐତିହ୍ୟ ଉପରେ ଗଭୀର ଭାବେ ଆଲୋକପାତ କରିଥିଲେ। ଉପେନ୍ଦ୍ର ଭଞ୍ଜ ସାହିତ୍ୟ ପରିଷଦ ସଭାପତି ଗୋପାଳ ଚନ୍ଦ୍ର ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଘୁମୁସରର ବିଶିଷ୍ଟ ଗବେଷକ ତଥା ଶିକ୍ଷାବିତ୍ ବିଭୂତି ଭୂଷଣ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ଗୋବରା ବିଶ୍ୱଭାରତୀ ଆବାସିକ ବିଦ୍ୟାଳୟର ସଭାପତି କୁଞ୍ଜବିହାରୀ ନାୟକ, ସାହିତ୍ୟ ଘର ଗୋବରା ସଭାପତି ଅଭିମନ୍ୟୁ ଦଳାଇ, ବିଶିଷ୍ଟ ସମାଜସେବୀ ନିରଞ୍ଜନ ରାଉତ, କର୍ପୁର ସ୍ୱାଇଁ, ବଂଶିଧର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଘୁମୁସରର ଐତିହ୍ୟ ସଂସ୍କୃତି ଉପରେ ରେଖାପାତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଗୋବରା ବିନାୟକ ଟୁଟୋରିୟଲର ଛାତ୍ରୀ ସନ୍ଧ୍ୟା, ନନ୍ଦିନୀ, ଲିକି, ଲିଜା, ନିକିତା, ସ୍ମୃତୀ ପ୍ରମୁଖ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ କବି ଶିଶିର କୁମାର ସ୍ୱାଇ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଷଦର ସାଧାରଣ ସମ୍ପାଦକ ଦିବ୍ୟଲୋଚନ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପଠନ ଓ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଞ୍ଚଳର ବିଶିଷ୍ଟ କଳାକାର ନାରାୟଣ ସ୍ୱାଇଁ, ବିଷ୍ଣୁ କୁମାର ବେହେରା, ରାମେଶ୍ୱର ସାହୁ, ସନ୍ତୋଷ କୁମାର ଦାସ ପ୍ରମୁଖ ସହ ବାସୁଦେବ ମନ୍ଦିର ପୂଜକ ହୃଷୀକେଶ ପାଣିଗ୍ରାହୀ, ବାଳକୃଷ୍ଣ ପଣ୍ଡା ଓ ସାମ୍ବାଦିକ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

ପଞ୍ଚମ ମୁଳିଆ ସ୍ମାରକୀ ଛାତ୍ରବୃତ୍ତି

## ୨୭ ଜଣ ମେଧାବୀ ପାଇଲେ ୨ ଲକ୍ଷ ୧୬ ହଜାର


**ବେଲଗୁଣ୍ଠା(ମହାଭାରତ):** ସୁଦୂର ୟୁ.ଏସ.ଏରେ ରହି ପ୍ରବାସୀ ଓଡ଼ିଆ ତଥା ବେଲଗୁଣ୍ଠା ଗୋପିନାଥ ସାହିର ମୁଳ ବାସିନ୍ଦା ଡଃ ଦାମୋଦର ସାହୁ ନିଜ ମାତୃଭୂମିର ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ କିଛି କରିବା ପାଇଁ ଆରମ୍ଭ କରିଥିଲେ ମୁଳିଆ ସ୍ମାରକ ଛାତ୍ରବୃତ୍ତି। ଗତ ୪ ବର୍ଷ ପୁର୍ବେ ଏହାର ଶୁଭାରମ୍ଭ ହୋଇଥିବା ବେଳେ ପ୍ରଥମ ବର୍ଷ କେବଳ ୩ ଜଣଙ୍କୁ ବୃତ୍ତି ପ୍ରଦାନ କରାଯାଇଥିଲା। କିନ୍ତୁ ଆଜି ଏହା ବ୍ଲକ ସ୍ତରୀୟ ହୋଇ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୨୭ ଜଣ ଛାତ୍ରଛାତ୍ରୀଙ୍କୁ ମୋଟ ୨ ଲକ୍ଷ ୧୬ ହଜାର ବୃତ୍ତି ପ୍ରଦାନ କରାଯାଇଛି। ଜି.ଟି ହାଇସ୍କୁଲର ପୁର୍ବତନ ପ୍ରଧାନଶିକ୍ଷକ ତଥା ମୁଳିଆ ସ୍ମାରକୀ ଛାତ୍ରବୃତ୍ତିର ଅନ୍ୟତମ ଉପଦେଷ୍ଟା ଚନ୍ଦ୍ରଭାନୁ ପାଢୀଙ୍କ ସଂଯୋଜନା ଓ କୋର୍ କମିଟି ସଦସ୍ୟ ତଥା ହାଇକୋର୍ଟ ଆଇନଜୀବି ଓଁ ପ୍ରକାଶ ସାହୁଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିବା ବେଳେ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ବେହେରା ମୁଖ୍ୟ ବକ୍ତା, ବେଲଗୁଣ୍ଠା ପ୍ରେସ୍ କ୍ଲବ୍ ସଭାପତି ପ୍ରଦ୍ୟୁମ୍ନ ପାତ୍ର ଓ ବଡବୋରସିଂ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆଦିତ୍ୟ କୁମାର ବ୍ରହ୍ମା ସମ୍ମାନିତ ଅତିଥି ଓ ମୁଳିଆ ସ୍ମାରକୀ ଛାତ୍ରବୃତ୍ତି କୋର୍ କମିଟି ସଦସ୍ୟ ଭାବେ ପ୍ରେସ୍ କ୍ଲବ ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତି ଓ ଉପ ସଭାପତି



ପ୍ରଭାତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦେଶରେ ରହି ନିଜ ମାତୃଭୂମି ପାଇଁ ଚିନ୍ତା କରିବା ଏବଂ ତାକୁ କାର୍ଯ୍ୟକ୍ଷମ କରିବା ନିଶ୍ଚିତ ଭାବରେ ଅଞ୍ଚଳ ପ୍ରତି ଗର୍ବର ବିଷୟ ବୋଲି କହିବା ସହିତ ଦାମୋଦର ସାହୁ ଘୁମୁସର ଅଞ୍ଚଳ ତଥା ଗଞ୍ଜାମ ଜିଲ୍ଲା ପାଇଁ ଉଦାହରଣ ବୋଲି ଅତିଥି ମାନେ ମତବ୍ୟକ୍ତ କରିବା ସହିତ ଶିକ୍ଷା ହିଁ ସମଗ୍ର ମାନବ ଜାତିକୁ ଉପଯୁକ୍ତ ସଂସ୍କାର ପ୍ରଦାନ କରିବ ବୋଲି ସେମାନେ ଗୁରୁତ୍ୱାରୋପ କରିଥିଲେ। ସ୍ୱପ୍ନ ଦେଖ, ହେଲେ ଏହାକୁ ସତ୍ୟ ରେ ପରିଣତ କରିବା ଓ ନିଜ ଭବିଷ୍ୟତ ଗଠନ କରିବାରେ ଅକ୍ଲାନ୍ତ ପରିଶ୍ରମ କରି ବୋଲି ତହସିଲଦାର ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ ଏଥି ସହିତ ମୋ କର୍ମମୟ ଜୀବନରେ ଏପରି କାର୍ଯ୍ୟକ୍ରମ ବିରଳ ବୋଲି ତହସିଲଦାର ଶ୍ରୀ ପ୍ରଧାନ ମଧ କହିଥିଲେ। ନିଜ କର୍ମମୟ ଜୀବନରେ ବ୍ୟସ୍ତ ରହି ମଧ ନିଜ ପିତା ସ୍ୱର୍ଗତ ମୂଳିଆ ସାହୁଙ୍କ ନାମରେ ଛାତ୍ରବୃତ୍ତି ଆରମ୍ଭ କରି ଗରିବ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ସହାୟତା କରିବା ବିଦ୍ୟାଳୟ ପାଇଁ ଗର୍ବର କଥା ବୋଲି ଆଲୋଚନା ହୋଇଥିଲା। ଡଃ ଦାମୋଦର ସାହୁ ଭିଡିଓ କନଫରେନ୍ସ ଜରିଆରେ ବିଦେଶରୁ ଛାତ୍ରଛାତ୍ରୀ ଓ ଅଭିବାବକ ମାନଙ୍କ ସହିତ ଭାବର ଆଦାନ ପ୍ରଦାନ କରି ନିଜ ଛାତ୍ର ଜୀବନ ଭାବବିହ୍ୱଳ ପୂର୍ଣ୍ଣ ଅନୁଭୂତି ପ୍ରଦାନ କରିଥିଲେ। ଜି.ଟି ହାଇସ୍କୁଲର ପୁରାତନ ଛାତ୍ର ଦାମୋଦର ନିଜ ଛାତ୍ର ଜୀବନରେ ବହୁ ଆର୍ଥିକ ବାଧାବିଘ୍ନର ସମ୍ମୁଖୀନ ହୋଇମଧ ନିଜ ପରିଶ୍ରମ, ଇଚ୍ଛାଶକ୍ତି ଓ ଅଧବସାୟ ଫଳରେ ଆଜି ଆମେରିକାରେ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ ବାର ବର୍ଷ କାର୍ଯ୍ୟ କଲା ପରେ ଡାଟା ସେଫ୍ ଗାର୍ଡ ନାମକ ଏକ କମ୍ପାନୀର ପ୍ରତିଷ୍ଠାତା। ନିଜ ହୃଦୟର ପ୍ରତିଟି ସ୍ପନ୍ଦନରେ ସେ ଓଡ଼ିଆ ବାସ୍ନା ଅନୁଭବ କରୁଥିବା ଦାମୋଦର ନିଜ କମ୍ପାନୀରେ ବିଶେଷ କରି ଓଡିଆ ଯୁବକଯୁବତୀ ମାନଙ୍କୁ ନିଯୁକ୍ତି ଦେବାକୁ ସେ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ। ଏହି ବୃତ୍ତି ଜରିଆରେ ମୁଳିଆ ସ୍ମାରକୀ ତରଫରୁ ବେଲଗୁଣ୍ଠା ବ୍ଲକର ବିଭିନ୍ନ ବିଦ୍ୟାଳୟର ମେଧାବୀ ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସହିତ ୮ ହଜାର ଟଙ୍କା ଲେଖାଏଁ ଉଚ୍ଚଶିକ୍ଷା ପାଇଁ ସହାୟତା ପ୍ରଦାନ୍ କରାଯାଇଥିଲା। ତତ୍ ସହିତ ବ୍ଲକ୍ ର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ଓ ନୋଡାଲ ଜି.ଟି ହାଇସ୍କୁଲର ସମସ୍ତ କର୍ମକର୍ତ୍ତାଙ୍କୁ କୋର୍ କମିଟି ଦ୍ୱାରା ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀ ମାନେ ଓ ସେମାନଙ୍କ ଅଭିବାବକ ବୃନ୍ଦ ଡଃ ସାହୁଙ୍କୁ ଏହି ମହତାକାଂକ୍ଷା ପାଇଁ ସାଧୁବାଦ ଜଣାଇଥିଲେ ଅନ୍ୟମାନଙ୍କ ମଧ୍ୟରେ ଗଣମାଧ୍ୟମ ପ୍ରତିନିଧି ଶିବରାମ ଚୌଧୁରୀ, ତୋଫାନ୍ କୁମାର ସାହୁ, ପ୍ରଦୀପ କୁମାର ଚୌଧୁରୀ, ନାରାୟଣ ପଣ୍ଡା ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ, କର୍ମଚାରୀ ଉପସ୍ଥିତ ରହି ପରିଚାଳନା କରିଥିବା ବେଳେ ମୁଳିଆ ସ୍ମାରକ କୋର୍ କମିଟି ମୁଖ୍ୟ ଉପଦେଷ୍ଟା ଶିକ୍ଷାବିତ୍ ଚନ୍ଦ୍ରଭାନୁ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନସାଧାରଣଙ୍କୁ ଧନ୍ୟବାଦ ଦେଲେ ମନ୍ତ୍ରୀ ଓ ସାଂସଦ

**ଧାମନଗର(ମହାଭାରତ):** ଧାମନଗର ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ସଭା ମାଧ୍ୟମରେ ଧନ୍ୟବାଦ ଦେଲେ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ। ଧାମନଗର ବିଜେପି ପକ୍ଷରୁ ମାନ୍ୟବର ବିଧାୟକ ତଥା ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା,କ୍ରୀଡ଼ା ଓ ଯୁବ ବ୍ୟାପାର,ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ବରିଷ୍ଠ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ସାଂସଦ ଅଭିମନ୍ୟୁ ସେଠୀଙ୍କୁ ଭବ୍ୟ ସ୍ୱାଗତ କରାଯାଥିଲା। ଏହି ଅବସରରେ ଏନ ଏ ସି ଅନ୍ତର୍ଗତ ମେଡ଼ିକାଲ ବଜାର ନିକଟସ୍ଥ ମେଲଣ ପଡିଆ ଠାରେ ଜିଲ୍ଲା ବିଜେପି ଉପସଭାପତି ଅଶୋକ ପୁହାଣଙ୍କ ସଭାପତିତ୍ୱରେ ଜିଲ୍ଲା ସାଧାରଣ ସମ୍ପାଦକ ବରିଷ୍ଠ ନେତା ମନୋରଞ୍ଜନ ମଲ୍ଲିକଙ୍କ ସଂଚାଳନାରେ ଅନୁଷ୍ଠିତ ଧନ୍ୟବାଦ ସଭାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ତାଙ୍କ ବକ୍ତବ୍ୟରେ ପୂର୍ବ ସରକାରଙ୍କୁ ସମାଲୋଚନା କରିବା ସହିତ ଆପଣ ମାନଙ୍କ ଆଶିର୍ବାଦ ପାଇଁ ଆଜି ଓଡ଼ିଶାରେ ବିଜେପି ସରକାର ହୋଇଛି ବୋଲି କହି ନୂଆ ସରକାରଙ୍କ



ଏକ ମାସର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଆପଣ ମାନେ ମୋତେ ଜିତାଇବା ସହିତ ଓଡ଼ିଶାରୁ ୨୦ଜଣ ସାଂସଦଙ୍କୁ ବିଜୟ କରିଥିବାରୁ ଦିଲ୍ଲୀରେ ତୃତୀୟ ଥର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ହୋଇଛି ବୋଲି ସାଂସଦ ତାଙ୍କ ବକ୍ତବ୍ୟରେ କହିଛନ୍ତି।ଏହି ଧନ୍ୟବାଦ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ନଗର ସଭାପତି କୈଳାସ ଚନ୍ଦ୍ର ମହାପାତ୍ର, ଶରତ ଚନ୍ଦ୍ର ମହାନ୍ତି, ନାରାୟଣ ପାତ୍ର ସାହୁ, ରଘୁନାଥ ଲେଙ୍କା, ହରେକୃଷ୍ଣ ପାଢ଼ୀ, ଅଜୟ ବଳ, ଦିପ୍ତିରଞ୍ଜନ ଜେନା, ରଞ୍ଜିତା ସ୍ୱାଇଁ, ରାମଚନ୍ଦ୍ର ମିଶ୍ର, ରାଜେନ୍ଦ୍ର ସାହୁ, ସରୋଜ ମହାପାତ୍ର, ଅରବିନ୍ଦ ପତି, ରଂଜଁିତା ସ୍ୱାଇଁ, ବିଦ୍ୟାଧର ରାଉତ ପ୍ରମୁଖ ମଞ୍ଚାସୀନ ହୋଇ ମାନନୀୟ ମନ୍ତ୍ରୀ ଓ ସାଂସଦଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଏହି ଅବସରରେ ଧୁଷୁରୀ ଏବଂ ନଦୀ ଗାଁ ପଞ୍ଚାୟତ ର ସମିତି ସଭ୍ୟ, ବୟାଙ୍ଗଡିହ ପଞ୍ଚାୟତ କାମଚଳା ସରପଞ୍ଚ, ଭଗବାନପୁର ସରପଞ୍ଚ, ସଂଗଠକ ମାନେ ଅନ୍ୟଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଥିବା ନେତା ଓ କର୍ମୀ ମାନଙ୍କୁ ମାନ୍ୟବର ମନ୍ତ୍ରୀ ଓ ସାଂସଦ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିବା ବେଳେ ବ୍ଲକର ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ମଧ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ଓ ଭାରତମାତାଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ବିଜେପି ନେତା ଚତୁର୍ଭୁଜ ନାୟକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ନଗର ବିଜେପି ଯୁବ ନେତା ବିଜୟ କୁମାର ରାମ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ବ୍ଲକସ୍ତରୀୟ ମାଟ୍ରିକ ମେଧା ସମ୍ବର୍ଦ୍ଧନା ସମାରୋହ

**ବୋଲଗଡ(ମହାଭାରତ):** ସାରିଆ ଭଗବାନ ମହତ୍ୱ ଟ୍ରଷ୍ଟ, ଚିଲିକା ଆନୁକୁଲ୍ୟରେ ବୋଲଗଡ଼ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଟ୍ରଷ୍ଟର ସଭାପତି ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଶିକ୍ଷକ ମନମୋହନ କହଲ ସିଂହଙ୍କ ସଂଯୋଜନାରେ ମାଟ୍ରିକ ମେଧା ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶ୍ରୀ ସ୍ୱାଇଁ ଏବଂ ସମ୍ପାଦକ କୁନା ମହତ୍ୱଙ୍କ ମିଳିତ ଆବାହକତ୍ୱରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ଅଖିଳ ଭାରତୀୟ ଶୈକ୍ଷିକ ମହାସଂଘ, ଓଡିଶାର ସାଙ୍ଗଠନିକ ସମ୍ପାଦକ ଡ. ନିରଞ୍ଜନ ମହାନ୍ତି ମୁଖ୍ୟ ବକ୍ତା, ବୋଲଗଡ଼ ବ୍ଲକ ଅଧକ୍ଷ୍ୟା ହୁଲାସ ପ୍ରଧାନ, ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ,ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତି ସଭ୍ୟା ନିର୍ମଳା ପ୍ରଧାନ,ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପିତବାସ



ଲେଙ୍କା,ପ୍ରାକ୍ତନ ବୋଲଗଡ଼ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ସାଧନ କେନ୍ଦ୍ର ମଣ୍ଡଳ ସଂଯୋଜକ ପଦ୍ମ ଚରଣ ବେହେରା, ଉଭୟ ଚିଲିକା ଓ ବୋଲଗଡ଼ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ସାଧନ କେନ୍ଦ୍ର ମଣ୍ଡଳ ସଂଯୋଜକ ନୀଳାଦ୍ରୀ ଭୂଷଣ ଦାଶ ଏବଂ କୈଳାସ ନାଥ ସ୍ୱାଇଁ ସ୍ୱାଇଁ ଓ ପାଞ୍ଚଗଡ଼ ସୃଜନଶୀଳ ସମିତିର ଉପସଭାପତି ନିରଞ୍ଜନ ନାୟକ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ. ମେଧାବୀ ଛାତ୍ର ଛାତ୍ରୀ ଈଶ୍ୱର, ସେମାନଙ୍କ ପିତାମାତା, ଗୁରୁଜୀ ଗୁରୁମାଆ ଏବଂ ଗୁରୁଜନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବା, ସମୟ , ମୋବଇଲ ଓ ଅର୍ଥର ସଦୁପଯୋଗ କରିବା, କଠିନ ଅଧବସାୟୀ ହେବା, ସମାଜ ସେବା କରିବା,ବଡ ହେଲେ ମଦ୍ୟ ଓ ଧୂମ୍ର ପାନ ନ କରିବା, ଜୁଆ ନ ଖେଳିବା ଏବଂ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦେବା,ଚରିତ୍ରକୁ ନିଷ୍କଳଙ୍କ ରଖିବା ଏବଂ ଜନ୍ମମାଟିକୁ ନ ଭୁଲିବାକୁ ଉପଦେଶ ପ୍ରଦାନ କରିଥିଲେ। ବୋଲଗଡ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନସ୍ଥ ୨୮ଟି ମାଧ୍ୟମିକ ବିଦ୍ୟାଳୟର ବିଦ୍ୟାଳୟ ସ୍ତରରେ ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୨୮ଜଣ ମେଧାବୀ ଛାତ୍ରଛାତ୍ରୀ, ଏହା ବ୍ୟତୀତ ୩ଜଣ ଏ୧ ଗ୍ରେଡ଼ ଧାରୀ, ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନିତ ହୋଇଥିବା ନୟାଗଡ଼ ଜିଲ୍ଲାର ୫ବର୍ଷ ତିନି ମାସର ଶିଶୁ କନ୍ୟା ଆଲିଶା ମହାପାତ୍ରଙ୍କୁ ଅଭିନନ୍ଦନିକା ଓ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା ଉକ୍ତ କର୍ଯ୍ୟକ୍ରମରେ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର କର୍ମଚାରୀ ଓ ବିଦ୍ୟାର୍ଥୀ, ଶିକ୍ଷକ ସାନନ୍ଦ କୁମାର ସାହୁ,ସୁଧାଂଶୁ କୁମାର ଦାଶ, ବିଶ୍ୱଜିତ ସରୋଜ କୁମାର, ଟ୍ରଷ୍ଟର ସଭ୍ୟା ମୀନାବାଇ ପ୍ରଧାନ ଏବଂ ସମାଜସେବୀ ରବୀନ୍ଦ୍ର ସାଥୁଆ ସହଯୋଗ କରିଥିଲେ। ପରିଶେଷରେ ସଂଯୋଜକ ଶ୍ରୀ କହଲସିଂହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସୋଲାର ଜଳ ପ୍ରକଳ୍ପ ଅଚଳ, କୂଅ ଭରସାରେ ଗ୍ରାମବାସୀ

**ବୁଗୁଡା(ମହାଭାରତ):** ବୁଗୁଡା ବ୍ଲକ କରଚୁଲି ପଞ୍ଚାୟତ ଅନ୍ତର୍ଗତ କହ୍ନେଇପୁର ଗାଁରେ ସୋଲାର ଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଥିବାରୁ ସମସ୍ତ ଗ୍ରାମବାସୀ ବାଧ୍ୟ ହୋଇ ଗାଁର ଏକ କୂଅ ଉପରେ ନିର୍ଭର କରିବାକୁ ପଡୁଥିବାର ଜଣାଯାଇଛି। ଚଳିତ ବର୍ଷର ସାଧାରଣ ନିର୍ବାଚନର ବହୁ ପୂର୍ବରୁ ସେହି ସୋଲାର ଜଳ ପ୍ରକଳ୍ପର ମଟରଟି ଖରାପ ହୋଇଯିବାରୁ ଜଳ ଯୋଗାଣ ବ୍ୟାହତ ହୋଇଆସୁଅଛି। ଫଳରେ ଗ୍ରାମବାସୀ ସେହି ଗାଁରେ ଥିବା ଏକ କୂଅକୁ ପରିଷ୍କାର କରି ତାହାର ଜଳକୁ ପିଇବା ସହ ଅନ୍ୟ କାର୍ଯ୍ୟରେ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଏ ନେଇ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଜନପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ ହେଁ ସମସ୍ତେ ଗ୍ରାମବାସୀଙ୍କୁ ଭଣ୍ଡାଇ ଚାଲିଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ସରିଲେ ସେହି ଅଚଳ ସୋଲାର ପ୍ରକଳ୍ପ ବ୍ୟବସ୍ଥାକୁ ସଜାଡି ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ଆଶାବାନ୍ଧି ବସିଥିବା ବେଳେ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଫଳରେ ବର୍ଷା ଦିନରେ କୂପ ଜଳକୁ ବିଶୋଧନ ନକରି ବ୍ୟବହାର କଲେ



ଜଳ ଜନିତ ବିଭିନ୍ନ ରୋଗ ହେବାର ସମ୍ଭାବନା ମଧ ରହିଛି। ତେବେ ସେତେ ଭଲ ଅବସ୍ଥାରେ ନଥିବା ସେହି କୂଅର ଜଳ ଭରସାରେ ରହିଥିବା କହ୍ନେଇପୁର ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଯଥାଶୀଘ୍ର ଅଚଳ ସୋଲାର ଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ବାଲିଆପାଳ(ମହାଭାରତ):** ବସ୍ତା ବ୍ଲକ ଗୁଡ଼ିଖାଳ ସ୍ଥିତ କୁଳିଦା ଜନସେବା କେନ୍ଦ୍ର ପକ୍ଷରୁ ସିଏସସି ଏସପିଭିର ୧୫ତମ ପ୍ରତିଷ୍ଠା ଦିବସ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲ୍ଲା ରକ୍ତଦାତା ସଂଘ ଆନୁକୂଲ୍ୟରେ ରବିବାର ସକାଳ ସମୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରକୁ ମୁଖ୍ୟ ଅତିଥି ଭାବେ ଆସିଥିବା ବାଲେଶ୍ୱରର ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, କୁଳିଦା ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି ଓ କୁଳିଦା ଜନସେବା କେନ୍ଦ୍ରର ଉଦ୍ୟକ୍ତା ତଥା ଶିବିରର ଆୟୋଜକ ଜନ୍ମେଜୟ ପରିଡ଼ା ମିଳିତ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅଥିତି ଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସମାଜସେବୀ ବ୍ରଜମୋହନ ପ୍ରଧାନ ଓ ଗୁଡିଖାଳ ବଜାର କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ରକ୍ତ ଦାନ ଶିବିର ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ସମସ୍ତ ଅତିଥି ମାନଙ୍କ ଦ୍ୱାରା କରାଯାଇଥିଲା ଓ ପ୍ରତ୍ୟେକ ରକ୍ତଦାତାଙ୍କୁ ଗୋଟିଏ ଗୋଟିଏ ଚାରା ବିତରଣ କରାଯାଇଥିଲା। ଏହି ଶିବିରରୁ ମୋଟ ୧୦୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

## ପଞ୍ଚାୟତ କାର୍ଯ୍ୟାଳୟରେ ପାଣି ସମସ୍ୟାର ସମାଧାନ ପାଇଁ ବୈଠକ


**ପଦ୍ମପୁର(ମହାଭାରତ):** ରାୟଗଡା ଜିଲ୍ଲା ପଦ୍ମପୁର ପଞ୍ଚାୟତରେ ଦୀର୍ଘବର୍ଷ ହେଲା ଲାଗିରହିଛି ପାଣି ସମସ୍ୟା। ଏହି ସମସ୍ୟାର ସମାଧାନ ନିମନ୍ତେ ପ୍ରତି ବର୍ଷ ବ୍ଲକ କାର୍ଯ୍ୟାଳୟ ଠାରେ ବୈଠକ ହୋଇଥାଏ। କିନ୍ତୁ ବୈଠକ ଶେଷ ହେବା ପରେ ପୁଣି ଯେଉଁ ସମସ୍ୟାକୁ ସେହି ସମସ୍ୟା। ଆଜି ବ୍ଲକ କାର୍ଯ୍ୟଳୟ ସଭାଗୃହ ପରିସର ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପଦ୍ମପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବପ୍ରସାଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମୂଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ସମ୍ମାନୀୟ ଅତିଥି ଗୁଣପୁର ପୌର ପରିଷଦ ଉପାଧକ୍ଷ ଶିବପ୍ରସାଦ ଗୌଡ, ଗ୍ରାମ୍ୟ ଜଳ ଓ ପରିମଳ ଯୋଗାଣର ଉପ ନିର୍ବାହି ଅଧିକାରୀ ଲୋକନାଥ ଯାଦବ, ବ୍ଲକ ଅଧକ୍ଷା ମଣିମାଳା ଶବର ମଞ୍ଚାସୀନ ଥିଲେ। ଏଥିରେ ଗ୍ରାମର ଅନେକ ବୁଦ୍ଧିଜୀବୀ ମାନେ ଉପସ୍ଥିତ ରହିଥିଲେ। ଏହା ହେଉଛି ବିଧାୟକଙ୍କ ପ୍ରଥମ ବୈଠକ ହୋଇଥିବାରୁ ପଦ୍ମପୁର ଜନସାଧାରଣ ଫୁଲତୋଡା ଦେଇ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ତାହାପରେ ପାଣି ସମସ୍ୟା ଉପରେ ବିଡିଓ ଅବଗତ କରିଥିଲେ। ଏପଟେ ବିଧାୟକ ଶ୍ରୀ ଗମାଙ୍ଗ କହିଲେ ୨୦୧୫ରୁ ସେ ପଦ୍ମପୁରରେ ରହି ଆସୁଛନ୍ତି। ସେ ସମୟରୁ ବି ପାଣି ସମସ୍ୟା ଲାଗି ରହିଛି। ଏବେ ବି ପାଣି ସମସ୍ୟା ଦିନକୁ ଦିନ ଅତି ଗମ୍ଭିର ପରିସ୍ଥିତି ସୃଷ୍ଟି ହେଉଛି। ଏହାର ସମାଧାନ କେବେ କରାଯିବ, ପ୍ରତି ସାହିକୁ ବିଶୁଦ୍ଧ ଜଳ ଯୋଗାଣ କେବେ କରାଯିବ ବୋଲି ଗ୍ରାମ୍ୟ ଜଳଯୋଗାଣ ଅଧିକାରିଙ୍କୁ ପଚାରି ବୁଝିଥିଲେ। ଏହାର ସମାଧାନ ତୁରନ୍ତ କରାଯାଉ ବୋଲି କହିଥିଲେ। ଆଗରୁ ଯେତିକି ପାଣି ପଦ୍ମପୁର ପଞ୍ଚାୟତକୁ ବଂଶଧାରା ନଦୀରୁ ଯେତିକି ଆସୁଥିଲା ତାହା ଏବେ ପର୍ଯ୍ୟାପ୍ତ ପରିମାଣରେ ଆସୁନି। ଏହାଛଡ଼ା ବିଧାୟକ ବ୍ଲକ ସାରା ପାଣି ସମସ୍ୟା ର ରିପୋର୍ଟ ଦିଅନ୍ତୁ, ସରକାରଙ୍କୁ କହି ପାଣି ସମସ୍ୟାର ଅନ୍ତ କରିବା ବୋଲି କହିଥିଲେ। ଅନ୍ୟପଟେ ଗୁଣପୁର ପୌର ପରିଷଦର ଉପାଧକ୍ଷ ଶିବପ୍ରସାଦ ଗୌଡ ଏହାର ସ୍ଥାୟି ସମସ୍ୟାର ସମାଧାନ ନିମନ୍ତେ ଏକ ଡିପିଆର ପ୍ରସ୍ତୁତ କରାଯାଉ । ଗୁଣପୁର ବିଧାୟକଙ୍କ ଦ୍ୱାରା ରାୟଗଡ଼ା ଜିଲ୍ଲାପାଳଙ୍କୁ କହିବା, ଏହାପରେ ପଞ୍ଚାୟତରାଜ ଓ ପାନିୟ ଜଳ ବିଭାଗ ମନ୍ତ୍ରୀ ସଚିବଙ୍କ ସହ ଆଲୋଚନା କରାଯାଇ ନୁତନ ପ୍ରକଳ୍ପ ପାଇଁ ଆଲୋଚନା ହୋଇ ଏହାର ସମାଧାନ କରାଯିବ। ବର୍ତ୍ତମାନ ବିଭିନ୍ନ ସ୍ଥାନରେ ଲିକେଜ ପାଣି ମରାମତି କରାଯାଇ ତୁରନ୍ତ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ବୈଠକରେ ଶ୍ରୀ ଯାଦବ ସ୍ଥାନୀୟ ବୃଦ୍ଧିଜୀବି ମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ସ୍ଥାନିୟ ସରପଞ୍ଚ ପ୍ରକାଶ କୋଣ୍ଡାକରି ବିଦ୍ୟୁତ ବିଲ, ଅସ୍ଥାୟୀ କର୍ମଚାରିଙ୍କ ଦରମା ଉପରେ ମଧ ଉପ ନିର୍ବାହୀଙ୍କୁ ପ୍ରଶ୍ନ କରିଥିଲେ। ପଦ୍ମପୁର ପଞ୍ଚାୟତରେ ବିଦ୍ୟୁତ ବିଲ, ଡ୍ରେନ ସଫାସୁତୁରା ପାଇଁ ଟଙ୍କା ଖର୍ଚ୍ଚ ହୋଇଯାଉଛି। ପଦ୍ମପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୟାମ ସୁନ୍ଦର ପାଣିଗ୍ରାହୀ କହିଲେ ଲୋକମାନେ କହୁଛନ୍ତି ବସୁଧା ଯୋଜନା ତ ସରକାରଙ୍କ ମାଗଣା ଯୋଜନା। ପାଣି ଟଙ୍କା କଣ ପାଇଁ ମାସକୁ ଥରେ ଜମା କରିବୁ ଜନସାଧାରଣ ପ୍ରଶ୍ନ କରୁଛନ୍ତି। ଅସ୍ଥାୟୀ କର୍ମଚାରୀ ମାନଙ୍କୁ ବିଦ୍ୟୁତ ବିଲରୁ ୫ ମାସରେ ଦରମା ଦିଆଯାଉଛି ବୋଲି ଶ୍ରୀ ପାଣିଗ୍ରାହୀ ବୈଠକରେ ଆଲୋଚନା କରିଥିଲେ। ଏପଟେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅଧିକାରୀ ଉପସ୍ଥିତି ରହି ଜଳ ଯନ୍ତ୍ରଣାରୁ ଲୋକେ କିପରି ମୁକ୍ତି ହେବେ ତାହା ପାଇଁ ନୂତନ ବୋର ଖୋଳା ଯାଇଛି। ଅତି ଶୀଘ୍ର ନୂତନ ପାଇପ ମାଧ୍ୟମରେ ସଂଯୋଗ କରାଯିବ ଏବଂ ପାଇପ ମରାମତି କରାଯାଇ ଲୋକଙ୍କୁ ୨୪ ଘଣ୍ଟା ପାଣି ଦିଆଯିବ ବୋଲି କହିଥିଲେ। ସ୍ଥାନୀୟ ବୈଠକରେ ବସିଥିବା ଜନସାଧାରଣ କହିଲେ ପ୍ରତି ସାହିକୁ ପାଣି ପହଞ୍ଚିବା ପୂର୍ବରୁ ସମୟ ନିରୁପଣ ହୋଇଥିଲା ତାହା ଏବେ ବନ୍ଦ ହୋଇଯାଇଛି। ଏହି ବୈଠକରେ ଏମ ପି ପ୍ରତିନିଧି ରାଜିବ ଲୋଚନ ସାହୁ, ସରୋଜ କୁମାର ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା, ପ୍ରକାଶ ପାଣିଗ୍ରାହୀ, ଟୁଟୁ ପାଣିଗ୍ରାହୀ, କୈଳାସ କ୍ରାସ୍କା, ସନ୍ତୋଷ ସାହୁ, ପୂର୍ବତନ ସରପଞ୍ଚ ସୁଦାମ ମିଶ୍ର, ହରେକୃଷ୍ଣ ପାଢ଼ୀ, କେ.ଗୋବିନ୍ଦା ରାଓ, ଜଳ ଓ ପରିମଳ ଯୋଗାଣ ଅଧିକାରୀ ଅଜୟ କୁମାର ମାଝୀ, ପୂର୍ବତନ ବ୍ଲକ ଅଧକ୍ଷ ରମାକାନ୍ତ ମାଝୀ ବିଦ୍ୟୁତ ବିଭାଗ ଅଧିକାରୀ ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ପାନୀୟ ଜଳ ଯୋଗାଣ ଉପରେ ଆଲୋଚନା କରିଥିଲେ। ସେପଟେ ରାଜ୍ୟରେ ମୋହନ ସରକାର ଆଉ ଏପଟେ ଗୁଣପୁର ନିର୍ବାଚନ ମଣ୍ଡଳୀରେ ନୂଆ ବିଧାୟକ। ଏପରି ସ୍ଥଳେ ପଦ୍ମପୁର ସହରର ଲାଗି ରହିଥିବା ପାଣି ସମସ୍ୟାର ସମାଧାନ ନିମନ୍ତେ କଣ ପଦକ୍ଷେପ ନିଆଯାଉଛି।

ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ନୟାଗଡ଼-ଭଞ୍ଜନଗର ରାଜ୍ୟ ରାଜପଥ ରାସ୍ତା ଖାଲଖମାରେ ଭର୍ତ୍ତି

**ନୟାଗଡ଼,(ମହାଭାରତ ) :** ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ନୟାଗଡ଼ରୁ ଓଡ଼ଗାଁକୁ ପାଇପ୍ ବିଛାଗଲା। ଫଳରେ ନୟାଗଡ଼-ଭଞ୍ଜନଗର ରାଜ୍ୟ ରାଜପଥକୁ ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ଖୋଳି ଦେଲା। ରାସ୍ତା ପାର୍ଶ୍ୱ ଉଚ୍ଚା ରହିଥିବାରୁ ବର୍ଷା ପାଣି କେଉଁ ଆଡ଼େ ନିଷ୍କାସିତ ହୋଇପାରୁ ନାହିଁ। ଫଳରେ ଧୀରେ ଧୀରେ ଏହି ରାସ୍ତାଟି ନଷ୍ଟ ହୋଇ ଏବେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ତେଣୁ ବର୍ଷା ଟୋପାଏ ହେଲେ ଏଠାରେ ଚଳପ୍ରଚଳ କରିବା ମୁସ୍କିଲ ହେଉଛି। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଏବେ ଲଗାଣ ବର୍ଷା ଯୋଗୁ ନିକଟରେ ରାସ୍ତା ମରାମତି କରାଯିବାର ସମ୍ଭାବନା ନାହିଁ। ସାମାନ୍ୟ ବର୍ଷାରେ ନୟାଗଡ଼ ସହର ମଧ୍ୟ ଦେଇ ଯାଇଥିବା ନୟାଗଡ଼-ଭଞ୍ଜନଗର ୨୧ ନମ୍ବର ରାଜ୍ୟ ରାଜପଥ ଉବୁଟୁବୁ ହେଉଛି। ନୟାଗଡ଼ ପୌର ପରିଷଦ ଅଧୀନ ୱାର୍ଡ-୧୧ ଅଞ୍ଚଳର ପଣ୍ଡା କ୍ଲିନିକ ନିକଟରେ ଏହି ରାଜପଥର ଅଧିକାଂଶ ସ୍ଥାନରେ ପିଚୁ ଉଠିଯାଇ ଖାଲ ହୋଇଯାଇଛି। ଲଗାଣ ବର୍ଷା ତ ଦୂରରେ ଥାଉ ସାମାନ୍ୟ ବର୍ଷାରେ ଏଠାରେ ପାଣି ଲହଡ଼ି ମାରୁଛି। ଏହି ରାସ୍ତା ଦେଇ ଦୈନିକ



ଟ୍ରାଫିକ୍ ଛକରୁ କୋଏନା ଢାବା ପର୍ଯ୍ୟନ୍ତ ଏହି ରାସ୍ତା ୨ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ କରାଯାଇଥିବା ବେଳେ କୋଏନା ଢାବା ଠାରୁ

ଶହ ଶହ ସଂଖ୍ୟାରେ ଯାନବାହନ ଚଳାଚଳ କରୁଥିବା ବେଳେ ଦୀର୍ଘ ବର୍ଷେ ହେଲା ଏହି ସମସ୍ୟା ଲାଗି ରହିଛି। ଅନେକ ସମୟରେ ଖରାପ ରାସ୍ତା ଯୋଗୁ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏ ନେଇ ୱାର୍ଡ ବାସୀଙ୍କ ପକ୍ଷରୁ ନୟାଗଡ଼ ପୂର୍ତ୍ତ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ଏଠାରୁ ମାତ୍ର ଅଧ କିମି ଦୂରରେ ନୟାଗଡ଼ ସ୍ୱୟଂଶାସିତ କଲେଜ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ରହିଥିବାରୁ ଏହି ବାଟ ଦେଇ ଶହ ଶହ ସଂଖ୍ୟାରେ ଛାତ୍ରଛାତ୍ରୀ ଯିବା ଆସିବା କରୁଛନ୍ତି। ଏଣୁ କୌଣସି ଉପାନ୍ତ ଅଞ୍ଚଳ ପରି ସେମାନଙ୍କୁ ଏହି କାଦୁଅ ରାସ୍ତାରେ କାରବାର କରିବାକୁ ପଡୁଛି। ଗତବର୍ଷ ନୟାଗଡ଼ ଲେଙ୍କୁଡ଼ିପଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଗଲା ନାହିଁ। କେଉଁ କାରଣରୁ ଏହି ରାସ୍ତା ନିର୍ମାଣ କରାଗଲା ନାହିଁ, ତାହା ମଧ୍ୟ କେହି ଜାଣନ୍ତି ନାହିଁ। ତେଣୁ ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ୱାର୍ଡବାସୀ ଦାବି କରିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ କିଶୋର ଶତପଥୀ କହନ୍ତି ଯେ, ରାସ୍ତା ଭଲ ଥିଲା। ମାତ୍ର ଏହି ପାଇପ୍‌ଲାଇନ୍ ବିଛାଇବା ଯୋଗୁ ରାସ୍ତା ପାର୍ଶ୍ୱକୁ ଖୋଳି ଦେବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ତଥାପି ରାସ୍ତା ମରାମତି ପାଇଁ ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ପାଗ ଟିକିଏ ଶୁଖିଲା ହେଲେ ଏହାକୁ ମରାମତି କରି ଦିଆଯିବ।

# ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ରଥଯାତ୍ରା ସମ୍ପନ୍ନ

**ଗୋଲାମୁଣ୍ଡା,(ମହାଭାରତ) :** ସୋମବାର ଆଷାଢ଼ ମାସ ଶୁକ୍ଳ ପକ୍ଷ ଦଶମୀ ଦିନ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଗୋଲାମୁଣ୍ଡା ଠାରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବାହୁଡ଼ା ରଥ ଯାତ୍ରା ପାଳନ କରାଯାଇଛି। ଭବ୍ୟ ସୁନ୍ଦର ତିନୋଟି ରଥ ଗୋଲାମୁଣ୍ଡା ମାଉସୀ ମନ୍ଦିର ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଟଣା ଯାଇଥିଲା । ଛେରାପହଁରା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାତା ଶ୍ରୀ ଯୁକ୍ତ ଚତୁର୍ଭୁଜ ନାଏକ ଓ ତାଙ୍କ ଧର୍ମ ପତ୍ନୀ ସୀମା ନାଏକ ଦେଇଥିଲେ । ରଥ ଯାତ୍ରା ବିଶ୍ୱ ପ୍ରସିଦ୍ଧ । ଏହା ଓଡ଼ିଶା ବ୍ୟତୀତ ସାରା ଭାରତ ଓ ପୃଥିବୀର ଅଧିକାଂଶ ଦେଶରେ ଏହି ପର୍ବ ପାଳନ କରାଯାଏ। ଇତି ମଧ୍ୟରେ କିଛି ବର୍ଷ ହେବ ଗୋଲାମୁଣ୍ଡା ସହର ରଥ ଯାତ୍ରା ପାଇଁ ଅଞ୍ଚଳରେ ସୁନାମ ଓ ପ୍ରସିଦ୍ଧି ଲାଭ କରିଛି । କଳାହାଣ୍ଡି ଜିଲ୍ଲା ଓ ଆଖ ପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଏଠାକୁ ଆସନ୍ତି । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଗୁଣ୍ଡିଚା ରଥଯାତ୍ରା ଭଳି ବାହୁଡ଼ା ରଥ ଯାତ୍ରା ରେ ମଧ୍ୟ ଭଗବାନଙ୍କ ଦର୍ଶନ ପାଇଁ ପ୍ରବଳରୁ ପ୍ରବଳ ଜନସମାଗମ ଓ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି । ଜନ ସମୁଦ୍ର ହୋଇ ଉଠିଛି ଗୋଲାମୁଣ୍ଡା ସହର । ଗୋଲାମୁଣ୍ଡା ଠାରେ ସାତ ଦିନ ଭାଗବତ ପରାୟଣ ଓ ପ୍ରତିଦିନ ଭୋଗ ବ୍ୟବସ୍ଥା କରାଯାଇଥିଲା । ଘଣ୍ଟା ,ମୃଦଙ୍ଗ ,ଘଣ୍ଟ,କାହାଳୀ, ଶଙ୍ଖ କୀର୍ତ୍ତନ ବଜେଇ ହରିବୋଲ ଓ ହୁଳହୁଳୀ ଶବ୍ଦରେ ଉଛୁଳି ଉଠିଛି ଗୋଲାମୁଣ୍ଡା ସହର । ଭକ୍ତି ଓ ଭାବମୟ ପରିବେଶରେ ଭାସି ପଡ଼ିଥିଲା ଗୋଲାମୁଣ୍ଡା ସହର। ହଜାର ହଜାର ଲୋକ ଦଉଡ଼ି ଧରି ପ୍ରଭୁଙ୍କ ରଥ ଟାଣି ଥିଲେ । ଏଥିରେ ପୂଜକ ଭାବରେ ଜଗନ୍ନାଥ ମନ୍ଦିର ପୂଜକ ଶ୍ରୀମାନ ଶୁକଦେବ ମୁଣ୍ଡ ଥିଲେ । ଉକ୍ତ କାର୍ଯ୍ୟକ୍ରମ ଟି ଗୋଲାମୁଣ୍ଡା ପ୍ରଶାସନ, ପୋଲିସ ବିଭାଗ ,ସୁରକ୍ଷା ବିଭାଗ , ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିତରଣ ବିଭାଗ, ସ୍ୱେଚ୍ଛା ସେବୀ,ଗୋଲାମୁଣ୍ଡା ଜଗନ୍ନାଥ ମନ୍ଦିର କମିଟି ଓ ଗ୍ରାମବାସୀ ମାନଙ୍କ ଆପ୍ରାଣ ଉଦ୍ୟମ ଓ



ସହଯୋଗରେ ସଫଳ ହୋଇଛି । ଏହି ଅବସରରେ ଗୋଲାମୁଣ୍ଡା ତହସିଲଦାର ଚନ୍ଦନ ନାୟକ , ଆଇ. ଆଇ .ସି .ଶ୍ରୀମତୀ ସ୍ୱେତା ପଦ୍ମା ସେଠ୍, ଏ .ଏସ୍. ଆଇ. ରାଜେଶ୍ ପରିଡ଼ା, ବିରଞ୍ଚି ନାରାୟଣ ପଣ୍ଡା ଓ ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲାଙ୍କୁ ଗୋଲାମୁଣ୍ଡା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଚତୁର୍ଭୁଜ ନାଏକ ଓ ତାଙ୍କ ସୁପୁତ୍ର ଶ୍ରୀଯୁକ୍ତ ଧୀରେନ୍ଦ୍ର ନାଏକ ସମ୍ମାନିତ କରିଥିବାବେଳେ ବିଧି ପୂର୍ବକ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଥିଲା।

# ଅରିନ୍ଦମ ରାୟଙ୍କ ନିର୍ବାଚନୀ ସମୀକ୍ଷା ବୈଠକ

**ବଡ଼ଚଣା,(ମହାଭାରତ):** ଟାଙ୍ଗୀ ଚୌଦ୍ୱାର ବ୍ଲକ୍ ମୁଖ୍ୟାଳୟ ତଥା ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀ କୋଟସାହି ପଞ୍ଚାୟତରେ ଆଜି ନିର୍ବାଚନୀ ସମୀକ୍ଷା ବୈଠକ କରିଛନ୍ତି ଟାଙ୍ଗୀ ସାଲେପୁର ବିଜେପି ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ । ସ୍ଥାନୀୟ କୋଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ କୋଟସାହି ପଞ୍ଚାୟତ ବିଜେପି ସଭାପତି ସମରେନ୍ଦ୍ର ଷଡଙ୍ଗୀଙ୍କ ସଭାପତିତ୍ୱରେ



ଏହି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କୋଟସାହି ପଞ୍ଚାୟତ ସମେତ କହ୍ନେଇପୁର ଓ ଉଚ୍ଚପଦା ର ବିଜେପି ନେତା ଓ କର୍ମୀ ଉପସ୍ଥିତ ଥିବା ବେଳେ କେଉଁ ୱାର୍ଡ ରୁ କେତେ ଭୋଟ୍ ମିଳିଥିଲା ତାହାର ସମୀକ୍ଷା ହୋଇଥିଲା। ମଣ୍ଡଳ ସଭାପତି ଚୌଧୁରୀ ପ୍ରସନ୍ନ ସାହୁ, ସରପଞ୍ଚ ସୁମନ ପ୍ରଭା ସାହୁ, ଉଚ୍ଚପଦା ପଞ୍ଚାୟତ ସଭାପତି ଚକ୍ରଧର ମଲ୍ଲିକ, ସମାଜସେବୀ ବିଚିତ୍ରା ନନ୍ଦ ସ୍ୱାଇଁ, ଜିଲ୍ଲା ଉପ ସଭାପତି ରୋହିତ ମହାନ୍ତି, ବରିଷ୍ଠ ସଂଗଠକ ନିହାର ରଞ୍ଜନ ମଲ୍ଲିକ ପ୍ରମୁଖ ବୈଠକରେ ମଞ୍ଚାସିନ ଥିଲେ। କୋଟସାହି ପଞ୍ଚାୟତ ର ପୂର୍ବତନ ସଭାପତି ଦୁର୍ଗା ମାଧବ ସାହୁ ବୈଠକ ସଂଯୋଜନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଚିନ୍ମୟ ଷଡଙ୍ଗୀ, ସତ୍ୟବ୍ରତ ସାହୁ, ରାଜ କିଶୋର ନାୟକ, ଅମରେଶ ସାହୁ, ସତ୍ୟମ ସାହୁ, ଦୀପ୍ତିକାନ୍ତ ସ୍ୱାଇଁ, ସମୀର ଖିଲାର ପ୍ରମୁଖ ବୈଠକ ରେ ଉପସ୍ଥିତ ଥିଲେ। କର୍ମୀ ମାନେ ନିଜ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା କୁ ବିଜେପି ନେତା ଅରିନ୍ଦମଙ୍କ ଆଗରେ ଉପସ୍ଥାପନା କରିଥିବା ବେଳେ ଏହାକୁ ଖୁବଶୀଘ୍ର ପ୍ରଶାସନିକ ସହଯୋଗ ରେ ସମାଧାନ କରାଯିବ ବୋଲି ଅରିନ୍ଦମ ରାୟ ପ୍ରତିଶୃତି ଦେଇଥିଲେ।

# ନାଲକୋ ଷ୍ଟୋନ୍ସରଡ଼ଙ୍କ ଦ୍ୱାରା ନୂତନ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଅନୁଗୋଳ,(ମହାଭାରତ):** ଅନୁଗୋଳ ଜିଲ୍ଲା ସମ୍ବର୍ଦ୍ଧନା ରେ ଥିବା ବିଭିନ୍ନ ସଂଗଠନ ମାନଙ୍କ ଭଳି ଠିକା ଶ୍ରମିକ ମାନଙ୍କୁ ନେଇ ନାଲକୋରେ ଏକ ସ୍ୱତନ୍ତ୍ର ଶ୍ରମିକ ସଂଗଠନ ଭାବରେ ଥିବା ନାଲକୋ ଷ୍ଟୋନ୍ସରଡ଼ ଏଲ.ଏ.ପି./ ଆଇ.ଟି.ଆଇ.(୧୯୮)ନିଜର କାର୍ଯକ୍ରମ ଗୁଡ଼ିକ ବଜାଇ ରଖିଛନ୍ତି , ଠିକା ଶ୍ରମିକ ମାନଙ୍କୁ ସେମାନଙ୍କର ହକ୍ ଦେବାକୁ ସର୍ବଦା ଚେଷ୍ଟା କରୁଥିବା ଏବଂ ନିଶ୍ଚିତ ଦିନେ ସେମାନେ ସ୍ଥାୟୀ କର୍ମଚାରୀ ହେବାର ଲକ୍ଷ ନେଇ ଆନ୍ଦୋଳନ କରି ଆସୁଛନ୍ତି । ସେହି ଶ୍ରମିକ ସଂଗଠନ ପକ୍ଷରୁ ଆଜି ନାଲକୋ ସ୍ଥିତ ଏ.ଏମ.ଏସ କାର୍ଯ୍ୟାଳୟ ଠାରେ ଅନୁଗୋଳ ଜିଲ୍ଲାରେ ନବ ନିର୍ବାଚିତ ହୋଇଥିବା ବିଧାୟକ ଅନୁଗୋଳ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଶ୍ରୀଯୁକ୍ତ ଅଗସ୍ତି ବେହେରା ଙ୍କୁ ସମ୍ବର୍ଦ୍ଧନା ପାଇଁ ଏକ ସଭାର ଆୟୋଜନ କରିଥିଲେ ।ନାଲକୋ ଷ୍ଟୋନ୍ସରଡ଼ ଏଲ.ଏ.ପି./ ଆଇ.ଟି.ଆଇ.(୧୯୮) ର ସଭାପତି ଦିବ୍ୟ ରଞ୍ଜନ ଦାସ ଙ୍କ ସଭାପତିତ୍ୱ ରେ ସମ୍ପାଦକ ଶଶାଙ୍କ ଶେଖର ସାମଲ ଅତିଥି ମାନଙ୍କ ପରିଚୟ




ପ୍ରଦାନ କରିବା ସହିତ ମଞ୍ଚ କୁ ପରିଚାଳନା କରିଥିଲେ , ମୂଖ୍ୟ ଅତିଥି ଭାବେ ବିଧାୟକ ଅନୁଗୋଳ ଓ ବିଧାୟକ ଛେଦିପଦା ଉପସ୍ଥିତି ଥିବା ବେଳେ ଅନ୍ୟ ସମ୍ମାନୀତ ଅତିଥି ମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଭାପତି ଦିଲ୍ଲୀପ ପ୍ରଧାନ ,ବିଜେପି ଜିଲ୍ଲା ଉପ ସଭାପତି ଅମୀୟ କୁମାର ତ୍ରିପାଠୀ , ଭାରତୀୟ ମଜଦୁର ସଂଘ ର ଜିଲ୍ଲା ସଭାପତି ପ୍ରଶାନ୍ତ ସାହୁ , ଆଲୁମିନିୟମ ମଜଦୁର ସଂଘ ର ସଭାପତି ମୁନା ସାମଲ ଉପସ୍ଥିତ ଥିଲେ । ନାଲକୋ ଷ୍ଟୋନ୍ସରଡ଼ ଏଲ.ଏ.ପି./ ଆଇ.ଟି.ଆଇ.(୧୯୮)ଦୀର୍ଘ ୨୬ ବର୍ଷ ହେବ ସ୍ଥାୟୀ ନିଯୁକ୍ତି ପାଇଁ ଏହି ଶ୍ରମିକ ସଂଗଠନ ମାଧ୍ୟମରେ ଆନ୍ଦୋଳନ କରି ଆସୁଛନ୍ତି । ନାଲକୋ ବିଭିନ୍ନ ସମୟରେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରୁନଥିବା ବେଳେ ପୂର୍ବ ସରକାର ଙ୍କ ପ୍ରତିନିଧି ମାନେ ମଧ୍ୟ ଏହାକୁ ଗୁରୁତ୍ୱ ସହ ନେଇ ସେମିତି କିଛି କାର୍ଯ୍ୟ କରିନଥିବା ସଭାପତି କ୍ଷୋଭ ର ସହିତ କହିଛନ୍ତି । ସେହିପରି ନାଲକୋ କାରଖାନା ରେ ସ୍ଥାୟୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ, ୪୦ ବର୍ଷ ବୟସ ସୀମା ନିର୍ଦ୍ଧାରଣ କରାଯାଇଥିବାରୁ ଏଥିରେ ଉପକୃତ ଙ୍କ ସଂଖ୍ୟା କମ୍ ହେଉଥିବାରୁ ସଂଘ ତରଫରୁ ଏହାକୁ ତୀବ୍ର ବିରୋଧ କରାଯାଉଛି।

# ବାଇକ ଧକ୍କାରେ ସାଇକେଲ ଆରୋହି ଆହତ

**ପାଟଣା,(ମହାଭାରତ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଜଳ ଯୋଗାଣ କାର୍ଯ୍ୟାଳୟ ନିକଟରେ ଜଣେ ସାଇକେଲ ଆରୋହିକୁ ବାଇକ ଧକ୍କା ରେ ସାଇକେଲ ଆରୋହି ସାମାନ୍ୟ ଆହତ ହେବା ସହ ବାଇକ ଚାଳକ ଗୁରୁତର ହୋଇଛି । ଘଟଣା ସ୍ଥଳରୁ ସ୍ଥାନୀୟ ଲୋକେ ଗୁରୁତର ବାଇକ ଚାଳକକୁ ଗୁରୁତର ଅବସ୍ଥାରେ ପାଟଣା ତହସିଲ ଗାଡି ଯୋଗେ ପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ଯାଇଥିଲା । ଚିକିତ୍ସିତ ଅବସ୍ଥାରେ ସାଇକେଲ ଆରୋହି ଅବସ୍ଥା ଠିକ ଥିବା ବେଳେ ବାଇକ ଚାଳକଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କେନ୍ଦୁଝର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି। ସାଇକେଲ ଆରହୀ ଜଣକ ପୁଟୁଳିଆ ଗ୍ରାମର ସୋମନାଥ ପାତ୍ର ବୋଲି ଜଣାପଡି ଥିବା ବେଳେ ଅନ୍ୟ ଜଣ ବାଇକ ଚାଳକ ମାଧପୁର ଗ୍ରାମ ର ନରେନ୍ଦ୍ର ମୁଣ୍ଡା ଜଣାପଡିଛି। ସାଇକେଲ ଆରୋହି ସୋମନାଥ ନିଜ ଟେଲର ଦୋକାନ ବନ୍ଦ କରି ଘରକୁ ଫେରୁଥିବା ସମୟ ରେ ନରେନ୍ଦ୍ର ରଥଯାତ୍ରା ଦେଖି ଫେରୁ ଥିବା ବେଳେ ଘଟଣା ଟି ଘଟିଥିବା ଜଣାପଡିଛି ।



# ଅଟୋ ଓଲଟି ଚାଳକଙ୍କ ମୃତ୍ୟୁ

**ବେଗୁନିଆ,(ମହାଭାରତ):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ-ସାରୁଅ ମଝିରେ ଥିବା ଲୁହା ଶଙ୍ଖ ନିକଟରେ ଆଜି ଏକ ଦୁର୍ଘଟଣାରେ ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ ଦୁଇ ଜଣ ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଆଜି ସକାଳ ପ୍ରାୟ ୮ଟାରେ ୫ ଜଣ ଯାତ୍ରୀଙ୍କୁ ନେଇ ଏକ ଅଟୋ ଖୋର୍ଦ୍ଧା ପଟରୁ ଆସୁଥିବାବେଳେ ବାଘମାରୀ ପାର୍ଶ୍ୱରୁ ଏକ ସ୍କୁଟି ଭାରସ୍ୟାମ ହରାଇ ଅଟୋକୁ ସମ୍ମୁଖରୁ ଧକ୍କା ଦେଇଥିଲା । ଫଳରେ ଅଟୋଟି ଓଲଟି ପଡ଼ିବାରୁ ଏଥିରେ ଅଟୋ ଚାଳକଙ୍କ ସମେତ ଜଣେ ମହିଳା ଯାତ୍ରୀ ଗୁରୁତର ହୋଇଥିଲେ । ଦୁର୍ଘଟଣାରେ ଅଟୋର ସମ୍ମୁଖ ପାର୍ଶ୍ୱ ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପଟେ ବାଘମାରୀ ଆଡ଼କୁ ଆସୁଥିବା ଜଣେ ସାଇକେଲ ଆରୋହୀ ଭାରସ୍ୟାମ ହରାଇ ଅଟୋକୁ ପଛରୁ ଧକ୍କା ଦେଇ ଛିଟିକି ପଡ଼ିବାରୁ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଓ ବାଘମାରୀ ଥାନାକୁ ଖବର ଦେଇଥିଲେ ମଧ୍ୟ ଦୁର୍ଘଟଣାର ଦୀର୍ଘ ସମୟ ପରେ ମଧ୍ୟ ଘଟଣାସ୍ଥଳରେ ପୁଲିସ ପହଞ୍ଚି ପାରି ନଥିବାରୁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା ୧୦୮ ଆମ୍ବଲାନ୍ସ ପହଞ୍ଚିବାରେ ମଧ୍ୟ ବିଳମ୍ବ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ସ୍ଥାନୀୟ ଲୋକେ ରାସ୍ତାରେ ଯାଉଥିବା ଏକ କାରକୁ ଅଟକାଇ ଗୁରୁତରକୁ ମେଡିକାଲ ପଠାଇଥିଲେ । ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତରମାନଙ୍କ ଚିକିତ୍ସା ଚାଲିଥିବା ବେଳେ ଅଟୋ ଚାଳକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକ ପଶାଣିଆ ଗ୍ରାମର ସୁବାସ ଚନ୍ଦ୍ର ପ୍ରଧାନ(୪୫)। ପରିବାର ଲୋକେ ଖବର ପାଇ ବାଘମାରୀ ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୁଲିସ ମାମଲା ରୁଜୁ କରିଛି। ବାଘମାରୀ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ଗାଡିକୁ ପୁଲିସ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

# ଜମି ବିବାଦକୁ ନେଇ ଦେଶୀ ବନ୍ଧୁକରୁ ଫାଙ୍କା ଗୁଳି ଚାଳନା



**ବାଲିଗୁଡ଼ା,(ମହାଭାରତ):** ଜମିଜମା ବିବାଦକୁ ନେଇ ଉତ୍ତେଜନା ଗୋଟିଏ ଦେଶୀ ବନ୍ଧୁକ ସହିତ ଜଣକୁ ଗିରଫ କଲା ବାଲିଗୁଡ଼ା ପୋଲିସ । ଜମିଜମା କୁ କେନ୍ଦ୍ର କରି ଦେଶୀ ବନ୍ଧୁକରୁ ଗୁଳି ଫୁଟାଇ ଫାଙ୍କା ଗୁଳିଚାଳନା କରି ଭୟଭିତ କରାଇଥିଲେ ଅଭିଯୁକ୍ତ ଲିଞ୍ଜୁରା ମଲିକ। ଏଭଳି ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ଥାନା ଅନ୍ତର୍ଗତ ସୁଡ୍ରା ପଞ୍ଚାୟତ ଟିକେରବାଜୁ ଗାଁରେ । ଦୁଇ ଜଣଙ୍କ ମଧ୍ୟରେ ଜମି ବିବାଦକୁ ନେଇ କଳହ ପରେ ପ୍ରଥମେ ଲିଞ୍ଜୁରା ମଲିକ ଭୀମ ଦିଗାଲଙ୍କ ଟାଙ୍ଗିଆ ସାହାଯ୍ୟରେ ନିର୍ମାଣ ଧିନ ଘରର ପିଲର୍ ଭାଙ୍ଗିବା ସହିତ ମାରିବା ପାଇଁ ଧମକ ଦେଇ ଦେଶୀ ବନ୍ଧୁକ ସାହାଯ୍ୟରେ ଫାଙ୍କା ଗୁଳିଚାଳନା କରିଥିଲା । ଭୀମ ଦିଗାଲ ଅଭିଯୋଗ ପରେ ଲିଂଜୁରା ମଲିକ ଗିରଫ କରି ପଚାରା ଉଚରା କରି କେଶ୍ ନଂ ୧୬୪/୨୪ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରି ଘଟଣାର ଅଧିକ ତଦନ୍ତ କରୁଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ।ଅଭିଯୁକ୍ତଙ୍କ ଠାରୁ ଦେଶୀ ବନ୍ଧୁକ ଜବତ କରିଛି ପୋଲିସ ।

# ଡାଲମିଆ ଭାରତ ଫାଉଣ୍ଡେସନ୍ ପକ୍ଷରୁ ଇଲେକ୍ଟ୍ରିକାଲ ଟୁଲ୍ କିଟ୍ ବଣ୍ଟନ

**ଭୁବନେଶ୍ୱର,(ମହାଭାରତ):** ବିଶ୍ୱ ଯୁବ କୌଶଳ ଦିବସ (ୱାର୍ଲଡ ୟୁଥ୍ ସ୍କିଲ ଡେ)ରେ ଭାରତର ଅଗ୍ରଣୀ ସିମେଣ୍ଟ ଉତ୍ପାଦନକାରୀ କମ୍ପାନୀ ଡାଲମିଆ ଭାରତ ଲିମିଟେଡ (ଡିବିଏଲ୍)ର ସାମାଜିକ ଦାୟିତ୍ୱ ନିର୍ବାହ (ସିଏସ୍ଆର) ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ୍) ତାହାର ରାଜଗାଙ୍ଗପୁରସ୍ଥିତ ଦୀକ୍ଷା (ଡାଲମିଆ ଇନଷ୍ଟିଚ୍ୟୁଟ ଅଫ ନଲେଜ ଆଣ୍ଡ ସ୍କିଲ ହାରନେସିଂ) ସେଣ୍ଟରରେ ଶିକ୍ଷାନବୀଶମାନଙ୍କୁ ବୈଦ୍ୟୁତିକ ଟୁଲ୍ କିଟ୍ ବଣ୍ଟନ କରିଛି । ସ୍ନାଇଡର ଇଲେକ୍ଟ୍ରିକ ଇଣ୍ଡିଆ ଫାଉଣ୍ଡେସନ୍‌ର ସଦୟ ସମର୍ଥନରେ ଡିବିଏଫ୍ ତାହାର ଇଲେକ୍ଟ୍ରିକାଲ ଆସିଷ୍ଟାଣ୍ଟ ପାଠ୍ୟକ୍ରମର ଆତ୍ମନିଯୁକ୍ତ ଶିକ୍ଷାନବୀଶଙ୍କୁ ଇଲେକ୍ଟ୍ରିକାଲ କ୍ଷେତ୍ରରେ ସେମାନଙ୍କର କ୍ୟାରିୟର ଆଗେଇନେବା ଦିଗରେ ସମର୍ଥ କରିବାକୁ ୨୫ଟି ବୈଦ୍ୟୁତିକ ଟୁଲ୍ କିଟ୍ ବଣ୍ଟନ କରିଥିଲା । ଭାରତର ଦ୍ରୁତ ସହରୀକରଣ ଏବଂ ସ୍ମାର୍ଟ ହୋମ୍ ଭଳି ପ୍ରଯୁକ୍ତିଗତ ବିକାଶ ସହିତ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍‌ଙ୍କର ବର୍ଦ୍ଧିତ ଚାହିଦା ଏହି କ୍ଷେତ୍ରରେ ନିଯୁକ୍ତି ଏବଂ ଔଦ୍ୟୋଗିକତା ନିମନ୍ତେ ଏକ ଉଲ୍ଲେଖନୀୟ ସୁଯୋଗ ସୃଷ୍ଟି କରୁଛି । ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅତିଥିମାନଙ୍କ ଉପସ୍ଥିତିରେ ୟୁନିଟ ଅଧିକାରୀମାନେ ଏହି ଟୁଲ୍ କିଟ୍‌ଗୁଡିକ ପ୍ରଦାନ କରିଥିଲେ ।

ଏହି ପ୍ରୟାସ ସମ୍ପର୍କରେ ମତ ଦେଇ ଶ୍ରୀ ଅଶୋକ କୁମାର ଗୁପ୍ତା, ସିଇଓ, ଡାଲମିଆ ଭାରତ ଫାଉଣ୍ଡେସନ କହିଥିଲେ, “ଡାଲମିଆ ଭାରତରେ ଆମେ କୁଶଳତାର ବିକାଶ ଜରିଆରେ ଆମ ଯୁବବର୍ଗଙ୍କର ପରିପୋଷଣ ନିମନ୍ତେ ପ୍ରତିବଦ୍ଧ ରହିଛୁ, ସେମାନଙ୍କୁ ସ୍ୱାବଲମ୍ବୀ ହେବା ଯାତ୍ରାରେ ସମର୍ଥ କରାଉଛୁ । ଏହି କିଟ୍‌ଗୁଡିକ କେବଳ ଟୁଲ୍ ଠାରୁ ଯଥେଷ୍ଟ ଅଧିକ, ସେଗୁଡିକ ଏହି ଆଶାର ପ୍ରତିନିଧିତ୍ୱ କରୁଛି ଯେ ଏହି ଟୁଲ୍‌କିଟ୍‌ଗୁଡିକ ଶିକ୍ଷାନବୀଶଙ୍କୁ ଆତ୍ମନିଯୁକ୍ତି ଏବଂ ଏକ ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ସେମାନଙ୍କୁ ପ୍ରବର୍ତ୍ତାଇବ । ଏହି ପ୍ରୟାସ ଏକ ସୁସଂହତ ଗୋଷ୍ଠୀ ନିର୍ମାଣ ଏବଂ ସମଗ୍ର ଭାରତରେ ଦୀର୍ଘସ୍ଥାୟୀ ଅଭିବୃଦ୍ଧିକୁ ଆଗେଇନେବା ଦିଗରେ ଆମର ପ୍ରଚଳିତ ଉଦ୍ୟମରେ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଛି । ଆମେ ସ୍ନାଇଡର ଇଲେକ୍ଟ୍ରିକ ଇଣ୍ଡିଆ ଫାଉଣ୍ଡେସନକୁ ତାଙ୍କର ମହତ ଅବଦାନ ନିମନ୍ତେ ଆମର ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ ।”

ଦୀକ୍ଷା ଭାରତର ଗ୍ରାମାଞ୍ଚଳ ଜନସାଧାରଣଙ୍କ ମଧ୍ୟରେ ବଞ୍ଚିତ ଯୁବବର୍ଗଙ୍କ ପାଇଁ କୁଶଳତା ବିକାଶ ଓ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନକୁ ସମର୍ଥ କରାଇବାକୁ ପ୍ରତିବଦ୍ଧ ରହିଛି । ଏହା ସମ୍ପ୍ରତି ଭାରତରେ ୨୦ଟି କେନ୍ଦ୍ର ପରିଚାଳନା କରୁଛି ଏବଂ ସ୍ୱାସ୍ଥ୍ୟୟନ୍, ଇଣ୍ଡଷ୍ଟ୍ରିଆଲ ସିଂୱିଂ ମେସିନ ଅପରେଟର, ଆସିଷ୍ଟାଣ୍ଟ ଇଲେକ୍ ?ଟ୍ରିସିଆନ, କଷ୍ଟମର ରିଲେସନ୍‌ସିପ ମ୍ୟାନେଜମେଣ୍ଟ, ଡାଟା ଏଣ୍ଟ୍ରି ଅପରେଟର, ସୋଲାର ପିଭି ଇନ୍‌ଷ୍ଟଲର, ବିୟୁଟି ଓ ୱେଲ୍‌ନେସ ଆଦି କ୍ଷେତ୍ରରେ ତାଲିମ ପ୍ରଦାନ କରୁଛି। ଦୀକ୍ଷା କେନ୍ଦ୍ରଗୁଡିକରୁ ୧୬,୦୦୦ରୁ ଅଧିକ ତାଲିମ ନେଉଥିବା ଯୁବବର୍ଗ ଉତ୍ତୀର୍ଣ୍ଣ ହୋଇସାରିଛନ୍ତି, ସେମାନଙ୍କ ମଧ୍ୟରୁ ୭୫% ହୁଏତ ବେତନଭୋଗୀ ନିଯୁକ୍ତି ଅଥବା ଆତ୍ମନିଯୁକ୍ତି ପାଇସାରିଛନ୍ତି । ଏଥିସହିତ ଶିକ୍ଷାର୍ଥୀଙ୍କ ମଧ୍ୟରୁ ୫୦%ରୁ ଅଧିକ ହେଉଛନ୍ତି ମହିଳା, ଯାହା ମହିଳା-କୈନ୍ଦ୍ରିକ ପ୍ରୟାସସମୂହ ଏବଂ ସେମାନଙ୍କୁ ସଶକ୍ତୀକରଣ ଦିଗରେ ଏକ ମଜଭୁତ ଦୃଷ୍ଟିକୋଣକୁ ପ୍ରତିପାଦିତ କରୁଛି । ରାଜଗାଙ୍ଗପୁରସ୍ଥିତ ଦୀକ୍ଷା କେନ୍ଦ୍ର ୧୧୪୫ରୁ ଅଧିକ ଛାତ୍ର ଛାତ୍ରୀଙ୍କୁ ଏପର୍ଯ୍ୟନ୍ତ ସଫଳତାର ସହିତ ତାଲିମ ପ୍ରଦାନ କରିସାରିଛି, ଯେଉଁମାନେ ପ୍ରତ୍ୟେକ ମାସିକ ହାରାହାରି ୧୦ ହଜାର ଟଙ୍କାରୁ ନେଇ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଉପାର୍ଜନ କରୁଛନ୍ତି ।

# ଶିକ୍ଷକ ଓ କର୍ମଚାରୀ ସଂଘର କର୍ମୀ ସମ୍ମିଳନୀ ଅନୁଷ୍ଠିତ

**ରାଜଗାଙ୍ଗପୁର,(ମହାଭାରତ) :** ନିଖିଳ ଓଡ଼ିଶା ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ (୪୮୮ ବର୍ଗ) ଶିକ୍ଷକ ଓ କର୍ମଚାରୀ ସଂଘ ସୁନ୍ଦରଗଡ ଶାଖାର ଏକ ବୈଠକ ସରବତୀ ଦେବୀ ମହିଳା ମହାବିଦ୍ୟାଳୟ, ରାଜଗାଙ୍ଗପୁର ରେ ଅନୁଷ୍ଠିତ ହୋଇଯାଇଛି । ସଂଘ ର ଜିଲ୍ଲା ସଭାପତି ସରୋଜ ମିଶ୍ର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉକ୍ତ ବୈଠକରେ ୬୦ ରୁ ଉର୍ଦ୍ଧ କର୍ମକର୍ତ୍ତା ଯୋଗ ଦେଇ ଥିବା ବେଳେ ସଂଘ ର ରାଜ୍ୟ ସଭାପତି ମାନସ ପୁରୋହିତ, ଉପସଭାପତି ସଂଜିତ ଭୂୟାଁ, ଡ଼. ସୁବିଜ୍ଞ ଗଡତ୍ୟା, ସାଙ୍ଗଠନିକ ସମ୍ପାଦକ ଜ୍ଞାନ ରଂଜନ ମିଶ୍ର ଯୋଗ ଦେଇଥିଲେ । ଏହି ବୈଠକ ରେ ସଂଘ ର ଆଗାମୀ କାର୍ଯପନ୍ଥା ବିଷୟରେ ବିଶଦ ଆଲୋଚନା ହୋଇଥିଲା । ରାଜ୍ୟ ସରକାର ଯଥାଶୀଘ୍ର ସଂଘ ର ପ୍ରମୁଖ ଦାବି ଯଥା , ଚାକିରି ସର୍ତ୍ତାବଳୀ ଓ ପେନସନ କୁ ଲାଗୁ କରିବାପାଇଁ, ସମସ୍ତେ ଦୃଢ ମତ ପୋଷଣ କରିଥିଲେ । ୪୮୮ବର୍ଗ ର ଏକ ମାତ୍ର ପଞ୍ଜୀକୃତ ସଂଘ ଭାବରେ ସରକାରଙ୍କ ବିଭିନ୍ନ ଶିକ୍ଷକ ସମସ୍ୟା ସମ୍ବନ୍ଧୀୟ ଆଲୋଚନା ସମୟରେ ଏହି ସଂଘକୁ ପକ୍ଷଭୁକ୍ତ କରିବାପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା । ତା ୦୧-୦୧-୨୦୧୮ରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବ୍ଲକ ଗ୍ରାଣ୍ଟ ଉଚ୍ଛେଦ କରି ପୂର୍ଣ୍ଣ ଅନୁଦାନ ଘୋଷଣା କରିଥିବା ବେଳେ , ବ୍ଲକ ଗ୍ରାଣ୍ଟ ଓ ପୂର୍ଣ୍ଣ ଅନୁଦାନ ମଧ୍ୟରେ ଥିବା ଏକମାତ୍ର ପାର୍ଥକ୍ୟ ଚାକିରି ସର୍ତ୍ତାବଳୀ କୁ ଏପର୍ଯନ୍ତ ଲାଗୁ କରା ହୋଇ ନ ଥିବାରୁ ସଭାପତି ଶ୍ରୀ ପୁରୋହିତ ଗଭୀର ଉଦବେଗ ପ୍ରକାଶ କରିଥିଲେ । ବିଭିନ୍ନ ସମୟରେ ଶିକ୍ଷକ କର୍ମଚାରୀ ଙ୍କ ନ୍ୟାର୍ଯ୍ୟ ଦାବୀ ସପକ୍ଷରେ ଉଚ୍ଚ ନ୍ୟାୟାଳୟ ରାୟ ପ୍ରଦାନ କରିଥିଲେ ସୁଦ୍ଧା ପୂର୍ବତନ ସରକାର ତାର ଅନୁପାଳନ ନ କରି ରାୟ ବିରୁଦ୍ଧରେ ଉଚ୍ଚତମ ନ୍ୟାୟାଳୟ କୁ ଯିବା ସହିତ ଟାଳଟୁଳ ନୀତି ଅବଲମ୍ବନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନୂତନ ରାଜ୍ୟ ସରକାର ଏହିବର୍ଗ ଶିକ୍ଷକ କର୍ମଚାରୀଙ୍କ ନ୍ୟାର୍ଯ୍ୟ ଦାବୀ ଯଥା ଚାକିରୀ ସର୍ତ୍ତାବଳୀ ଏବଂ ପେନସନକୁ ବ୍ୟବସ୍ଥିତ କରିବା କ୍ଷେତ୍ରରେ ସକାରାତ୍ମକ ପଦକ୍ଷେପ ନେବାପାଇଁ ଶ୍ରୀ ପୁରୋହିତ ଦାବୀ ରଖିବା ସହିତ ଦୃଢ଼ ଆଶା ପୋଷଣ କରିଥିଲେ । ବୈଠକରେ ସର୍ବଶ୍ରୀ ଆଲୋକ ନାୟକ, ହରିପଦ ମାଇତି, ଉଦିତ ପଟେଲ, ଲତା ନାୟକ, ତବସୁମ୍ ବାନୋ,ସନ୍ଧ୍ୟା କୋଲେ, ରଞ୍ଜନ ମହାପାତ୍ର, ପ୍ରଶାନ୍ତ ଚଇନି, ଅଜୟ ଦାସ, ଅକ୍ଷୟ ସାହୁ, ଚନ୍ଦ୍ରକାନ୍ତ ରଥ, ଶ୍ରୀକାନ୍ତ ନାୟକ, ଦେବାଶିଷ ସାହୁ, ସତ୍ୟରଞ୍ଜନ ପଣ୍ଡା, ସରୋଜ ମହାପାତ୍ର ପ୍ରମୁଖ ଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେ । ଏହି ସଭାରେ ସୁନ୍ଦରଗଡ ଜିଲ୍ଲା ସଂଗଠନ ର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏହି ବୈଠକ କୁ ଶ୍ରୀଯୁକ୍ତ ସପନ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ, ଶ୍ରୀମତୀ ପୁଷ୍ପଲତା ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅବ୍ୟବସ୍ଥା ଅଭିଯୋଗ

**ବରୀ,(ମହାଭାରତ):** ବରୀ ଶିକ୍ଷା ମଣ୍ଡଳ ଅଧିନସ୍ଥ ସର୍ବ ପୁରାତନ ଧାରପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆର୍ଥିକ ଅନିୟମିତତା ଓ ପ୍ରଧାନ ଶିକ୍ଷକ ଙ୍କ ଅସହଯୋଗ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହେବା ସହିତ ଉନ୍ନୟନ ମୂଳକ କାର୍ଯ୍ୟ ହେବା କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି ବୋଲି



ଅଭିଯୋଗ ହୋଇଛି। ପ୍ରକାଶ ଥାଉକି ଏହି ଜିଲ୍ଲାରେ ଦୁଇଟି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରହିଥିବା ବେଳେ ଉତମ ଶିକ୍ଷାଦାନ ପରିବେଶର ପାରିପାର୍ଶ୍ୱିକ ଅବସ୍ଥା ଓ ସ୍ଥାନୀୟ ଲୋକଙ୍କ ସହେଯାଗ ଯୋଗୁଁ ଜିଲ୍ଲା କ୍ଷେତ୍ରରେ ଏହି ବିଦ୍ୟାଳୟଟି ସ୍ୱତନ୍ତ୍ର ମାନ୍ୟତା ପାଇଥିଲା। ଅଭିଯୋଗ ମୁତାବକ ଉକ୍ତ ବିଦ୍ୟାଳୟକୁ ସରକାରଙ୍କ ତରଫରୁ ଆସିଥିବା କମ୍ପୋଜିଟ ଗ୍ରାନଟ୍ ୟୁକୋ କ୍ଲବ, ପୋଷାକ ବଂଟନ, ବାର୍ଷିକ କ୍ରୀଡା ଉତ୍ସବ, ମୋ ସ୍କୁଲ ଅଭିଯାନ ଝାଂଶୀରାଣୀ ଲକ୍ଷ୍ମିବାଇ କାର୍ଯ୍ୟକ୍ରମ ଇତ୍ୟାଦି କ୍ଷେତ୍ରରେ ଆସିଥିବା ଅର୍ଥକୁ ପ୍ରଧାନ ଶିକ୍ଷକ ସ୍କୁଲ ପରିଚାଳନା କମିଟି ଓ ମୋ ସ୍କୁଲ ଅଭିଯାନ କମିଟିର ବିନା ସିକୃତିରେ ବେଆଇନ ଭାବେ କମ୍ ଅର୍ଥ ଖର୍ଚ୍ଚ କରି ଅଧିକ ଅର୍ଥ ଖର୍ଚ୍ଚ ହୋଇଥିବା ଦର୍ଶାଇବାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି , ମୋ ସ୍କୁଲ ଅଭିଯାନ କମିଟି ଓ ପୁରାତନ ଛାତ୍ରୀ ମାନେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

# ଟି-୨୦ରେ ପାଣ୍ଡ୍ୟା କ୍ୟାପ୍ଟେନ୍, ଖେଳିବେନି ଦିନିକିଆ ସିରିଜ୍ !

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଜୁଲାଇ ୨୭ରୁ ଆରମ୍ଭ ହେଉଥିବା ଶ୍ରୀଲଙ୍କା ବିପକ୍ଷ ଟି-୨୦ ସିରିଜରେ ଭାରତ କମାଣ ଷ୍ଟାର ଅଲାରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ସମ୍ଭାଳିବେ ବୋଲି ନିଶ୍ଚିତ ହୋଇଛି। କିନ୍ତୁ ଟି-୨୦ ବିଶ୍ୱକପର ହିରୋ ପାଣ୍ଡ୍ୟା ଶ୍ରୀଲଙ୍କା ବିପକ୍ଷ ୩ ଟିକିଆ ଦିନିକିଆ ସିରିଜରେ ନଜର ଆସିବେ ନାହିଁ। ସେ ଅଗଷ୍ଟ ମାସରେ ଖେଳାଯିବାକୁ ଥିବା ଦିନିକିଅ। ସିରିଜ୍‌ରେ ବ୍ୟକ୍ତିଗତ କାରଣ ପାଇଁ ଅନୁପସ୍ଥିତ ରହିବେ ବୋଲି ଜଣାପଡ଼ିଛି।



ବିସିସିଆଇର ଜଣେ ଅଧିକାରୀ କହିଛନ୍ତି, ରୋହିତ ଶର୍ମାଙ୍କ ଅଧୀନରେ ପାଣ୍ଡ୍ୟା ଟି-୨୦ର ଉପ ଅଧିନାୟକ ଥିଲେ। ଏବେ ସେ ପୂରା ଫିଟ ଅଛନ୍ତି ଓ ଶ୍ରୀଲଙ୍କା ବିପକ୍ଷ ୩ ଟିକିଆ ଟି-୨୦ ସିରିଜରେ ମଧ୍ୟ ଉପଲବ୍ଧ ରହିବେ। ସେ ହିଁ ଉକ୍ତ ସିରିଜରେ ଭାରତର ନେତୃତ୍ୱ ନେବେ। ଗତ ମାସରେ ଭାରତ ଟି-୨୦ ବିଶ୍ୱକପ ଜିତିଥିଲା। ଏହାପରେ ଟି-୨୦ ଅନ୍ତର୍ଜାତୀୟରୁ ରୋହିତ ଶର୍ମା ଅବସର ନେଇଥିଲେ । ଏହାପରେ ପାଣ୍ଡ୍ୟା ଭାରତର କମାଣ ଟି-୨୦ରେ ସମ୍ଭାଳିବେ ବୋଲି ଏକ ପ୍ରକାରର ନିଶ୍ଚିତ ହୋଇଥିଲା। ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ୩ ଟିକିଆ ଟି-୨୦ ସିରିଜ୍ ଜୁଲାଇ ୨୭ରୁ ଆରମ୍ଭ ହୋଇ ୩୦ ଯାଏ ଚାଲିବ। ଏହାପରେ ଅଗଷ୍ଟ ୨ରୁ ୭ ମଧ୍ୟରେ ସମାନ ସଂଖ୍ୟକ ଦିନିକିଆ ମ୍ୟାଚ ଅନୁଷ୍ଠିତ ହେବ। ଏହି ସିରିଜ ପାଇଁ ଖୁବଶୀଘ୍ର ଭାରତୀୟ ସ୍କ୍ୱାଡ ଘୋଷଣା ହେବାର ଅଛି। ପାଣ୍ଡ୍ୟା ଅଧିନାୟକ ହେବାକୁ ଯାଉଥିବା ବେଳେ ତାଙ୍କ ଡେପୁଟି କିଏ ହେବେ, ସେକଥା ସ୍ପଷ୍ଟ ହୋଇନି। ନିକଟରେ ଶୁବମନ ଗିଲଙ୍କ କ୍ୟାପ୍ଟେନ୍ସିରେ ଭାରତ ୪-୧ରେ ଜିମ୍ବାବ୍ୱେକୁ ହରାଇଥିଲା।ସେହିପରି ଗତବର୍ଷ ସୂର୍ଯ୍ୟ କୁମାର ଯାଦବ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଭାରତର କମାଣ ସମ୍ଭାଳିଥିଲେ। ତେଣୁ ଏହି ଦୁଇ ଜଣଙ୍କ ମଧ୍ୟରୁ ଜଣେ ପାଣ୍ଡ୍ୟାଙ୍କ ଡେପୁଟି ହୋଇପାରନ୍ତି।

ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜରେ ପାଣ୍ଡ୍ୟା ଅନୁପସ୍ଥିତ ରହିବେ। ରୋହିତ ଶର୍ମା, ବିରାଟ କୋହଲି, ଋଷଭ ପନ୍ତ ଓ ଯଶପ୍ରୀତ ବୁମରାଙ୍କୁ ମଧ୍ୟ ବିଶ୍ରାମ ମିଳିପାରେ। ଏପରି ସ୍ଥିତିରେ କେଏଲ ରାହୁଲ ଦିନିକିଅ।ରେ ଭାରତର କମାଣ ସମ୍ଭାଳି ପାରନ୍ତି ନଚେତ କ୍ୟାପ୍ଟେନ୍ସି ଦାୟିତ୍ୱ ନେବାକୁ ଶୁବମନ ଗିଲ ରହିଛନ୍ତି।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଶୁଭମନ ଗିଲ ଦିନିକିଅ। ଅଧିନାୟକ ଦୌଡ଼ରେ ଅଛନ୍ତି। ନିକଟରେ ଗିଲ ଜିମ୍ବାବ୍ୱେ ଗସ୍ତରେ ଭାରତୀୟ ଟିମ୍‌ର ନେତୃତ୍ୱ ନେଇଥିଲେ। ଟିମ୍ ଇଣ୍ଡିଅ। ୪-୧ରେ ସିରିଜ ଜିତିଥିଲା।ତେଣୁ ଏବେ ତାଙ୍କୁ ଦିନିକିଅ। ଅଧିନାୟକ କରାଯିବ ବୋଲି କୁହାଯାଉଛି। କାରଣ ମ୍ୟାନେଜମେଣ୍ଟର ନଜର ଭବିଷ୍ୟତ ଉପରେ ରହିଛି ସେ ତିନି ଫର୍ମାଟରେ ଖେଳୁଥିବା ଖେଳାଳି। ଏଣୁ ତାଙ୍କୁ ରୋହିତଙ୍କ ବିକଳ୍ପ ଭାବେ ବିଚାର କରାଯାଉଥାଇପାରେ ହେଲେ ବିଧିବଦ୍ଧ ଭାବେ ସେନେଇ କୌଣସି ସୂଚନା ମିଳିନାହିଁ। ଯଦି କେ ଏଲ୍ ରାହୁଲ ଅଧିନାୟକ ନ ହୁଅନ୍ତି ତେବେ ତାଙ୍କ ପାଇଁ ଏହା ଖରାପ ଖବର ସାବ୍ୟସ୍ତ ହେବ ସେ ନିକଟରେ ଟି୨୦ ବିଶ୍ୱକପ୍ ସ୍କ୍ୱାର୍ଡରୁ ବାଦ୍ ମଧ୍ୟ ପଡ଼ିଥିଲେ।

ସେମିତିରେ ବି ଟି୨୦ ଏବଂ ଦିନିକିଅ। ଟିମ୍‌ର ଅଧିନାୟକ କିଏ ହେବ ତାହା ଗୌତମ ଗମ୍ଭୀରଙ୍କ ଉପରେ ନିର୍ଭର କରେ କୋଚ୍ ଭାବେ ଶ୍ରୀଲଙ୍କା ସିରିଜ ତାଙ୍କର ପ୍ରଥମ କାମ ହେବ। ଏଠାରୁ ସେ ଆଗାମୀ ୪ ବର୍ଷର ରୋଡମ୍ୟାପ୍ ପ୍ରସ୍ତୁତ କରିବେ। ତେବେ ସେ ବିରାଟ କୋହଲି, ରୋହିତ ଶର୍ମା ଏବଂ ଜସପ୍ରିତ ବୁମ୍‌ରାଙ୍କୁ ଶ୍ରୀଲଙ୍କା ସ୍କ୍ୱାର୍ଡରେ ସାମିଲ କରିବାକୁ ଚାହାନ୍ତି। ଏଣୁ ଏମାନେ ଘୋଷଣା ହେବାକୁ ଥିବା ନାମରେ ରହିବେ କି ନାହିଁ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

# ହାତକୁ ଦି ହାତ ହେଲେ ଚେତନ ସାକାରିଆ

ନୂଆଦିଲ୍ଲୀ, ୧୬।୭: ଭାରତୀୟ ଦ୍ରୁତ ବୋଲର ଚେତନ ସାକରିଅ। ବିବାହ କରିଛନ୍ତି ଚେତନଙ୍କ ବିବାହ ଫଟୋ ଭାଇରାଲ ହୋଇଛି ଚେତନଙ୍କ ସ୍ତ୍ରୀଙ୍କ ନାମ ମେଘନା ଜାମ୍ବୁଚ।ଚେତନ ଆଇପିଏଲରେ ଚେତନ କୋଲକାତା ନାଇଟ ରାଇଡର୍ସର ଏକ ଅଂଶ ଥିଲେ ସେ ସିଜନରେ ଗୋଟିଏ ବି ମ୍ୟାଚ ଖେଳିବାର ସୁଯୋଗ ପାଇ ନ ଥିଲେ। ଏହାପୂର୍ବରୁ ଚେତନ ୨୦୨୩ ଆଇପିଏଲରେ ମାତ୍ର ଦୁଇଟି ମ୍ୟାଚ ଖେଳିଥିଲେ ।ଏଥିରେ ସେ ୩ ଓ୍ୱିକେଟ ନେଇଥିଲେ।



ସୂଚନାଯୋଗ୍ୟ, ଚେତନ ଭାରତୀୟ କ୍ରିକେଟ ଦଳ ପାଇଁ ଦିନିକିଅ। ଏବଂ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ ମଧ୍ୟ ଖେଳିଛନ୍ତି। ସେ ଏପର୍ଯ୍ୟନ୍ତ ଗୋଟିଏ ଦିନିକିଅ। ଏବଂ ୨ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି।

# ବିସିସିଆଇର ଆବେଦନକୁ ଗ୍ରହଣ କଲା ଏନସିଏଲଟି

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ବାୟଜୁ ବିରୋଧରେ ଆରମ୍ଭ ହେବ ଦେବାଳିଅ। ମାମଲାର ଶୁଣାଣି କମ୍ପାନୀ ବିରୋଧରେ ମାମଲାର ଶୁଣାଣି କରିବାକୁ ନ୍ୟାସନାଲ କମ୍ପାନୀ ଲ 'ଟ୍ରିବ୍ୟୁନାଲ (ଏନସିଏଲଟି)ର ବେଙ୍ଗାଲୁରୁ ବେଞ୍ଚ ବିସିସିଅ।ଇର ଆବେଦନକୁ ସ୍ୱୀକାର କରିଛନ୍ତି। ଏହି ମାମଲା ଭାରତୀୟ କ୍ରିକେଟ୍ ଦଳର ଜର୍ସି ପାଇଁ ବାୟଜୁ ଏବଂ ବିସିସିଅ।ଇ ମଧ୍ୟରେ ସ୍ପନସର୍ସିପ୍ କଣ୍ଟ୍ରାକ୍ଟ ସହିତ ଜଡିତ। କମ୍ପାନୀ ଏପର୍ଯ୍ୟନ୍ତ ବିସିସିଅ।ଇର କଣ୍ଟ୍ରାକ୍ଟ ୧୫୮.୯ କୋଟି ଟଙ୍କା ପରିଶୋଧ କରି ନାହିଁ।

ଏଥିପାଇଁ କ୍ରିକେଟ୍ ବୋର୍ଡ ଗତବର୍ଷ ବାଇଜୁର ମୂଳ କମ୍ପାନୀ ଥିଙ୍କ ଆଣ୍ଡ ଲର୍ଣ୍ଣ ପ୍ରାଇଭେଟ ଲିମିଟେଡ୍ ବିରୋଧରେ ମାମଲା ଆବେଦନ କରିଛି।ମାମଲାର ପରବର୍ତ୍ତି ଶୁଣାଣି ନଭେମ୍ବର ୧୫ ତାରିଖରେ ହେବ।ଅନ୍ୟପଟେ ବାଇଜୁ ବିସିସିଅ।ଇ ସହିତ ଆଲୋଚନା କରି ମାମଲା ରଫାଦଫା କରିବାକୁ ଚେଷ୍ଟା କରିଛି। ଏନେଇ ଆଜି ମାମଲାର ଶୁଣାଣି ହୋଇଥିଲା ଏଥିରେ ଏନସିଏଲଟି ବେଞ୍ଚ କହିଛି ଯେ ବିସିସିଅ।ଇ ଏବଂ ବାଇଜୁ ମଧ୍ୟରେ ଥିବା ଇ-ମେଲ ଟ୍ରେଲରୁ ଏହା ସ୍ପଷ୍ଟ ହୋଇଛି ଯେ ଥିଙ୍କ ଆଣ୍ଡ ଲର୍ଣ୍ଣ ଡିଫଲ୍ଟ କରିଛି ମାମଲାରେ ଖଣ୍ଡପୀଠ ବେଞ୍ଚ ପଙ୍କଜ ଶ୍ରୀବାସ୍ତବଙ୍କୁ ଇଣ୍ଟରିମ ରିଜୋଲ୍ୟୁସନ୍ ପ୍ରଫେସ୍ନାଲ ନିଯୁକ୍ତ କରିଛନ୍ତି। ସେ ନିଯୁକ୍ତି ତାରିଖ ଠାରୁ ୩୦ ଦିନ ମଧ୍ୟରେ ଏକ କ୍ରେଡିଟ୍ କମିଟି ଗଠନ କରିବେ।

ଭାରତୀୟ କ୍ରିକେଟ୍ ଦଳର ଅନେକ ଆନ୍ତର୍ଜାତୀୟ ଗସ୍ତ ଏବଂ ସିରିଜ୍ ପରେ ବିସିସିଆଇ ଦ୍ୱାରା ପଠାଯାଇଥିବା ମୋଟ ୧୨ ଇନଭଏସ୍ (ବିଲ୍) ଉପରେ ଥିଙ୍କ ଆଣ୍ଡ ଲର୍ଣ୍ଣ ଡିଫଲ୍ଟ ୨୧ ଅଗଷ୍ଟ ୨୦୨୨ରେ ପ୍ରଥମ ଥର ପାଇଁ ବିଜୁଙ୍କ ଡିଫଲ୍ଟ କରିଥିଲା ବୋଲି ବିସିସିଆଇ କହିଛି।

## ଗିଲ୍‌ଙ୍କୁ ନେଇ ଭାରତର ପୂର୍ବତନ ମୁଖ୍ୟ ଚୟନକର୍ତ୍ତାଙ୍କ ବଡ଼ ବୟାନ୍

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଜିମ୍ବାୱେ ବିପକ୍ଷରେ ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଶୁଭମନ ଗିଲ୍ ଭାରତୀୟ ଦଳର କ୍ୟାପ୍ଟେନ୍ ରହିଥିଲେ ସିରିଜର ପ୍ରଥମରେ ପରାଜୟ ପରେ ଦଳ ଫର୍ମକୁ ଫେରିଥିଲା। ଦ୍ୱିତୀୟ ମ୍ୟାଚ୍‌ରରୁ ଦଳ ଲଗାତାର ଜିମ୍ବାୱେକୁ ହରାଇ ୪-୧ରେ ସିରିଜ୍ କବ୍‌ଜା କରିଥିଲା।। ଏହାକୁ ନେଇ ବିସିସିଅ।ଇର ପୂର୍ବତନ ମୁଖ୍ୟ ଚୟନକର୍ତ୍ତା ସବା କରିମ୍ ନିଜ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ ଶୁଭମନଙ୍କ ଅଧିନାୟକତ୍ୱରେ ପ୍ରଭାବିତ ହୋଇଛନ୍ତି। କିନ୍ତୁ ଜଣେ ପ୍ରତିଭାଶାଳୀ ଓପନର ଭାବେ ତାଙ୍କର ନିରନ୍ତରତାରେ କମି ରହିଥିବା ସେ କହିଛନ୍ତି।

# କ୍ରିକେଟର୍‌ଙ୍କୁ କଡ଼ା ଚେତାବନୀ ଦେଲା ପାକିସ୍ତାନ କ୍ରିକେଟ ବୋର୍ଡ

ଇସଲାମାବାଦ୍, ୧୬।୭(ଏଜେନ୍ସି): ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ମୋହସିନ ନକଭି ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ପ୍ରତ୍ୟେକ ଖେଳାଳିଙ୍କୁ ତିନି ମାସ ମଧ୍ୟରେ ଫିଟନେସ ପରୀକ୍ଷା କରାଯିବ ପିସିବି। ଏହି ନିଷ୍ପତ୍ତି ନେଇଥିବା ଦୃଷ୍ଟିରେ ରଖି ଟି-୨୦ ବିଶ୍ୱକପରେ ପାକିସ୍ତାନୀ ଖେଳାଳିଙ୍କ ଫିଟନେସ ଉପରେ ପ୍ରଶ୍ନ ଉଠିଥିଲା ମୋହସିନ ନକଭି। ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି, ଯେଉଁମାନେ ଶୃଙ୍ଖଳା ଏବଂ ନିୟମ ଭାଙ୍ଗନ୍ତି ସେମାନଙ୍କୁ ବରଦାସ୍ତ କରାଯିବ ନାହିଁ।

ପିସିବି ମୁଖ୍ୟ ମଧ୍ୟ ସମସ୍ତ ଖେଳାଳିଙ୍କୁ ଗ୍ରୁପିଂ କରିବା ବିଷୟରେ ଚେତାବନୀ ଦେଇଛନ୍ତି ୨୦୨୪ ଟି-୨୦ ବିଶ୍ୱକପରେ ପାକିସ୍ତାନ ଦଳର ଖରାପ ପ୍ରଦର୍ଶନ ପରେ ପିସିବି ଏହି ନିର୍ଦ୍ଦେଶ ଦେଇଛି। ପିସିବି ବର୍ତ୍ତମାନ ପାକିସ୍ତାନୀ ଖେଳାଳିଙ୍କ ପାଇଁ କଡା ନିୟମ କରିବାକୁ ଜୋର ଦେଇଛି।

ପାକିସ୍ତାନ କ୍ରିକେଟ ବୋର୍ଡର ଏକ ବିବୃତ୍ତିରେ ମୋହସିନ ନକଭି କହିଛନ୍ତି, ଅନୁଶାସନରେ କୌଣସି ଆପୋଷ ବୁଝାମଣା ହେବ ନାହିଁ। ଶୃଙ୍ଖଳା



ଉଲ୍ଲଂଘନ କରୁଥିବା ଖେଳାଳିଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଲାଗୁ ହେବ ଦଳ ମଧ୍ୟରେ ଏକତା ଏବଂ ସହମତି ରହିବା ଉଚିତ୍ ଦଳକୁ ବିଭାଜନ କିମ୍ବା ଗ୍ରୁପ କରିବା ଇଚ୍ଛା ବରଦାସ୍ତ କରାଯିବ ନାହିଁ। ୨୦୨୪, ଟି-୨୦ ବିଶ୍ୱକପରେ ପାକିସ୍ତାନ ଦଳକୁ ପ୍ରଥମେ ଆମେରିକା ଏବଂ ପରେ ଭାରତ ବିପକ୍ଷରେ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା ବାବର ଆଜମଙ୍କ ଦଳ ସୁପର-୮ରେ ମଧ୍ୟ ସ୍ଥାନ ପାଇ ନ ଥିଲା ଏବଂ ଦଳ ଲିଗ ପର୍ଯ୍ୟାୟରେ ଟୁର୍ନାମେଣ୍ଟରୁ ବାଦ ପଡିଥିଲେ।

# ଟି-୨୦ରେ କିଏ ହେବେ ଓପନର ?

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ଟି-୨୦ ୨୦୨୪ ବିଶ୍ୱ ବିଜେତା ହୋଇଛି। ଏହା ପରେ ଶୁବମନ ଗିଲଙ୍କ ନେତୃତ୍ୱରେ ଭାରତୀୟ ଦଳ ଜିମ୍ବାୱେ ସିରିଜକୁ ଜିତି ନେଇଛି ।୫ଟି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାକୁ ୪-୧ରେ କବଜ୍ କରିଛି ଦଳ। ଏବେ ଟିମ୍ ଇଣ୍ଡିଆ ଶ୍ରୀଲଙ୍କା ଅଭିଯାନରେ ଯିବ ଏନେଇ ମଙ୍ଗଳବାର ଭାରତୀୟ ଦଳ ଘୋଷଣା ହୋଇପାରେ ବୋଲି କୁହାଯାଉଛି ।

ଶ୍ରୀଲଙ୍କା ଗସ୍ତରେ ଟିମ୍ ଇଣ୍ଡିଆ ୩ଟି ମ୍ୟାଚ୍ ବିଶିଷ୍ଟ ଓ୍ୱାନଡେ ସିରିଜ୍ ଏବଂ ୩ଟି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବ। ବିସିସିଅ।ଇ ପକ୍ଷରୁ ଏହି ଦୁଇ ସିରିଜ୍ ପାଇଁ ସିଡ୍ୟୁଲ୍ ଜାରି କରାଯାଇଛି। କେବଳ ଦଳ ଘୋଷଣା ବାକି ରହିଛି। ଅନ୍ୟପଟେ ଭାତୀୟ ଟିମର ନବ ନିଯୁକ୍ତ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ଏହା ପ୍ରଥମ ଗସ୍ତ ହେବ।

ସୂଚନା ଅନୁଯାୟୀ, ଶ୍ରୀଲଙ୍କା ଟୁର୍ ପାଇଁ ମଙ୍ଗଳବାର ଅର୍ଥାତ ଆଜି ଟିମ୍ ଇଣ୍ଡିଅ।ର ୧୫ ଜଣିଅ। ସ୍କ୍ୱାଡ୍ ଘୋଷଣା ହୋଇପାରେ। ତେବେ ଟି-୨୦ ଇଣ୍ଟର ନ୍ୟାସନାଲରୁ ସନ୍ନ୍ୟାସ ନେଇଥିବା ବିଶ୍ୱକପ ବିଜେତା ଅଧିନାୟକ ରୋହିତ ଶର୍ମା, ବିରାଟ୍ କୋହିଲ ଓ ଯଶପ୍ରୀତ ବୁମରା ଶ୍ରୀଲଙ୍କା ସିରିଜରୁ ଦୂରେଇ ରହିଛନ୍ତି। ତାଙ୍କୁ ବିସିସିଅ।ଇ ବିଶ୍ରାମ ଦେଇଛି। ଏଭଳି ସ୍ଥିତିରେ ଟି-୨୦ ସିରିଜ୍ ପାଇଁ ହାର୍ଦ୍ଦିକ୍ ପାଣ୍ଡ୍ୟା ଓ ଦିନିକିଆ ପାଇଁ କେଏଲ ରାହୁଲଙ୍କୁ ଅଧିନାୟକ ଦାୟିତ୍ୱ ମିଳିପାରେ।

ଏହାରି ଭିତରେ ଚୟନକର୍ତ୍ତା ଓ କୋଚ୍‌ଙ୍କ ପାଇଁ ବଡ଼ ଟେନସନ ହେଉଛି ଟିମ୍ ଇଣ୍ଡିଅ।ର ନୂଆ। ଓପନିଂ ଯୋଡ଼ି ଖୋଜିବା ଟି-୨୦ ବିଶ୍ୱକପ୍ ୨୦୨୪ରେ ଟିମ୍ ମ୍ୟାଜମେଣ୍ଟ ଓପନିଂ ଯୋଡ଼ିକୁ ନେଇ ଏକ୍ସପେରିମେଣ୍ଟ କରିଥିଲା। ପୂରା ଟୁର୍ଣ୍ଣାମେଣ୍ଟରେ ଅଧିନାୟକ ରୋହି୍ ଶର୍ମା ଓ ବିରାଟ୍ କୋହଲି ଓପନିଂ କରିଥିଲେ। ଏହି ଦୁଇ ଖେଳାଳି ସନ୍ନ୍ୟାସ ନେବା ପରେ ଜିମ୍ବାୱେ ସିରିଜରେ ନୂଆ। ଓପନିଂ ଯୋଡ଼ି ପଡ଼ିଆକୁ ଓହ୍ଲାଇଥିଲେ। ପ୍ରଥମ ଦୁଇଟି ମ୍ୟାଚରେ ଶୁବମନ ଗିଲ୍ ଏବଂ ଅଭିଷେକ୍ ଶର୍ମା ପରେ ଶୁବମନ ଗିଲ୍ ଓ ଯସଶ୍ରୀ ଜୈସ୍ୱାଲ୍ ଓପନର ଭାବେ ଦାୟିତ୍ୱ ତୁଲାଇ ଥିଲେ ।

କୁହାଯାଉଛି, ଶ୍ରୀଲଙ୍କା ଟି-୨୦ ସିରିଜରେ ଶୁବମନ ଗିଲଙ୍କୁ ସୁଯୋଗ ମିଳିନପାରେ ନୂଆ ମୁଖ୍ୟ କୋଚ୍ ଅଭିଷେକ୍ ଶର୍ମାଙ୍କ ସହିତ ଯସସ୍ୱୀ ଜୈସ୍ୱାଲଙ୍କୁ ଓପନର ଭାବେ ପଡ଼ିଆକୁ ଓହ୍ଲାଇ ପାରନ୍ତି। ଏହାଛଡ଼ା ଋତୁରାଜ୍ ଗାଏକ୍ୱାଡ୍ ଓ ସାଇ ସୁଦର୍ଶନଙ୍କ ଉପରେ ମଧ୍ୟ ଏକ୍ସପେରିମେଣ୍ଟ କରିପାରନ୍ତି।

## ଅନନ୍ତ-ରାଧିକାଙ୍କ ବିବାହ କାର୍ଯ୍ୟକ୍ରମକୁ ଆସିଲେନି ବିରୁଷ୍କା


ମୁମ୍ବାଇ, ୧୬।୭(ଏଜେନ୍ସି): ଭାରତର ସବୁଠୁ ଧନୀକ ବ୍ୟକ୍ତି ମୁକେଶ ଅମ୍ବାନୀଙ୍କ ସାନ ପୁଅ ଅନନ୍ତଙ୍କ ବିବାହ ରାଧିକାଙ୍କ ସହ ଶେଷ ହୋଇଛି। ବିବାହ ପୂର୍ବରୁ ଓ ପରେ ଅନେକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ଅମ୍ବାନୀ ପରିବାର। ଏଥିରେ ଅନେକ କଳାକାର, କ୍ରିକେଟର ଓ ରାଜନେତା ଯୋଗ ଦେଇଥିବା ବେଳେ ଭାରତର ଷ୍ଟାର କ୍ରିକେଟର ବିରାଟ କୋହଲି ଓ ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କୁ କୌଣସି କାର୍ଯ୍ୟକ୍ରମରେ ଦେଖାଯାଇନଥିଲା ।ଦୁହେଁ ଏବେ ନିଜ ପିଲାମାନଙ୍କ ସହ ଲଣ୍ଡନରେ ଥିବା ବେଳେ କୌଣସି ପାର୍ଟିରେ ଯୋଗ ନଦେଇ ବିଭିନ୍ନ କୀର୍ତ୍ତନ କାର୍ଯ୍ୟକ୍ରମକୁ ଯାଉଥିବା ଦେଖାଯାଇଛି ।

ଭାରତର ଷ୍ଟାର କ୍ରିକେଟର ବିରାଟ କୋହଲି ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତିବା ପରେ ପରେ ଦେଶବାସୀଙ୍କ ସହ ଖୁସି ପାଳନ କରି ଲଣ୍ଡନ ଚାଲିଯାଇଥିଲେ ଅମ୍ବାନୀ ପରିବାରରେ ବିବାହ ଥିବାରୁ ଦୁହେଁ ଭାରତ ଫେରିବେ ବୋଲି ଆଶା କରାଯାଉଥିଲା। ହେଲେ ଦୁହେଁ ଭାରତ ନଫେରି ଲଣ୍ଡନରେ ବିଭିନ୍ନ କୀର୍ତ୍ତନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ପୂର୍ବରୁ ଦୁହେଁ ଇସ୍କନ ମନ୍ଦିର ଯାଇ କୀର୍ତ୍ତନରେ ଯୋଗଦେଇଥିବାର ଭିଡିଓ ଭାଇରାଲ ହୋଇଥିଲା। ଏବେ ଦୁହେଁ ପୁଣି ଏକ କୀର୍ତ୍ତନ କାର୍ଯ୍ୟକ୍ରମକୁ ଯାଇଥିବା ଦେଖାଯାଇଛି। ରବିବାର ଅନୁଷ୍କା ନିଜ ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରି କୃଷ୍ଣ ଦାସଙ୍କୁ ଟ୍ୟାଗ କରିଥିବା ଦେଖାଯାଇଥିଲା। ଭିଡିଓରେ ଦୁହେଁ ହସିବା ସହ ତାଳି ମାରୁଥିଲେ ।

# କ୍ରିକେଟ୍ ଷ୍ଟାଡିୟମରେ ହେବନି ତମାଖୁ ଓ ଗୁଟଖା ପ୍ରଚାର !

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଭାରତରେ କ୍ରିକେଟ୍ ମ୍ୟାଚ୍ ସମୟରେ ଟିଭି ବିଜ୍ଞାପନ ଠାରୁ ଆରମ୍ଭ କରି ହୋର୍ଡିଂ ପର୍ଯ୍ୟନ୍ତ ଅନେକ ପ୍ରକାରର ବିଜ୍ଞାପନ ଦେଖାଯାଏ ବୋର୍ଡ ଅଫ୍ କଣ୍ଟ୍ରୋଲ୍ ଫର୍ କ୍ରିକେଟ୍ ଇନ୍ ଇଣ୍ଡିଆ (ବିସିସିଅ।ଇ) ଏହି ବିଜ୍ଞାପନ ମାଧ୍ୟମରେ ବହୁତ ରୋଜଗାର କରେ କିନ୍ତୁ ବର୍ତ୍ତମାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏକ ବଡ ନିଷ୍ପତ୍ତି ନେବାକୁ ଯାଉଛି।ସେହି ବିଜ୍ଞାପନଗୁଡ଼ିକୁ ବନ୍ଦ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବିଶେଷ ପ୍ରସ୍ତୁତି କରୁଛି, ଯାହାକୁ ବଲିଉଡର ସେଲିବ୍ରିଟି ତଥା ପୂର୍ବତନ କ୍ରିକେଟରମାନେ ମଧ୍ୟ ପ୍ରୋତ୍ସାହିତ କରୁଥିବା ଦେଖିବାକୁ ମିଳିଛି କ୍ରିକେଟ୍ ମ୍ୟାଚ୍ ସମୟରେ ତମାଖୁ ବିଜ୍ଞାପନକୁ ବ୍ୟାପକ ଭାବରେ ପ୍ରୋତ୍ସାହିତ କରାଯାଇଛି। କିନ୍ତୁ ଏପରି ଶୋ ଅଫ୍ କରାଯିବ ନାହିଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଷ୍ଟାଡିୟମରେ ରଖାଯାଇଥିବା 'ତମାଖୁ' ଏବଂ 'ଗୁଟଖା'ର ହୋର୍ଡିଂ ଉପରେ ପ୍ରତିବନ୍ଧକ ଲଗାଇବାକୁ ଯାଉଛି। ଯୁବ ଜନସଂଖ୍ୟା ମଧ୍ୟରେ କ୍ରିକେଟ୍ ମ୍ୟାଚ୍ ବହୁତ ଲୋକପ୍ରିୟ ଅନେକ ଘଟଣା ଘଟିଛି। ଯେଉଁଠାରେ କ୍ରିକେଟ୍ ମ୍ୟାଚ୍ ଏବଂ ସେଲିବ୍ରିଟି ବିଜ୍ଞାପନ ସମୟରେ ଧୂମ୍ରପାନ ନଥିବା ତମାଖୁ ବିଜ୍ଞାପନ ଦେଖାଯାଇଛି।ଯାହା ନିଜ ଆଡକୁ ଅନେକ ଯୁବକଙ୍କୁ ଆକର୍ଷିତ କରିଥାଏ। ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍‌ଆର) ଏବଂ ବିଶ୍ ସ୍ୱାସ୍ଥ୍ୟ ସଂଗଠନ ଭିଟାଲ୍ ଷ୍ଟାଟେଜୀ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି। ଯେ ୨୦୨୩ ମସିହାରେ ଧୂମ୍ରପାନହୀନ ତମାଖୁ ବ୍ରାଣ୍ଡ ପାଇଁ ସମସ୍ତ ସରୋଗେଟ୍ ବିଜ୍ଞାପନର ୪୧.୩% କ୍ରିକେଟ୍ ବିଶ୍ୱକପର ଶେଷ ୧୭ଟି ମ୍ୟାଚ୍ ସମୟରେ ପ୍ରସାରିତ ହୋଇଥିଲା।




# କୋହଲି-ଗମ୍ଭୀର ମୁହାଁମୁହିଁର ସତ କହିଲେ ଅମିତ ମିଶ୍ର

**କୋଲକାତା, ୧୬।୭(ଏଜେନ୍ସି):** ମଝି ପଡ଼ିଆରେ ବିରାଟ କୋହଲି ଏବଂ ଗୌତମ ଗମ୍ଭୀରଙ୍କ ମଧ୍ୟରେ ଚାଲିଥିବା ମୁହାଁମୁହିଁ ସ୍ଥିତି ଇଣ୍ଡିଅ।ନ ପ୍ରିମିୟର ଲିଗ୍ (ଆଇପିଏଲ)ର ଶେଷ ସଂସ୍କରଣରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ (ଏଲଏସଜି) ଖେଳାଳି ନବୀନ ଉଲ୍ ହକ୍‌ଙ୍କଠାରୁ ଏହା ଆରମ୍ଭ ହୋଇଥିଲା ଏହା ପରେ ଦୁଇ ଖେଳାଳିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା।



ଏହା ପରେ ଗୌତମ ଗମ୍ଭୀର ମଧ୍ୟ ଏହି ବିବାଦକୁ ଡେଇଁଥିଲେ। ସେହି ସମୟରେ ନବୀନଙ୍କ ସହ ଏଲଏସଜି ପାଇଁ ଖେଳୁଥିବା ଅମିତ ମିଶ୍ର ପଡ଼ିଆରେ ଉପସ୍ଥିତ ଥିଲେ। ମିଶ୍ର ଏଥିରେ ହସ୍ତକ୍ଷେପ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଯୁକ୍ତିତର୍କ ବଢ଼ିବାରେ ଲାଗିଥିଲା। ତେବେ ପରେ ଗେତମ ଗମ୍ଭୀର, ନବୀନ ଉଲ ହକ୍ ଏବଂ ବିରାଟ କୋହଲିଙ୍କ ମଧ୍ୟରେ ସବୁକିଛି ସ୍ୱାଭାବିକ ହୋଇଗଲା। ବର୍ତ୍ତମାନ ଗମ୍ଭୀର ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ହୋଇଛନ୍ତି। ଏହି ବିବାଦର ପୁରା କାହାଣୀ ଅମିତ ମିଶ୍ର ନିଜେ ପ୍ରକାଶ କରିଛନ୍ତି। ଗମ୍ଭୀର ନୀରବ ରହିବାକୁ ସଙ୍କେତ ଦେଇଥିଲେ ବୋଲି ଏଲଏସଜି ଖେଳାଳି ଅମିତ ମିଶ୍ର ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି। ବେଙ୍ଗାଲୁରୁରେ ଏଲଏସଜି ଏବଂ ଆରସିବି ମଧ୍ୟରେ ମ୍ୟାଚ ସମୟରେ ଏହା ଆରମ୍ଭ ହୋଇଥିଲା। ଯେଉଁଠାରେ ଗୌତମ ଗମ୍ଭୀର ତାଙ୍କ ପାଟିରେ ଆଙ୍ଗୁଠି ରଖିଥିଲେ ଏବଂ କୋଳାହଳକାରୀ ଆରସିବି ପ୍ରଶଂସକମାନଙ୍କୁ ଚୁପ୍ ରହିବାକୁ ସୂଚାଇ ଦେଇଥିଲେ। ମିଶ୍ରଙ୍କ ଅନୁଯାୟୀ, ଆମେ ସମସ୍ତେ ଅନୁଭବ କରିଥିଲୁ ଯେ ମ୍ୟାଚ୍ ପରେ ଏହା ସମାପ୍ତ ହୋଇଛି, କିନ୍ତୁ ବୋଧହୁଏ ବିରାଟ କୋହଲିଙ୍କୁ ଏସବୁ ପସନ୍ଦ ଆସିନାହିଁ।

ତାପରେ ଯେତେବେଳେ ପୁଣି ଥରେ ଏଲଏସଜି ବନାମ ଆରସିବି ମ୍ୟାଚ୍ ହେଲା, ବିରାଟ କୋହଲି ଏଲଏସଜି ଖେଳାଳିଙ୍କୁ ଦୁର୍ବ୍ୟବହାର କରିବା ଆରମ୍ଭ କଲେ। ଯଦିଓ କାଇଲ୍ ମେୟରଙ୍କ ପକ୍ଷରୁ କୌଣସି ଅଭିଯୋଗ ନ ଥିଲା, ସେ ମଧ୍ୟ ତାଙ୍କୁ ଦୁର୍ବ୍ୟବହାର କରିବା ଆରମ୍ଭ କରିଥିଲେ। ଯେତେବେଳେ ନବୀନ ଉଲ ହକ୍ ତାଙ୍କୁ ଦୁର୍ବ୍ୟବହାର କରୁଥିଲେ, ସେ ମଧ୍ୟ ତାଙ୍କୁ ଦୁର୍ବ୍ୟବହାର କରୁଥିଲେ।

ମୁଁ ଭାବୁଛି କିଛି ଜିନିଷକୁ ଏଡାଇ ଦିଆଯାଇପାରିଥାନ୍ତା, କିନ୍ତୁ କୋହଲି ତାହା କରିନାହାନ୍ତି। ଯେତେବେଳେ ମୁଁ ନବୀନଙ୍କ ସହ ବ୍ୟାଟିଂ କରୁଥିଲି, ସେ ମଧ୍ୟ ମୋ ସହ ଯୁକ୍ତିତର୍କ ଆରମ୍ଭ କରିଥିଲେ। ମୁଁ କୋହଲିଙ୍କୁ ପଚାରିଥିଲି ଆପଣ କାହା ସହିତ କଥାବାର୍ତ୍ତା କରୁଛନ୍ତି ? ନବୀନ ଜଣେ ଯୁବ ଖେଳାଳି ଏବଂ ଆପଣଙ୍କ ଖ୍ୟାତି ପାଖରେ ତାଙ୍କର ସ୍ଥିତି ନାହିଁ। ଏହା ଉପରେ ସେ ମୋତେ ଏହା ବୁଝାଇବାକୁ କହିଥିଲେ ତାପରେ ମ୍ୟାଚ୍ ପରେ ମଧ୍ୟ ଏହି ଘଟଣା ଶାନ୍ତ ହୋଇ ନ ଥିଲା। କୋହଲି କରମର୍ଦ୍ଦନ କରିବା ସମୟରେ ପୁନର୍ବାର ଦୁର୍ବ୍ୟବହାର ଆରମ୍ଭ କରିଥିଲେ। ଏହା ପରେ ଗମ୍ଭୀର ଏହି ଘଟଣାରେ ହସ୍ତକ୍ଷେପ କରି ମ୍ୟାଚ ଶେଷ ହେବା ପରେ ଏଭଳି ବ୍ୟବହାରର ଆବଶ୍ୟକତା କଣ ବୋଲି ପଚାରିଥିଲେ। ମୁଁ ଗମ୍ଭୀରଙ୍କୁ ସେଠାରୁ ହଟାଇ ଦେଇଥିଲି। ମିଶ୍ର କହିଛନ୍ତି ଯେ ଯଦିଓ ଉଭୟଙ୍କ ମଧ୍ୟରେ ସବୁକିଛି ସମାପ୍ତ ହୋଇଛି, କିନ୍ତୁ ବର୍ତ୍ତମାନ ମୁଁ ଭାବୁନାହିଁ ଯେ ନବୀନ ଉଲ ହକ୍ ବିରାଟ କୋହଲିଙ୍କୁ କେବେ ସମ୍ମାନ କରିବେ।

## ଗୁଜରାଟ ଟାଇଟନ୍ସ ବାଧ ହୋଇ ଗିଲଙ୍କୁ ଅଧିନାୟକ କରିଥିଲା

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଗୁଜରାଟ ଟାଇଟନ୍ସ ବାଧ ହୋଇ ଶୁଭମନ ଗିଲଙ୍କୁ ଅଧିନାୟକ କରିଥିଲା ଶୁଭମନଙ୍କ ପାଖରେ ଅଧିନାୟକ ହେବାର ଯୋଗ୍ୟତା ନାହିଁ ଭାରତୀୟ କ୍ରିକେଟ ଟିମର ବରିଷ୍ଠ ଲେଗ୍ ସ୍ପିନର ଅମିତ ମିଶ୍ରା ଏଭଳି କହି ଏବେ ଚର୍ଚ୍ଚାରେ ଅଛନ୍ତି। ସାମ୍ବାଦିକ ଶୁଭଙ୍କର ମିଶ୍ରାଙ୍କ ୟୁଟ୍ୟୁବ ଚ୍ୟାନେଲକୁ ଦେଇଥିବା ଏକ ସାକ୍ଷାତକାରରେ ଭାରତୀୟ ସ୍ପିନର, ଗିଲଙ୍କ ଅଧିନାୟକତ୍ୱ ଉପରେ ପ୍ରଶ୍ନ ଉଠାଇଛନ୍ତି। ଆଇପିଏଲ୍ ୨୦୨୪ରେ ଗିଲ୍ ଗୁଜୁରାଟ ଟାଇଟାନ୍ସର ଅଧିନାୟକତ୍ୱ କରିଥିବାବେଳେ ଜିମ୍ବାୱେ ବିପକ୍ଷ ଟି-୨୦ ସିରିଜରେ ତାଙ୍କୁ ଭାରତୀୟ ଦଳର ଅଧିନାୟକ କରାଯାଇଥିଲା। ଏନେଇ ଅମିତଙ୍କୁ ସାକ୍ଷାତକାରରେ ପଚାରାଯିବାରୁ ସେ କହିଥିଲେ ଯେ, ଗିଲଙ୍କର ଅଧିନାୟକତ୍ୱ ଉପରେ କୌଣସି ଧାରଣା ନାହିଁ। ମୁଁ ତାଙ୍କୁ ଆଇପିଏଲ ଖେଳୁଥିବା ଦେଖିଛି ଅଧିନାୟକତ୍ୱ କିଭଳି କରାଯାଏ ସେ ବିଷୟରେ ତାଙ୍କୁ ଜଣାନାହିଁ। ଅମିତ ମିଶ୍ରା ଆହୁରି କହିଛନ୍ତି, ସେତେବେଳେ ହାର୍ଦ୍ଦିକ ଦଳ ଛାଡିଥିଲେ ଗୁଜରାଟ ପାଖରେ ରସିଦ ଖାନଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ନଥିଲେ। ତେଣୁ ଗିଲଙ୍କୁ ଅଧିନାୟକ କରାଗଲା। ମୁଁ ଭାବୁନାହିଁ ଯେ, ସେ ଅଧିନାୟକ ହେବାକୁ ସକ୍ଷମ। ମୁଁ ଭାବୁ ନାହିଁ ଯେ ସେ ଭାରତର ଅଧିନାୟକ ହୋଇପାରିବେ। ଉଲ୍ଲେଖଯୋଗ୍ୟ, ଆଇପିଏଲ ୨୦୨୪ରେ ଗିଲଙ୍କ ଅଧିନାୟକତ୍ୱରେ ଗୁଜୁରାଟ ଦଳ ପଏଣ୍ଟ ଟେବୁଲରେ ଅଷ୍ଟମ ସ୍ଥାନରେ ଥିବାବେଳେ ଜିମ୍ବାୱେ ବିପକ୍ଷରେ ଖେଳାଯାଇଥିବା ୫ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜରେ ଭାରତ ୪-୧ରେ ଜିତିଥିଲା। ଏହି ସିରିଜରେ ଭାରତର ଅଧିନାୟକ ଥିଲେ। ଗିଲ୍ ଭବିଷ୍ୟତର ଅଧିନାୟକ ଭାବରେ ଗିଲଙ୍କୁ ବିବେଚନା କରାଯାଉଥିବା ବେଳେ ବର୍ତ୍ତମାନ ଅମିତ ମିଶ୍ରା ଗିଲଙ୍କ ଅଧିନାୟକତ୍ୱ ଉପରେ ପ୍ରଶ୍ନ ଉଠାଇ ପ୍ରଶଂସକଙ୍କ ମଧ୍ୟରେ ହଇଚଇ ସୃଷ୍ଟି କରିଛନ୍ତି।

## ବାରବୋରା କ୍ରେଜିସିକୋଭା ଓ୍ୱିମ୍ବଲଡନ୍ ଚାମ୍ପିଅନ

ନୂଆଦିଲ୍ଲୀ, ୧୬।୭(ଏଜେନ୍ସି): ଚେକ୍ ଗଣରାଜ୍ୟର ଟେନିସ୍ ଷ୍ଟାର ବାରବୋରା କ୍ରେଜିସିକୋଭା ଶନିବାର ମହିଳା ଏକକ ଫାଇନାଲରେ ଜାସମିନ୍ ପଓଲିନିଙ୍କୁ ହରାଇ ଓ୍ୱିମ୍ବଲଡନ୍ ଟାଇଟଲ୍ ନିଜ ନାଁରେ କରିଛନ୍ତି । ଏହାସହ ନିଜର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟ୍ରଫି ଜିତିଛନ୍ତି। ଫାଇନାଲ୍ ମ୍ୟାଚ୍ରେ କ୍ରେଜିସିକୋଭା ଇଟାଲୀର ଜାସମିନ୍ ପାଓଲିନିଙ୍କୁ ୬-୨, ୨-୬, ୬-୪ରେ ସେଟରେ ପରାସ୍ତ କରିଛନ୍ତି ।ଏହି ଫାଇନାଲ୍ ମୁକାବିଲା ୧ ଘଣ୍ଟା ୫୬ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ଫାଇନାଲରେ ପ୍ରଥମ ସେଟକୁ କ୍ରେଜିସିକୋଭା ଅତି ସହଜରେ ପାଓଲିନିଙ୍କୁ ପରାସ୍ତ କରିଥିଲେ। ଦ୍ୱିତୀୟ ସେଟରେ ଜବରଦସ୍ତ କମବ୍ୟାକ୍ କରି ମ୍ୟାଚକୁ ନିର୍ଣ୍ଣାୟକ ସେଟରେ ପହଞ୍ଚାଇଥିଲେ ଜାସମିନ୍ ଶେଷ ସେଟ୍ରେ ଜୋରଦାର ଫାଇଟ୍ ଦେଖିବାକୁ ମିଳିଥିଲା। ଆଉ ଏଥିରେ କ୍ରେଜିସିକୋଭା ବାଜିମାତ କରିଥିଲେ। ଏହି ବିଜୟ ସହ ୨୮ ବର୍ଷୀୟ ବାରବୋରା କ୍ରେଜିସିକୋଭା ଦ୍ୱିତୀୟ ଥର ଲାଗି ଗ୍ରାଣ୍ଡସ୍ଲାମ ଟାଇଟଲ୍ ହାସଲ କରିଛନ୍ତି ।


Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ